

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୮ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 DECEMBER 2021

Vol.No. 32 ■ No. 323 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅଖିଳେଶ ଯାଦବଙ୍କ ଟାର୍ଗେଟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୧୭/୧୨: ଥମୁନି ଉତ୍ତରପ୍ରଦେଶରେ ରାଜନୈତିକ ବିବାଦ । ଉତ୍ତରପ୍ରଦେଶରେ ଆରୋପ ପ୍ରତ୍ୟାରୋପର ଧାରା ଜାରି ରହିଛି । ଏହାରି ଭିତରେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଶୁକ୍ରବାର ପ୍ରେସ କନଫରେନସ କରି ଯୋଗୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି । କରୋନାର ଦ୍ୱିତୀୟ ଲହର ବେଳେ ରାଜ୍ୟରେ ଅକ୍ସିଜେନ ଅଭାବରୁ ଗୋଟିଏ ବି ମୃତ୍ୟୁ ହୋଇ ନଥିବା ଯୋଗୀ ସରକାର କେନ୍ଦ୍ରକୁ ରିପୋର୍ଟ ଦେବା ପରେ ଏହି ସାମ୍ବାଦିକ ସମ୍ମିଳନୀ କରିଛନ୍ତି ଅଖିଳେଶ । କୋଭିଡ୍ ମୃତ୍ୟୁକୁ ନେଇ ରାଜ୍ୟ ସରକାର ମିଛ କହୁଥିବା ସପା ନେତା ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି । ଉତରପ୍ରଦେଶରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ଥମିବାର ନାଁ ଧରୁନି । ବିଭିନ୍ନ ବିଷୟକୁ କେନ୍ଦ୍ର କରି ଯୋଗୀ ସରକାରଙ୍କୁ ଘେରିଛି ସମାଜବାଦୀ ପାର୍ଟି । ଏବେ ସମାଜବାଦୀ ପାର୍ଟି ମୁଖିଆ ଅଖିଳେଶ ଯାଦବ ଯୋଗୀ ସରକାରଙ୍କୁ ମିଛୁଆ କହିଛନ୍ତି । ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ କରିଛନ୍ତି ଟାର୍ଗେଟ । ମୁଖ୍ୟମନ୍ତ୍ରୀ ଯୋଗୀ, କରୋନାର ଦ୍ୱିତୀୟ ଲହରବେଳେ ଅକ୍ସିଜେନ ଅଭାବରୁ କାହାର ମୃତ୍ୟୁ ହୋଇନଥିବା କହିବା ପରେ, ତାଙ୍କୁ ମିଛୁଆ ବୋଲି କହିଛନ୍ତି ଅଖିଳେଶ । ଅକ୍ସିଜେନ ଅଭାବରୁ ଲୋକମାନେ ନିଜ ଲୋକଙ୍କୁ ହରାଇବା ସହ ଅକ୍ସିଜେନ ପାଇଁ ଜନସାଧାରଣ ବାର ଦୂଆର ଘୁରିବୁଲୁଥିବା କଥା ଉଠାଇଛନ୍ତି ସପା ନେତା । ୟୁପି ବିଧାନପରିଷଦରେ କଂଗ୍ରେସ ଏମଏଲସିଙ୍କ ପ୍ରଶ୍ନପରେ ଘନେଇଥିଲା ବିବାଦ । ରାଜ୍ୟରେ କରୋନାର ଦ୍ୱିତୀୟ ଲହରବେଳେ ଅମ୍ଳଜାନ ଅଭାବରୁ କେତେଜଣ ରୋଗୀଙ୍କ ମୃତ୍ୟୁ ହୋଇଥିଲା ବୋଲି ପ୍ରଶ୍ନ କରିଥିଲେ ବିରୋଧୀ । ଯାହାର ଜବାବରେ ୟୁପି ସ୍ୱାସ୍ଥ୍ୟ ମନ୍ତ୍ରୀ ଜୟପ୍ରତାପ ସିଂହ ଉତ୍ତର ରଖିଥିଲେ କରୋନାର ଦ୍ୱିତୀୟ ଲହରରେ କୌଣସି ବ୍ୟକ୍ତିଙ୍କର ଅକ୍ସିଜେନ ଅଭାବରୁ ଜୀବନ ଯାଇନାହିଁ । କରୋନାର ୨ୟ ଲହରରେ ସାରା ଦେଶରୁ ଅକ୍ସିଜେନ ଅଭାବରୁ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଖବର ସାମନାକୁ ଆସିଥିଲା । ଆଉ ଏହି ପ୍ରସଙ୍ଗକୁ ଏବେ ଅନ୍ୟତମ ପ୍ରମୁଖ ପ୍ରସଙ୍ଗ କରିଛି ବିରୋଧୀ ଦଳ । ଉତ୍ତରପ୍ରଦେଶରେ ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ରାଜନୈତିକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ବଢୁଛି । ଏହାରି ଭିତରେ ଉତ୍ତରପ୍ରଦେଶକୁ ପ୍ରଧାନମନ୍ତ୍ରୀ ତୁହାକୁ ତୁହା ଗସ୍ତ କରୁଛନ୍ତି ପ୍ରଧାନମନ୍ତ୍ରୀ । ଏମିତିକି ମଞ୍ଚରେ ସିଧାସଳଖ ସମାଜବାଦୀ ପାର୍ଟିକୁ ଟାର୍ଗେଟ ମଧ୍ୟ କରୁଛନ୍ତି । ପ୍ରତିଉତ୍ତରରେ ଅଖିଳେଶଙ୍କ ଟିମ ତରଫରୁ କଡା ଜବାବ ମଧ୍ୟ ଦିଆଯାଉଛି । ଏହାରି ଭିତରେ ଦେଶର ବଡ ଗଡରେ କିଏ ନିଜ ଦଳର ବାନା ଉଡେଉଛି ତାହା ଦେଖିବାକୁ ବାକି ରହିଲା ।

## କେନ୍ଦ୍ରାପଡାରେ ହେବ ବୃହତ୍ ଷ୍ଟିଲ୍ ପ୍ଲାଂଟ୍




ଭୁବନେଶ୍ୱର,୧୭/୧୨ (ନି.ପ୍ର): ଆର୍ସେଲର ମିତଲ ନିପନ ଷ୍ଟିଲ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାଠାରେ ମୋଟ ୧,୦୨,୨୭୫ କୋଟି ଟଙ୍କାରେ ସମନ୍ୱିତ ଷ୍ଟିଲ ପ୍ଲାଂଟ ସ୍ଥାପନ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହାଇଲେଭଲ କ୍ଲିୟରାନ୍ସ ଅଥୋରିଟି ବୈଠକରେ ଏହି ପ୍ରସ୍ତାବକୁ ମଂଜୁରୀ ମିଳିଛି। ବାର୍ଷିକ ୨୪ ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତା ରଖୁଥିବା ଏହି ପ୍ଲାଂଟ ୧୬ହଜାରରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ତଥା ପରୋକ୍ଷ ନିଯୁକ୍ତି ସୃଷ୍ଟି କରିପାରିବ। ଘୋଷିତ ଏହି ବୃହତ ପ୍ରକଳ୍ପଟି ସମଗ୍ର ଦେଶରେ ସର୍ବବୃହତ ଇସ୍ପାତ କାରଖାନାର ମାନ୍ୟତା ହାସଲ କରିବ। କେନ୍ଦ୍ରାପଡ଼ାର ନିଜ ଉତ୍ପାଦନ କ୍ଷେତ୍ରରେ ଆର୍ସେଲର ମିତଲ ନିପନ ଷ୍ଟିଲ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରି ପରିବେଶ ଅନୁକୂଳ ଓ ବହୁବିଧ ବିଶେଷତାସମ୍ପନ୍ନ ଇସ୍ପାତ ଉତ୍ପାଦନ କରିବ। ଏହି ପ୍ଲାଂଟ ବାର୍ଷିକ ୧୮.୭୫ ମେଟ୍ରିକ ଟନ୍ ସିମେଂଟ ଉତ୍ପାଦନ କରିବାର କ୍ଷମତା ପ୍ରାପ୍ତ ହେବ. ଯାହା କେବଳ ଏହି କାରଖାନାକୁ ଦେଶର ଅନ୍ୟତମ ସର୍ବବୃହତ ସିମେଂଟ କାରଖାନାରେ ପରିଣତ ହେବାର ଗୌରବ ପ୍ରଦାନ କରିବ ନାହିଁ ବରଂ ଅଂଚଳର ଭିତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଇସ୍ପାତ କମ୍ପ୍ଲେକ୍ସ ସହିତ କମ୍ପାନି ଅନୁପ୍ରବାହ ପ୍ରକଳ୍ପ ପାର୍କ ପ୍ରକଳ୍ପ ପ୍ରତିଷ୍ଠା କରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରିବ। କେନ୍ଦ୍ରାପଡ଼ାର ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ବିକଶିତ ଭିତିଭୂମି ସୁବିଧା ଗମନାଗମନ ସହ ଅଞ୍ଚଳର ସାମଗ୍ରିକ ବିକାଶରେ ବେଶ ସହାୟକ ହେବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି କାରଖାନାରେ ଉତ୍ପାଦିତ ହେବାକୁ ଥିବା ଇସ୍ପାତ ବିଶ୍ୱ ମାନଚିତ୍ରରେ କେନ୍ଦ୍ରାପଡା ଓ ଓଡ଼ିଶାର ▶▶ପୃଷ୍ଠା ୭

## କୋଟିଏ ଟଙ୍କାର ଜୋରିମାନା ଲଗାଇଲେ କେଜ୍ରିଓ୍ୱାଲ ସରକାର



ନୂଆଦିଲ୍ଲୀ,୧୭/୧୨: ଭାରି ପଡିଲା ନିୟମ ଉଲ୍ଲଘନ । ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଲାଗୁ ହୋଇଥିବା କଟକଣା ନମାନିବାରୁ ଘରୋଇ ନିର୍ମାଣ ସଂସ୍ଥାକୁ ଲାଗିଛି କୋଟିଏ ଟଙ୍କାର ଜରିମାନା । ସରକାରଙ୍କ ଯେତେ କଟକଣା ସତ୍ତ୍ୱେ, ରାଜଧାନୀରେ ପ୍ରଦୂଷଣ ମାତ୍ରା କମିବାର ନାଁ ନେଉନାହିଁ । ଯାହାକୁ ନେଇ ଚିନ୍ତାରେ ଦିଲ୍ଲୀ ବାସୀ । ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣର ସ୍ତର କମିବାର ନା ନେଉନାହିଁ । ଯାହାକୁ ନେଇ ଏବେ ବି ରାଜଧାନୀରେ ସରକାରଙ୍କ କଟକଣା ବଳବତ୍ତର ରହିଛି । ସହରରେ ପ୍ରଦୂଷଣ କମାଇବା ପାଇଁ ଦିଲ୍ଲୀ ସରକାର ନିର୍ମାଣ କାର୍ଯ୍ୟ ଉପରେ ରୋକ ଲଗାଇଛନ୍ତି । କିନ୍ତୁ ନିୟମର ଖୋଲା ଉଲଂଘନ କରି କାମ ଚାଲିଥିବାର ଦେଖିବାକୁ ମିଳିଛି । ନେତାଜୀ ନଗରରେ ନିର୍ମାଣ କାର୍ଯ୍ୟ ଚାଲିଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ଯାହାକୁ ନେଇ କେଜ୍ରିଓ୍ୱାଲ ସରକାର ଆକ୍ସନ ମୋଡକୁ ଆସିଛନ୍ତି । ଘରୋଇ ନିର୍ମାଣ ସଂସ୍ଥା ଉପରେ କୋଟିଏ ଟଙ୍କାର ଜରିମାନା ଲଗାଇଛନ୍ତି କେଜ୍ରିଓ୍ୱାଲ ସରକାର । ନିୟମ ଉଲଂଘନ ହେବାପରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି ପରିବେଶ ମନ୍ତ୍ରୀ ଗୋପାଳ ରାଏ । ବଢୁଥିବା ପ୍ରଦୂଷଣକୁ ନିୟନ୍ତ୍ରଣକୁ ଆଣିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ସହରରେ ନିର୍ମାଣ କାମ ବନ୍ଦ କରିବା ସହ ସହର ଭିତରେ ଭାରିଯାନ ପ୍ରବେଶ ନେଇ ମଧ୍ୟ ପ୍ରତିବନ୍ଧକ ଲଗାଯାଇଛି । କିନ୍ତୁ ତଥାପି ପ୍ରଦୂଷଣ କମିବାର ନା ନେଉନାହିଁ । ଯାହାକୁ ନେଇ ଏବେ ଚିନ୍ତାରେ ଦିଲ୍ଲୀ ବାସି । ବାୟୁର ମାନ ବର୍ତ୍ତମାନ ମଧ୍ୟ ଖରାପ ରହିଛି । ଫଳରେ ନିଶ୍ୱାସ ନେବାରେ ଅସୁବିଧା, ଗଳା ଦରଜ, ଆଖି ପୋଡାଜଳା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଦିଲ୍ଲୀ ବାସୀ । ବିଭିନ୍ନ ପଦକ୍ଷେପ ନେବା ସତ୍ତ୍ୱେ ମଧ୍ୟ ପ୍ରଦୂଷଣ ସ୍ତର କମୁନଥିବା ଦିଲ୍ଲୀ ସରକାରଙ୍କ ଚିନ୍ତା ବଢାଇ ଦେଇଛି । ଅନ୍ୟପଟେ କଟକଣା ଥାଇ ମଧ୍ୟ ସହରରେ ଭାରିଯାନ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି ।

## ଦେଶରେ ଶହେ ଟପିଲା ଓମିକ୍ରନ୍ ଆକ୍ରାନ୍ତ ସଂଖ୍ୟା

ନୂଆଦିଲ୍ଲୀ,୧୭/୧୨: ୯୧ଟି ଦେଶକୁ ଛୁଇଁ ସାରିଥିବା ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ଭାରତରେ ଶହେ ଡେଇଁଛି । ଦେଶର ୧୧ଟି ରାଜ୍ୟରୁ ୧୦୧ ଜଣଙ୍କ ଠାରେ ଓମିକ୍ରନ୍ ଭାରିଆଣ୍ଟ ଚିହ୍ନଟ ହୋଇଛି । ସେପଟେ ଓମିକ୍ରନ ଚିକିତ୍ସା ପଦ୍ଧତିକୁ ନେଇ ଆସିଛି ଆଶ୍ୱସ୍ତିକର ଖବର । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି, ଓମିକ୍ରନ୍ ସଂକ୍ରମଣର ଚିକିତ୍ସା ପଦ୍ଧତି ବଦଳିବ ନାହିଁ । ପୂର୍ବରୁ କରୋନା ଆକ୍ରାନ୍ତଙ୍କ ପାଇଁ ଯେଉଁ ଚିକିତ୍ସା ପଦ୍ଧତି ଲାଗୁ ହୋଇଥିଲା, ଆଗକୁ ମଧ୍ୟ ସେହି ଧାରା ଜାରି ରହିବ । ଆଉ ଏହାରି ଭିତରେ କିନ୍ତୁ ୟୁରୋପୀୟ ରାଷ୍ଟ୍ରରେ ସଂକ୍ରମଣ ଦ୍ରୁତଗତିରେ ବଢିବାରେ ଲାଗିଛି । କରୋନାର ନୂଆ ପ୍ରଜାତି ଗୋଟିଏ ପରେ ଗୋଟିଏ ରାଜ୍ୟକୁ ମାଡ଼ିଚାଲିଛି । ୧୧ଟି ରାଜ୍ୟରେ ଏଯାଏଁ ୧୦୧ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିବା କହିଛନ୍ତି କେନ୍ଦ୍ର ସରକାର । ଦେଶରେ ଚିହ୍ନଟ ହୋଇଥିବା କିଛି ଓମିକ୍ରନ ଆକ୍ରାନ୍ତଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନାହିଁ, ଅର୍ଥାତ ସେମାନେ ବିଦେଶକୁ ଯାଇନାହାନ୍ତି । ତେବେ ଏହାକୁ ଏବେ ଠାରୁ ଗୋଷ୍ଠୀ ସଂକ୍ରମଣ କୁହାଯାଇ ପାରିବନି ବୋଲି କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ଯୁଗ୍ମ ସଚିବ । ସେହିପରି ଆଇସିଏମଆର ଡିଜି ଡାକ୍ତର ବଳରାମ ଭାର୍ଗବ କହିଛନ୍ତି, ଏବେ ସମୟ ଆସିଛି, ଜରୁରୀ ନଥିଲେ ଗସ୍ତ ନକରିବା, ଭିଡ଼ ସ୍ଥାନକୁ ନଯିବା ଏବଂ ଅଳ୍ପ ଲୋକରେ ପର୍ବପର୍ବାଣୀ ପାଳନ କରିବା ।

## ବିଜେପି ସହ ହାତ ମିଶାଇଲେ କ୍ୟାପଟେନ



ନୂଆଦିଲ୍ଲୀ,୧୭/୧୨: ବିଜେପି ସହ ହାତ ମିଶାଇଲେ କ୍ୟାପଟେନ୍ , ଆଗାମୀ ନିର୍ବାଚନ ଲଢ଼ିବେ ଏକାଠି । ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଏଭଳି ବଡ ସମୀକରଣର ଘୋଷଣା ହୋଇଛି । ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପଞ୍ଜାବ ଲୋକ କଂଗ୍ରେସ ଅଧ୍ୟକ୍ଷ କ୍ୟାପଟେନ ଅମରିନ୍ଦର ସିଂହ ଆସନ୍ତା ନିର୍ବାଚନ ପାଇଁ ବିଜେପି ସହ ହାତ ମିଶାଇଛନ୍ତି । ଆସନ୍ତା ନିର୍ବାଚନ ଏକାଠି ଲଢିବେ ବୋଲି ଘୋଷଣା କରିଛନ୍ତି କ୍ୟାପଟେନ୍ ଅମରିନ୍ଦର । ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତଙ୍କ ସହ ସାକ୍ଷାତ୍ କରି ନୂଆ ସମୀକରଣ ନେଇ ଆଲୋଚନା କରିଛନ୍ତି କ୍ୟାପଟେନ । ପଞ୍ଜାବ ବିଜେପି ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତଙ୍କ ସହ ବୈଠକ କରି ଆଗାମୀ ନିର୍ବାଚନ ଏକାଠି ଲଢିବା ନେଇ ଆଲୋଚନା କରିଛନ୍ତି । ୭ ଘଣ୍ଟାର ବୈଠକ ପରେ ଏହି ନିର୍ଣ୍ଣୟ ନିଆଯାଇଛି । ତେବେ କେଉଁ ଆସନରୁ କିଏ ନେତୃତ୍ୱ ନେଇ କେଉଁ କେଉଁ ପ୍ରାର୍ଥୀଙ୍କୁ ଚୟନ କରାଯିବ ସେ ବିଷୟରେ କୌଣସି ନିଷ୍ପତ୍ତି ନିଆଯାଇ ନଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ତେବେ କେନ୍ଦ୍ର ମନ୍ତ୍ରୀଙ୍କ ସହ ବୈଠକ ପରେ କ୍ୟାପଟେନ ଅମରିନ୍ଦର କହିଛନ୍ତି, ଆସନ୍ତା ନିର୍ବାଚନ ଆମେ ଜିତିବୁ ବୋଲି ଆମେ ୧୦୧ ପ୍ରତିଶତ ନିଶ୍ଚିତ । ପଞ୍ଜାବ କଂଗ୍ରେସକୁ ଅପମାନିତ ହୋଇ ଛାଡିବା ପରେ କ୍ୟାପଟେନ ଅମରିନ୍ଦର ବିଜେପିରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଥିଲା । ମାତ୍ର ସେ ପଞ୍ଜାବ ଲୋକ କଂଗ୍ରେସ ନାମରେ ନିଜର ଏକ ସ୍ୱତନ୍ତ୍ର ଦଳ ଗଠନ କଲେ । ଆଉ ଏବେ ନିର୍ବାଚନ ଲଢିବା ପାଇଁ ବିଜେପି ସହ ହାତ ମିଶାଇଛନ୍ତି କ୍ୟାପଟେନ୍ । ତେବେ ପଞ୍ଜାବରେ ଗଢି ଉଠିଥିବା ଏହି ନୂଆ ସମୀକରଣ ଆଗାମୀ ନିର୍ବାଚନରେ କଂଗ୍ରେସକୁ ହରାଇବାରେ ସକ୍ଷମ ହେଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା ।

## ବଢିବ ଶୀତ

ଭୁବନେଶ୍ୱର,୧୭/୧୨ (ନି.ପ୍ର): ରାଜ୍ୟକୁ କ୍ରମାଗତ ଭାବେ ଉତର-ପଶ୍ଚିମ ତଥା ଉତର ଦିଗରୁ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବେଶ କରୁଛି। ଏହାର ପ୍ରଭାବରେ ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୩ରୁ ୪ ଡିଗ୍ରୀ ଯାଏଁ କମ୍ ରହିବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶୀତ ବଢୁଥିବାରୁ ବୟସ୍କ ଏବଂ ଶିଶୁମାନଙ୍କ ଠାରେ ଶୀତଜନିତ ରୋଗ ଦେଖାଦେବାର ସମ୍ଭାବନା ରହିଛି। ଶୀତ ବଢୁଥିବାରୁ ସନ୍ଧ୍ୟାରୁ ରାତି , ପାହାନ୍ତିଆ ସମୟରେ ଘରେ ରହିବା ଏବଂ ଶୀତରୁ ରକ୍ଷା ପାଇଁ ଶୀତ ବସ୍ତ୍ରର ବ୍ୟବହାର ଓ ଏକାଧିକ ପୋଷାକ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଗୃହପାଳିତ ପଶୁମାନଙ୍କୁ ଖୋଲା ସ୍ଥାନରେ ନରଖି ଆବଶ୍ୟକୀୟ ଘରର ବ୍ୟବସ୍ଥା କରିବାକୁ କୁହାଯାଇଛି। ପଶୁମାନଙ୍କ ଖାଦ୍ୟରେ ଆବଶ୍ୟକ ପୃଷ୍ଟିସାର ଓ ମିଶ୍ରିତ ଖଣିଜ ଲବଣ ର ମାତ୍ରା ବୃଦ୍ଧି କଲେ ସେମାନଙ୍କ ଶରୀରରେ ଶୀତ ଜନିତ ଚାପକୁ କମାଇବାରେ ସହାୟକ ହେବ ।

## ବିଧାନସଭାରେ 'ଦୁଷ୍କର୍ମ' ବୟାନ ଦେଇ ଅଡୁଆରେ କଂଗ୍ରେସ ବିଧାୟକ



ନୂଆଦିଲ୍ଲୀ,୧୭/୧୨: କର୍ଣ୍ଣାଟକ କଂଗ୍ରେସ ବିଧାୟକ କେ.ଆର ରମେଶ କୁମାର ବୁଧବାର ବିଧାନସଭାରେ ଦୁଷ୍କର୍ମକୁ ନେଇ ଏଭଳି ଟିପ୍ପଣୀ ଦେଇଛନ୍ତି, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇ ଯାଇଛି । ବୁଧବାର କର୍ଣ୍ଣାଟକ ବିଧାନସଭାରେ କଂଗ୍ରେସ ବିଧାୟକ କହିଛନ୍ତି, ଯେତେବେଳେ ଦୁଷ୍କର୍ମ ହେବାର ଅଛି ସେତେବେଳେ ଏହାକୁ ଉପଭୋଗ କରିବା ଉଚିତ୍ । ଆଉ ତାଙ୍କର ଏହି ବୟାନ ଉପରେ ବାଚସ୍ପତି ହସୁଥିବାର ମଧ୍ୟ ଦେଖିବାକୁ ମିଳିଛି । ବୁଧବାର ବର୍ଷା ଓ ବନ୍ୟାକୁ ନେଇ ଗୃହରେ ଆଲୋଚନା ଚାଲିଥିଲା । ବିଧାନସଭା ଅଧକ୍ଷଙ୍କ ପାଖରେ ସମୟ କମ ଥିଲା ଏବଂ ତାଙ୍କୁ ସନ୍ଧ୍ୟା ୬ଟା ସୁଦ୍ଧା ଆଲୋଚନା ଶେଷ କରିବାର ଥିଲା । କଂଗ୍ରେସ ବିଧାୟକ ଚର୍ଚ୍ଚା ସମୟ ବଢାଇବା ପାଇଁ ଦାବି କରୁଥିଲେ । ଆଉ ଅଧକ୍ଷ ତାଙ୍କର ଏହି ଦାବିକୁ ମାନିବାକୁ ପ୍ରସ୍ତୁତ ନଥିଲେ । ଏହି ଅବସରରେ ବାଚସ୍ପତି କହିଥିଲେ ଯାହା ଚାଲିଛି ଚାଲିବାକୁ ଦିଅ ଆଉ ସ୍ଥିତିର ଆନନ୍ଦ ନିଅ । ମୁଁ ବ୍ୟବସ୍ଥାକୁ ଆୟତ୍ତ କରି ପାରିବି ନାହିଁ । ▶▶ପୃଷ୍ଠା ୭

## ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ମାମଲା : ପ୍ରଭାତ ତ୍ରିପାଠୀଙ୍କ ପିଟିସନ ଖାରଜ



ଭୁବନେଶ୍ୱର,୧୭/୧୨(ନି.ପ୍ର): ଅର୍ଥତତ୍ତ୍ୱ ଚିଟଫଣ୍ଡ ଠକେଇ ମାମଲାରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ଝଟକା ଲାଗିଛି । ସିବିଆଇ ଏଫଆଇଆର ରଦ୍ଦ କରିବାକୁ ପ୍ରଭାତ ତ୍ରିପାଠୀ ହାଇକୋର୍ଟରେ ଆବେଦନ କରିଥିଲେ । ତେବେ ହାଇକୋର୍ଟ ଏହି ଆବେଦନକୁ ଆଜି ଖାରଜ କରିଦେଇଛନ୍ତି । ପିଟିସନ ଖାରଜ ହୋଇଯାଇଥିବାରୁ ପ୍ରଭାତ ତ୍ରିପାଠୀଙ୍କ ବିରୋଧରେ ସିବିଆଇ ମାମଲା ଜାରି ରହିବ । ରାଜ୍ୟରେ ଏଟି ଗ୍ରୁପ ଜମାକାରୀଙ୍କଠାରୁ ୫ କୋଟି ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି । ଏହି ମାମଲାରେ ପ୍ରଭାତ ତ୍ରିପାଠୀ ୨୦୧୪ରେ ଗିରଫ ହୋଇଥିଲେ । ଏହାପରେ ତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା । କିଛି ଦିନ ଜେଲରେ ରହିବା ପରେ ସେ ଜାମିନରେ ଆସିଥିଲେ । ୨୦୧୭ରେ ପ୍ରଭାତଙ୍କ ଉପରୁ ବିଜେଡି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେଇଛି ।

## ୨ ଦିନିଆ ବ୍ୟାଙ୍କ ଧର୍ମଘଟରେ ୪୦ହଜାର କୋଟି ଟଙ୍କାର କାରବାର ଠପ୍

ଭୁବନେଶ୍ୱର, ୧୭/୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ ବ୍ୟାଙ୍କର ଘରୋଇକରଣ ପ୍ରସ୍ତାବ,ଆତ୍ମନିର୍ଭରଶୀଳ ଅର୍ଥନୀତିକୁ ବିପନ୍ନ କରିବା ସହ ଜନସାଧାରଣଙ୍କ ସଂଚିତ ବିପୁଳ ପରିମାଣର ଦେଢ଼ଲକ୍ଷକୋଟି ଟଙ୍କାଜମା ରାଶିକୁ କର୍ପୋରେଟ୍ ବ୍ୟାଙ୍କଙ୍କ ହାତରେ ଟେକିଦେବା ବିରୁଦ୍ଧରେ ଡିସେମ୍ବର ୧୬ ଓ ୧୭ ଦୁଇଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ପାଳନ କରାଯାଇଛି। ଏଆଇବିଇଏ ସମେତ ଦେଶର ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଫିସର ସଂଗଠନକୁ ନେଇ ଗଠିତ ୟୁଏଫ୍‌ବିୟୁର ଆହ୍ୱାନରେ ସାରା ରାଜ୍ୟରେ ଷ୍ଟେଟ୍‌ବ୍ୟାଙ୍କ ସମେତ ସମସ୍ତ ସରକାରୀ କ୍ଷେତ୍ରୀୟ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କର ସମସ୍ତ ୪୫୦୦ ରୁ ଉର୍ଦ୍ଧ୍ୱ ଶାଖା ଓ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ ୨୦ ହଜାରରୁ ଉର୍ଦ୍ଧ୍ୱ ବ୍ୟାଙ୍କ କର୍ମଚାରୀ ଓ ଅଫିସର ଅଂଶଗ୍ରହଣ କରିଛନ୍ତି । ଧର୍ମଘଟ ପ୍ରଭାବରେ ସମସ୍ତ କ୍ଲିୟରିଂ ହାଉସ୍ ବନ୍ଦ ରହିଥିବା ସମୟରେ ୪୦ହଜାର କୋଟି ଟଙ୍କାର ବ୍ୟାଙ୍କ କାରବାର ବ୍ୟାହତ ହୋଇଛି। ଧର୍ମଘଟର ସଫଳତା ପାଇଁ ଏଆଇବିଇଏ ରାଜ୍ୟ ସଙ୍ଗଠନ ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଏବଂ ଏଆଇବିଓଏ ରାଜ୍ୟ କମିଟିର ସାଧାରଣ ସମ୍ପାଦକ ଅଜୟ କୁମାର ରାଉତରାୟ ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଫିସରଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ଶ୍ରମିକ, କର୍ମଚାରୀ, କୃଷକ ସଂଗଠନ ଓ ସାଧାରଣ ଜନତାଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଧର୍ମଘଟ ଉପଲକ୍ଷେ ଭୁବନେଶ୍ୱରଠାରେ ବ୍ୟାଙ୍କ କର୍ମଚାରୀ ଓ ଅଫିସରଙ୍କର ଏକ ମିଳିତ ସମାବେଶ ଅଶୋକ ନଗରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ସମ୍ମୁଖରେ ଉଭୟ ୧୬ ଓ ୧୭ ତାରିଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ଏଆଇଟିୟୁସିର ଜାତୀୟ ସଂପାଦକ ରାମକୃଷ୍ଣ ପଣ୍ଡା ତଥା ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ଭୁବନେଶ୍ୱର ଜିଲ୍ଲା ସମ୍ପାଦକ ସୁର ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଉଭୟ ଦିନ ୟୁଏଫ୍‌ବିୟୁର ରାଜ୍ୟ ଆବାହକ ରଘୁନାଥ ପ୍ରସାଦ ଦାଶ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।

## ଭୁବନେଶ୍ୱରରେ ପାଇକ ମେଳି

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ୧୮୧୭ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ଅନ୍ଦୋଳନ ଦାବୀରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ପାଇକ। ଏହି ଦାବି ନେଇ ପାଇକ ମାନେ ବରୁଣେଇରୁ ପ୍ରତିବାଦ ରାଲିରେ ବାହାରି ମାଷ୍ଟର କ୍ୟାଂଟିନ ଠାରେ ପହଂଚିବା ପରେ ଓଡ଼ିଶା ବୀର ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାଇକମାନେ ରାଜରାସ୍ତାରେ ଆଖଡ଼ା ସହ ଖଣ୍ଡା ଓ ବାଡ଼ି ଖେଳ ଦେଖାଇବା ସହ ହାତରେ ଅସ୍ତ୍ର, ଶସ୍ତ୍ର ଧରି ନାରା ବାଜି କରିଥିଲେ। ଶୁକ୍ରବାର ଖୋର୍ଦ୍ଧାର ବରୁଣେଇ ଠାରୁ ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ ପାଇକ ଆଖଡ଼ା ଦଳ, ଦଳେଇ, ଦଳବେହେରା, ପାଇକ ସର୍ଦ୍ଦାର, ଐତିହାସିକ ଓ ସାମରିକ ପରମ୍ପରାର ଗବେଷକ ମା' ବରୁଣେଇଙ୍କୁ ପୂଜାର୍ଚ୍ଚନା କରି ଏକ ବିଶାଳ ଶୋଭାଯାତ୍ରାରେ ଖୋର୍ଦ୍ଧାଗଡ଼ରୁ ବୀର ମାଟି ସଂଗ୍ରହ କରି ପଞ୍ଚପାଇକ ମହାରଥୀଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ଖୋର୍ଦ୍ଧା ସହର ପରିକ୍ରମା କରିଥିଲେ। ଏହା ପରେ ଓଡ଼ିଶାର କୋଣ ଅନୁକୋଣରୁ ▶▶ପୃଷ୍ଠା ୭

## ଫୁଲବାଣୀରେ ଜମି ମାଫିଆଙ୍କ କାଣ୍ଡ

# ବିଭାଗୀୟ ଅନୁମତି ବିନା ୫୦ରୁ ଅଧିକ ଶାଳ ଗଛ କାଟି ସଫା

କନ୍ଧମାଳ,୧୭/୧୨ (ନି.ପ୍ର): ପରିବେଶକୁ କିପରି ସବୁଜ ସୁନ୍ଦର କରାଯିବା ସେ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଗୋଟିଏ ମଣିଷ ଗୋଟିଏ ଗଛ ଲଗାଇବା ପାଇଁ ଗାଁ ଗାଁ ରେ ବିଭିନ୍ନ ସଚେତନତାର ବାର୍ତା ପ୍ରଚାର କରିବା ସହ ଏଥି ନିମନ୍ତେ କୋଟି କୋଟି ଟଙ୍କା ପ୍ରତିବର୍ଷ ବିନିଯୋଗ କରୁଛନ୍ତି । କିନ୍ତୁ, କନ୍ଧମାଳ ଜିଲ୍ଲାରେ ଜମିମାଫିଆ, କାଠ ମାଫିଆ ମାନଙ୍କ ଠାରୁ ବନଖଣ୍ଡ ଅଧିକାରୀ, କର୍ମଚାରୀ ଓ ରେଞ୍ଜର ପରୋକ୍ଷ ଭାବରେ ଲାଂଚ ନେଇ ଶାଳ ଜଙ୍ଗଲ, ଜମିପଟା ଜମିରେ ଥିବା ଶାଳ ଗଛ କାଟି ଲୋପ କରିଦେଇଥିବା ଅଭିଯୋଗ ହୋଇଛି । ଗୋଟିଏ ପଟେ ଜିଲ୍ଲାରୁ ଶାଳ ଗଛ କାଟୁଛନ୍ତି ଅନ୍ୟବାଟରେ ପ୍ରତିବର୍ଷ ଅଦରକାରୀ ଗଛ ଲଗାଉଛନ୍ତି । କିନ୍ତୁ ଗଛ କାଟୁଥିବା ଜମି ମାଫିଆ, କାଠ ମାଫିଆ ମାନଙ୍କୁ ଗିରଫ କରୁନାହାନ୍ତି ।କହିଲେ କହୁଛନ୍ତି ଶାଳ ଗଛ କାଟିପାରିବେ ନିୟମ ଅଛି । ଏହା ଦେଖାଯାଉଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମା ଠାରୁ ପ୍ରାୟ ୫ କିଲୋମିଟର ଦୂରରେ ରହିଥିବା ମଜୁରିବିଡ଼ା ଗ୍ରାମ ନିକଟରେ ଜଙ୍ଗଲ ଜମିରେ ଓ ପଟାଦାର ଜମିରେ ଗଚ୍ଛିତ ଥିବା ସାଳ ଗଛ ଗୁଡ଼ିକ ରାତି ଅଧରେ କାଠ ମାଫିଆ ଓ ଜମି ମାଫିଆ ମାନେ ବେଧଡକ ଭାବେ ବଡ ବଡ ଶାଳ ଗଛ ଗୁଡ଼ିକ କାଟି ନେବା ପାଇଁ ପ୍ରୟାସ କରିଥିଲେ । କାଠ ମେସିନରେ ହାଣୁଥିବା ଶବ୍ଦ ଶୁଣି ଗ୍ରାମବାସୀ ମାନେ ସେହି ସ୍ଥାନକୁ ଯାଇଥିଲେ । ଏହା ଜାଣି କାଠ ମାଫିଆ, ଜମି ମାଫିଆ ଓ କିଣି ଥିବା ଜମି ମାଫିଆ ମାନେ ଘଟଣାସ୍ଥଳରୁ ପଳାଇଥିଲେ । ଏ ସମ୍ପର୍କରେ ଫୁଲବାଣୀ ଡିଏଫଓ ଓ ରେଞ୍ଜରଙ୍କୁ ଅଭିଯୋଗ କରିଥିଲେ । ରହିଥିବା ଶାଳ ଗଛ ଜମିଟି ହରିଜନ ଲୋକ ମାନଙ୍କର । ଏହି ଜମିକୁ କିଛି ଜମି ମାଫିଆ ଫୁଲବାଣୀ ଉପଜିଲ୍ଲାପାଳଙ୍କ ନିକଟରେ ଜମି ବିକ୍ରି କରିବା ପାଇଁ ପରମିଶନ କରି କିଣିଛନ୍ତି ତା ନିକଟରେ କେତେ ଜମି କିଣି ପ୍ଲଟିଙ୍ଗ କରି ଚଢା ଦରରେ ବିକ୍ରି କରୁଛନ୍ତି । ସେହି ଜମିକୁ ଲାଗି ଆଉ କିଛି ଜମି ହରିଜନ ସମ୍ପ୍ରଦାୟର ଲୋକଙ୍କୁ ଲୋଭ ଦେଖାଇ ତାକୁ ଲକ୍ଷ ଲକ୍ଷ ଟଙ୍କା ଅଗ୍ରୀମ ଦେଇ ଫୁଲବାଣୀ ସଦର ମହକୁମା ଉପଜିଲ୍ଲାପାଳଙ୍କ ଦ୍ୱାରା ଜମି ବିକ୍ରି କରିବା ପରମିଶନ କରାଇ ସେହି ଜମିରେ ଥିବା ୫୦ ରୁ ଉର୍ଦ୍ଧ୍ୱ ବଡ ବଡ ଶାଳ ଗଛ ଗୁଡିକ ଜଙ୍ଗଲ ବିଭାଗର କାର୍ଯ୍ୟରତ ରେଞ୍ଜର ଓ ଡିଏଫଓଙ୍କ ଛତ୍ର ଛାୟା ତଳେ ରହି ବେଆଇନ ଭାବରେ କାଟିଛନ୍ତି । ଶାଳ ଗଛ ନ କାଟିବା ଓ ଟ୍ରାନ୍ସପୋର୍ଟ ପରମିଶନ ନ କରିବା ପାଇଁ ଓ ଶାଳ ଗଛ କାଟିଥିବା ବ୍ୟକ୍ତିଙ୍କ ପ୍ରତି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ନିୟମ ରହିଛି । ଆଇନଜୀବୀଙ୍କୁ ପଚାରିବାରୁ କହିଲେ ଶାଳଗଛ କାଟିବା ଓ କାଠ ଟ୍ରାନ୍ସପୋର୍ଟ ପାଇଁ କୌଣସି ନିୟମ ନାହିଁ କି କୌଣସି ପରମିଶନ ମଧ ଦେଇହେବ ନାହିଁ । ଫୁଲବାଣୀ ଡିଏଫଓଙ୍କ ବିନା କାଗଜପତ୍ରରେ ବହୁତ ସଂଖ୍ୟକ ଗଛ କାଟିବା ଓ ଜମି ମାଫିଆଙ୍କ ମନଇଚ୍ଛା ପ୍ଲଟିଙ୍ଗ କରି ବିକ୍ରି କରିବା, ଗଚ୍ଛିତ ଜଙ୍ଗଲ ନିକଟରେ ଜମି ବିକ୍ରି କରିବା ଓ ତହସିଲଦାର ଓ ଜଙ୍ଗଲ ବିଭାଗର କୌଣସି ଲିଖିତ ପ୍ରମାଣ ନଥାଇ ମନଇଚ୍ଛା ଜଙ୍ଗଲରେ ଥିବା ଜମିକୁ ପ୍ଲଟିଙ୍ଗ କରି ବିକ୍ରି କରିବା, ମନଇଚ୍ଛା ଗଛ କାଟିବା ଦିଗରେ ସରକାରଙ୍କ କୌଣସି ଦୃଢ଼ ପଦକ୍ଷେପ ନ ନେବା ଉପରେ ଚର୍ଚ୍ଚା ଜୋର୍ ଧରିଛି । ଫୁଲବାଣୀ ବନଖଣ୍ଡ ବିଭାଗରେ ଗୋଟିଏ ସ୍ଥାନରେ ଅଧିକାରୀ ଓ କର୍ମଚାରୀ ଦୀର୍ଘ ବର୍ଷ ରହିବା ଫଳରେ ଜମି ମାଫିଆ, କାଠ ମାଫିଆ ମାନଙ୍କୁ ସାହାଯ୍ୟ କରି ଅର୍ଥ ରୋଜଗାର କରିବାରେ ଲାଗିଛନ୍ତି । ଯାହାରି ଫଳରେ ଆଜି ସୁଦ୍ଧା ଏହି ମାନଙ୍କ ପ୍ରତି ଦୃଢ଼ ପଦକ୍ଷେପ ନାହିଁ କି ଗିରଫ ନାହିଁ। ଡିଏଫଓ,ଏସିଏଫ କହୁଛନ୍ତି ଶାଳ ଗଛ, ସମସ୍ତ ଗଛ ନିଜ ଜମିରେ ଥିଲେ କାଟିପାରିବେ ଓ ଟ୍ରାନ୍ସପୋର୍ଟ କରିପାରିବେ ନାହିଁ । ବିନା ପରମିଶନରେ ବାଡ଼ିରେ ଓ କେଉଁଠି ଥିଲେ ଚନ୍ଦନ ଗଛ କାଟିପାରିବେ ନାହିଁ । ଶାଳ ଗଛ ପାଇଁ ନିୟମ ନାହିଁ । ଏହା ପାଇଁ କିଛି ପରମିଶନ ଦରକାର ନାହିଁ । କିନ୍ତୁ, ଫୁଲବାଣୀ ତହସିଲଦାରଙ୍କୁ ପଚାରିବାରୁ ଶାଳ ଗଛ କାଟିପାରିବେ ନାହିଁ ଯେଉଁଠି ଥିଲେ ବି । ଏହାପାଇଁ ପରମିଶନ ଆବଶ୍ୟକ । ଅନ୍ୟପଟେ ଓକିଲଙ୍କ ମତ ଶାଳ ଗଛ ଯେଉଁଠିଥିଲେ କାଟିପାରିବେ ନାହିଁ କିମ୍ବା ବାହାରକୁ କରିପାରିବେ ନାହିଁ । ଶୁଖିଲା ଶାଳ ଗଛ ଥିଲେ ଏହାକୁ ନିୟମ ଅନୁସାରେ କାଟିପାରିବେ । ଶାଳ ଗଛ ଯେଉଁ ବ୍ୟକ୍ତି କାଟିଛନ୍ତି ସେହିମାନଙ୍କ ପ୍ରତି ଦୃଢ ପଦକ୍ଷେପ ନେବା ଜରୁରୀ । ଗୋଟିଏ ପଟେ ଅଧିକାରୀଙ୍କ ମତ ଅଲଗା । ଏହିପରି ଅଧିକାରୀ କନ୍ଧମାଳ ଜିଲ୍ଲାରେ ଥିବା ପ୍ରକୃତି ଜନ୍ମ କରିଥିବା ଶାଳ ଗଛ କାଟି ସଫା କରି ନିଜ ପକେଟ ଗରମ କରୁଥିବା ଅଭିଯୋଗ ହେଉଛି । ରାଜ୍ୟ ସରକାର, ୫-ଟି ସଚିବ ଓ ବନ ବିଭାଗ ସେକ୍ରେଟାରୀ ଏମାନଙ୍କ ପ୍ରତି ଦୃଢ଼ ପଦକ୍ଷେପ ନେଲେ ଜିଲ୍ଲାରେ ଶାଳ ଗଛ ଜୀବିତ ହୋଇରହିବ ଓ ପରିବେଶ ସୁନ୍ଦର ରହିବ ।

# ମୌଳିକ ସୁବିଧା ଦାବିରେ ମହାସମାବେଶ: ଦାବି ପୁରଣ ନହେଲେ କାର୍ଯ୍ୟାଳୟ ଘେରାଉ

କନ୍ଧମାଳ,୧୭/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରେ ଏବେବି ଅନେକ ପଂଚାୟତ ରହିଛି ଯେଉଁଠି ବସବାସ କରିଆସୁଥିବା ଲୋକ ବିଭିନ୍ନ ପ୍ରକାର ମୌଳିକ ସୁବିଧାରୁ ବଂଚିତ ହୋଇ ଜୀବନ ଯାପନ କରୁଛନ୍ତି । ସ୍ୱାଧିନତା ର ଦିର୍ଘ ବର୍ଷପରେ ମଧ୍ୟ ଏହି ଅଂଚଳ ମାନଙ୍କ ରେ ବିକାଶ ଅପହଂଚ ରହିଛି । ବିଶେଷ କରି ଫିରିଙ୍ଗିଆ ବ୍ଲକ ଅଂଚଳରେ ଥିବା ବାଲନ୍ଦାପଡା , ପାହିରାଜୁ , ଲୁଇସଁ ଏବଂ କୁଏରମାଣ୍ଡୁ ଭଳି ପଂଚାୟତ ରେ ପ୍ରଶାସନିକ ଓ ରାଜନେତା ମାନଙ୍କ ଉଦାସିନତା ଯୋଗୁଁ ଏହି ପଂଚାୟତ ଅଧିନରେ ବସବାସ କରିଆସୁଥିବା ଲୋକେ ବର୍ଷବର୍ଷଧରି ବିଭିନ୍ନ ମୌଳିକ ସୁବିଧାରୁ ବଂଚିତ ହୋଇ ରହିଆସୁଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଭଳି ମୌଳିକ ସୁବିଧା ଟିକିଏ ପାଇବା ପାଇଁ ଏଠିକାର ଲୋକଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ବର୍ଷବର୍ଷ ଧରି ବାରମ୍ବାର ବିଭିନ୍ନ ବିଭିନ୍ନ ବିଭାଗରେ ଅଂଚଳବାସୀ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣଷି ସୁଫଳ ପାଉ ନାହାନ୍ତି । ଯାହାପାଇଁ ଏହି ଅଂଚଳର ଜନସାଧାରଣ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ତେବେ ଏହି ସବୁ ମୌଳିକ ସୁବିଧା ପାଇଁ ଚାରୋଟି ପଂଚାୟତକୁ ନେଇ ଗଠିତ ହୋଇଥିବା ମହିଳା ମହାସଂଘ ତରଫରୁ ଏକ ବିରାଟ ମହିଳା ସମାବେଶ ବାଲନ୍ଦାପଡା ଠାରେ ଅନୁଷ୍ଠିତ ହୋଇଥିଲା । ମହାସଂଘ ର ସଭାନେତ୍ରୀ ସସ୍ମିତା ଦିଗାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସରପଂଚ ସୁଦର୍ଶନ କହଁର , ସାଂସଦ ପ୍ରତିନିଧି ବିଷ୍ଣୁଚରଣ ମଲିକ , ଜିଲ୍ଲାପରିଷଦ ଉପାଧକ୍ଷା ସାରତି ମଲିକ ଯୋଗଦେଇଥିବା ବେଳେ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହ ଚାରୋଟି ପଂଚାୟତର ଜନସାଧାରଣ ସତାଧିକ ସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ । ଏହି ସଭାରେ ଅଂଚଳରେ ବର୍ଷବର୍ଷ ଧରି ଲାଗିରହିଥିବା ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋଚନା ହେବା ସହ ଆଠଟି ପ୍ରମୁଖ ଦାବୀ, ବାଲନ୍ଦାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଡାକ୍ତର ନିଯୁକ୍ତି , ବାଲନ୍ଦାପଡା ଠାରେ ଭାରତୀୟ ଷ୍ଟେଟବ୍ୟାଙ୍କର ଏକ ଶାଖା ପ୍ରତିଷ୍ଠା କରିବା , ବାଲନ୍ଦାପଡା ଠାରେ ନିର୍ମାଣ ହୋଇଥିବା ଜିଓ ଟାୱାରକୁ କାର୍ଯ୍ୟକ୍ଷମ କରିବା ସହ ବିଏସଏନଏଲର ଫୋରଜି ସେବା ତ୍ୱରାନ୍ୱିତ କରାଯିବା , ଗୋଛାପଡାକୁ ସ୍ୱତନ୍ତ୍ର ବ୍ଲକ ଘୋଷଣା କରିବା , ଗୋଛାପଡା ଠାରେ ଥିବା ମଙ୍ଗଳ ବିଭାଗର ହାଇସ୍କୁଲ କୁ ମହାବିଦ୍ୟାଳର ଭାବରେ ପରିଣତ କରିବା, ଗୋଛାପଡା ଠାରେ ଜିଓ ଟାୱାରକୁ କାର୍ଯ୍ୟକ୍ଷମ , ୨୦୧୧ ମସିହାରୁ ଜନଗଣାନା ରୁ ବାଦପଡିଥିବା ୯ ଟି ୱାର୍ଡରେ ଲୋକଙ୍କୁ ତାଲିକାଭୁକ୍ତ କରିବା, ବାଘଡୁଙ୍ଗରି ଠାରେ ଥିବା ସେବାଶ୍ରମ ବିଦ୍ୟାଳୟକୁ ଉଚ୍ଚବିଦ୍ୟାଳୟର ମାନ୍ୟତା ଦେବା ଭଳି ଦାବି ଗୁଡିକୁ ଏହି ସଭାରେ ଉପସ୍ଥାପନା କରାଯାଇଥିବା ବେଳେ ଅଆଗାମୀ ଦିନରେ ଉପୋରୋକ୍ତ ଦାବିଗୁଡିକ ପୁରଣ କରାନଗଲେ ଅଂଚଳ ର ମହିଳା ମାନଙ୍କ ସହ ସମସ୍ତ ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ରେ ବସିବେ ବୋଲି କହିଛନ୍ତି ।

# ମେକ୍କା ମଣ୍ଡିରେ ଧାନକ୍ରୟ ଟାର୍ଗେଟ ବୃଦ୍ଧି ପାଇଁ ଦାବି

ମାଲକାନଗିରି,୧୭/୧୨ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ଚାଷୀମାନେ ଧାନର ବିକ୍ରୟ ପରିମାଣ ବଢାଇବା ପାଇଁ ଦାବି କରିଛନ୍ତି । ଯଦି ଦାବି ପୂରଣ ନକରାଯାଏ ତେବେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହିତ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ମାଥିଲି ବ୍ଲକର ମେକ୍କା, କଂଟାପାଲ୍ଲୀ, ଭଣ୍ଡାରିପାଙ୍ଗାମ ପଚାଂୟତର ଚାଷୀମାନେ ଆଜି ମାଲକାନଗିରି ଜିଲ୍ଲାପାଳଙ୍କୁ ଭେଟି ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରି ପ୍ରକାଶ କରିଛନ୍ତି ଯେ, ଏହି ତିନି ପଚାଂୟତରେ ୨୦ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ପ୍ରାୟ ୬ ହଜାର ପରିବାର ବସବାସ କରନ୍ତି । ଚାଷ ସ୍ଥାନୀୟ ଅଧିବାସୀଙ୍କ ମୁଖ୍ୟ ଜୀବିକା ହୋଇଥିବା ବେଳେ ସମସ୍ତେ ଚାଷ ଉପରେ ନିର୍ଭରଶୀଳ । ଏହି ଅଂଚଳର ଧାନ ବିକ୍ରୟ ଲାଗି ମେକ୍କା ଠାରେ ଏକ ମାତ୍ର ଧାନ ମଣ୍ଡି ରହିଛି । ଗତ ୨୦୨୦/୨୧ ଖରଫ ବର୍ଷରେ ୪୦୦ ଟୋକେନ୍ ଧାନ ବିକ୍ରୟ ଲାଗି ଚାଷୀମାନଙ୍କୁ ପ୍ରଦାନ କରାଯାଇଥିଲା ବେଳେ ମାତ୍ର ୧୦୦ ଟୋକେନରେ ଚାଷୀ ଧାନ ବିକ୍ରୟ କରିଥିଲେ । ସପ୍ତାହକୁ ଏକ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ଲାଗି ବ୍ୟବସ୍ଥା ରହିଥିଲା । କିନ୍ତୁ ୬ ଶହ ଚାଷୀ ନାମ ପଞ୍ଜୀକରଣ କରିଥିଲେ । ନିୟମ ଅନୁସାରେ ଏକ ହଜାର ଟୋକନ ଚାଷୀଙ୍କୁ ପ୍ରଦାନ କରିବା କଥା । ତେବେ ଚଳିତ ଖରିଫ ଋତୁ ପାଇଁ ମେକ୍କା ଧାନ ମଣ୍ଡିରେ ସପ୍ତାହକୁ ୨ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ଲାଗି ଦାବି କରିଛନ୍ତି । ଯଦି ସପ୍ତାହକୁ ୨ ହଜାର କ୍ୱିଂଟାଲ ଧାନକୁ ଜିଲ୍ଲା ପ୍ରଶାସନ କ୍ରୟ ନକରେ ତେବେ ଧାନ ମଣ୍ଡିକୁ ବନ୍ଦ କରି ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଯଦି ଜିଲ୍ଲା ପ୍ରଶାସନ ଧାନ କ୍ରୟ ନକରିବ, ତେବେ ଅନ୍ୟ ରାଜ୍ୟରେ ଚାଷୀମାନେ ଧାନ ବିକ୍ରୟ ଲାଗି ଅନୁମତି ଦେବାକୁ ଦାବି କରିଛନ୍ତି । ଏହି ଦାବି ପତ୍ର ମେକ୍କା ସରପଚଂ ରାମଚନ୍ଦ୍ର ଗୁରୁତେଲି, ଭଣ୍ଡାରୀପାଙ୍ଗାମ ସରପଚଂ ମନମୋହନ ମାଢ଼ି, କଂଟାପାଲ୍ଲୀ ସରପଚଂ ଗୁପ୍ତ ଦୁରୁଆ, ଚାଷୀ ଆବାହକ ସଦାଶିବ ପୂଜାରୀ ଏବଂ ବଳରାମ ଅନଗୁଳିଆଙ୍କ ମାଧ୍ୟମରେ ମାଲକାନଗିରି ଜିଲ୍ଲାପାଳ ବିଶାଲ ସିଂଙ୍କୁ ପ୍ରଦାନ କରାଯାଇଥିଲା ।

# ୧୯୭ ବିଦ୍ୟାର୍ଥୀରେ ଜଣେ ଶିକ୍ଷକ ଚାଲିଛି ସଲାଗୁଡା ସେବାଶ୍ରମ

କନ୍ଧମାଳ,୧୭/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାକୁ ନୂଆ ଜିଲା ଶିକ୍ଷା ଅଧିକାରୀ ଆସିବାର ୧୫ ଦିନ ଯେଉଁଭଳି ହାକିମାତି ଦେଖାଇଲେ ସମସ୍ତେ ଭାବିଲେ ନିଶ୍ଚିତ ଜିଲାର ଶିକ୍ଷାରେ ସଂସ୍କାର ଆସିବ । ହେଲେ ଆସିବାର ୨ ମାସ ଭିତରେ ବିଧାୟକ ମାନଙ୍କ ଅନୁକମ୍ପା ମୂଳକ ବଦଳିରେ ଶିକ୍ଷା ବିଭାଗ ଭଲ ଫାଇଦା ପାଇ ଶିକ୍ଷକ ମାନଙ୍କ ବଦଳି କରିଥିବା ଏବେ ଚର୍ଚ୍ଚାକୁ ଆସିଛି । ସରପ୍ଲସ୍ ଭାବେ ସଦର ମହକୁମା ଓ ବ୍ଲକ ସଦର ମହକୁମାକୁ ପୁଣି ଅଧିକାଂଶ ଶିକ୍ଷକ ଶିକ୍ଷୟିତ୍ରୀ ଫେରିଥିବା ଜଣା ପଡିଛି । ଏଭଳିକି ଫୁଲବାଣୀ ସହରର ପୋଲିସ୍ ଉ.ପ୍ରା ବିଦ୍ୟାଳୟରେ ୧୬ ଜଣ,ହାଟପଦା ଉ.ପ୍ରା ବିଦ୍ୟାଳୟରେ ୧୨ ଜଣ,ସାଇନ୍‌ପଡା ଉ.ପ୍ରା ରେ ୮ ଜଣ ଏଭଳିକି ଫୟେସରି କଲୋନୀ ପ୍ରାଥମିକ ବିଦ୍ୟାଳୟ ଯାହା ଦୀଘ ୨ ବର୍ଷ ହେଲା ବନ୍ଦ ହୋଇ ରହିଛି ସେଠିକି ୩ ଜଣ ଏଭଳି ଅନେକ ଉଦାହରଣ ରହିଛି । ସେଭଳି ସମଗ୍ର ରାଜ୍ୟରେ ସି.ଆର୍.ସି ପଦବୀ ପାଇଁ କୌଣସି ବିଜ୍ଞାପନ ପ୍ରକାଶ ପାଇ ନଥିବା ବେଳେ କନ୍ଧମାଳ ଜିଲା ପାଇଁ ପ୍ରକାଶ ପାଇଁଲାଣି । ଏଣେ ଫିରିଙ୍ଗିଆ ବ୍ଲକର ସଲାଗୁଡା ପ୍ରାଥମିକ ସେବାଶ୍ରମ ରେ ୧୯୭ ବିଦ୍ୟାର୍ଥୀ ଥିବା ବେଳେ ଜଣେ ମାତ୍ର ଶିକ୍ଷକରେ ବିଦ୍ୟାଳୟ ଚାଲିଛି । ଏହା ଜିଲା ମଙ୍ଗଳ ବିଭାଗର ହୋଇଥିଲେବି ବ୍ଲକ ମଙ୍ଗଳ ଅଧିକାରୀ ଏଥିପାଇଁ ନିରୁପାୟ ବୋଲି କହୁଛନ୍ତି । ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ବିଭାଗୀୟ କର୍ତୃପକ୍ଷଙ୍କୁ ଗ୍ରାମବାସୀ ଦାବି କରିଛନ୍ତି ହେଲେ ପଦକ୍ଷେପ ଶୁନ । ଫଳରେ ବିଦ୍ୟାର୍ଥୀ ମାନଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇ ଯାଉଛି । ଏହା ଆଦିବାସୀ ଉନ୍ନୟନ ବିଭାଗ ଅଧୀନରେ ରହିଛି । ୧୯୪୫ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ରହିଛି ହେଲେ ଜଣେ ଶିକ୍ଷକ ଓ ୩ ପିଅନରେ ସ୍କୁଲ ଚାଲିଛି । ପ୍ରଧାନ ଶିକ୍ଷକ ଅବସର ନେବା ପରେ ଆଉ କାହାକୁ ନିଯୁକ୍ତି ଦିଆଯାଇ ନାହିଁ। ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ମଧ ରହିଛି ହେଲେ ମିହିଳା ଶିକ୍ଷିକା ନାହାଁନ୍ତି । ରାଜ୍ୟ ସାରା ଯାଣନ୍ତି ଯିଏ ଆଦିବାସୀ ଉନ୍ନୟନ ସମାଜ ମଙ୍ଗଳ ବିଭାଗର ଅଫିସର୍ ଠାରୁ ଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ନିଯୁକ୍ତି ପାଆନ୍ତି ସେମାନଙ୍କ ଦରମାରେ ହାତ ବାଜେ ନାହିଁ । କିଛି ଗଞ୍ଜେଇ କାର ବାରରେ ମଧ ଲିପ୍ତ ରହି ୨ଟି ଲେଖାଏଁ ଚାରି ଚକିଆ ଯାନ କରିଛନ୍ତି । ଆଉ କିଛି ବର୍ଷବର୍ଷ ଧରି ଫୁଲବାଣୀ ସଦରମହକୁମା ଅଂଚଳରେ ରହି ବିଦ୍ୟାଳୟକୁ ନଯାଇ ଲୋକଙ୍କୁ ସେବା କରିବା ନାମରେ ମଦ୍ୟପାନ ଠାରୁ ଆରମ୍ଭ କରି ବ୍ୟଭିଚାର ଭଳି ବିଭିନ୍ନ ଅନୈତିକ କାର୍ଯ୍ୟ କଳାପରେ ଲିପ୍ତ ରହି ଆସିଛନ୍ତି । ଏହାକୁ ବିଭାଗର ଅଧିକାରୀ ମାନେ ଅଣଦେଖା କରୁଥିବାବେଳେ ବିଭାଗ କାହିଁକି ସଲାଗୁଡା ସେବାଶ୍ରମରେ ୩ ରୁ ୪ ଜଣ ଶିକ୍ଷକ ନିଯୁକ୍ତି ଦେଉ ନାହିଁ ଅଭିଭାବକ ମହଲରେ ଚିନ୍ତାର ବିଷୟ ସାଜିଛି ଏଣେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କହୁଛନ୍ତି ଶୀଘ୍ର ଶିକ୍ଷକ ନିଯୁକ୍ତି ଦିଆଯିବ । ହେଲେ ବିଭାଗ କେତେ ଶିଘ୍ର ଏହି ବିଦ୍ୟାଳୟର ସମସ୍ୟାକୁ ଗୁରୁତ୍ୱ ଦେବ ତାହା ଦେଖିବାକୁ ବାକି ରହିଲା ।

# ଜ୍ୟୋତିର୍ବିଦ ହରିହର ପାତ୍ରଙ୍କ ପରଲୋକ

ନୂଆପଡ଼ା,୧୭/୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଲଛିପୁର ଗ୍ରାମର ଜଣାଶୁଣା ଜୋତିର୍ବିଦ ତଥା ଅବସରପ୍ରାପ୍ତ ଶିକ୍ଷକ ହରିହର ପାତ୍ରଙ୍କ ତାଙ୍କ ନିଜସ୍ୱ ଘର ଲଛିପୁରରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା । ସେ ଖଡିଆଳ ଅଂଚଳର ଜଣେ ଜଣାଶୁଣା ଜୋତିର୍ବିଦ ଭାବେ ପରିଚୟ ସୃଷ୍ଟି କରିବା ସହ ନିଜକୁ ପ୍ରତିଷ୍ଠିତ କରିଥିଲେ । ସେ ଶିକ୍ଷକତାରୁ ଗତ ୨୦୧୭ ମସିହାରେ ଅବସର ଗ୍ରହଣ କରିଥିଲେ । ସେ ଜ୍ୟୋତିଷ କାମ କରି ପୁରୀ ସ୍ଥିତ ଓଡିଶା ମୁକ୍ତିମଣ୍ଡପ ପକ୍ଷରୁ ଜ୍ୟୋତିର୍ବିଦ ସୁଧାକର ଉପାଧିରେ ଭୂଷିତ ହୋଇଥିବା ବେଳେ ଜ୍ୟୋତିର୍ବିଦ୍ୟା ପାଇଁ ଖଡିଆଳ ମହୋତ୍ସବ ପାଳନ କମିଟି ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ ହୋଇଥିଲେ । ଲଛିପୁର ସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କର ଏକ ମାତ୍ର ପୁତ୍ର ମାନସ ରଞ୍ଜନ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଖଡିଆଳ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ଦେବଗୁଣିଆ ଏକ ନିଆରା ପରମ୍ପରା

ନୂଆପଡ଼ା,୧୭/୧୨ (ନି.ପ୍ର): ଓଡ଼ିଶା କଳା ଓ ସଂସ୍କୃତିର ରାଜ୍ୟ ।ଏହାର ସଂସ୍କୃତିକୁ ସମୃଦ୍ଧ କରିଛି ଏହାର ପ୍ରାଚୀନ ପରମ୍ପରା। ସେପରି ଏକ ପରମ୍ପରା ହେଉଛି ଦେବଗୁଣିଆ ପରମ୍ପରା । ଦେବଗୁଣିଆ ମାନେ ଏକ କଳାପ୍ରିୟ ଜାତି। ପଶ୍ଚିମ ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡା ଜିଲ୍ଲାରେ ଦେବଗୁଣିଆ ଜାତି ରହନ୍ତି ।ଏମାନେ ନିଜକୁ ଦେବଗୁରୁ ବୃହସ୍ପତିଙ୍କ ବଂଶଧର ବୋଲି ପରିପ୍ରକାଶ କରିଥାନ୍ତି । ଓଡ଼ିଶାର ସଂସ୍କୃତିରେ ଦେବଗୁଣିଆ ମାନଙ୍କ ସ୍ଥାନ ସ୍ୱତନ୍ତ୍ର। ମାଁ ଲକ୍ଷ୍ମୀଙ୍କ ଗୁଣ ଗାଥାକୁ ଘରେ ଘରେ ପହଂଚାଇବା ସହ ଧାନରେ ତିଆରି ମୂର୍ତି ସବୁ ବିକ୍ରି କରନ୍ତି। ସେମାନେ ଏକ ପ୍ରକାର ବୀଣା ବଜାଇଥାନ୍ତି ଯାହାକୁ ବ୍ରହ୍ମ ବୀଣା ବା ଲକ୍ଷ୍ମୀ ବୀଣା କୁହାଯାଏ ।ଲାଉ ତୁମ୍ବା ରେ କଉଡ଼ି, ତାର, ଅଠା ଆଦି ଦେଇ ଏହା ନିର୍ମାଣ କରାଯାଇଥାଏ। ବର୍ଷ ସାରା ଦେବଗୁଣିଆ ମାନେ ଘର ଘର ବୁଲି ଜୀବନ ଜୀବିକା ନିର୍ବାହ କରୁଥିବା ବେଳେ ମାର୍ଗଶୀର ମାସରେ ଏମାନଙ୍କ ସ୍ୱତନ୍ତ୍ର ସ୍ଥାନ ରହିଥାଏ। ଏହି ମାସରେ ମାଆ ଲକ୍ଷ୍ମୀଙ୍କ ପୂଜା ହେଉଥିବାରୁ ଦେବଗୁଣିଆ ମାନେ ତିଆରି କରିଥିବା ଧାନର ଲକ୍ଷ୍ମୀ, ହାତୀ, ଆସନ, ପଦ୍ମଫୁଲ, ଆଦିକୁ ମହିଳା ମାନେ ପୂଜା କରି ଘରକୁ ନେଇଥାନ୍ତି। ଦେବଗୁଣିଆ ବା ଦେବଗୁରୁ ମାନେ ଏକ ପ୍ରକାର ଚାରଣ କବି। ମୁହେଁ ମୁହେଁ ସେମାନେ ଗୀତ ତିଆରି କରି ଗାଇଥାନ୍ତି।

# ଶିକ୍ଷୟିତ୍ରୀଙ୍କୁ ଆକ୍ରୋଶମୂଳକ ଭାବେ ଦୀର୍ଘ ୪୦ କିମି ଦୂର ବଦଳି କାହା ସ୍ୱାର୍ଥରେ ?

ସାଲେପୁର,୧୭/୧୨ (ନି.ପ୍ର): ମାହାଙ୍ଗା ବ୍ଲକର ଓଷଙ୍ଗ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷୟତ୍ରୀ ବାଣୀ ରାଉତ (୫୫)ଙ୍କୁ ମାହାଙ୍ଗା ବ୍ଲକରୁ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ୪୦ କି.ମି. ଦୂର ଦୁଇଟି ନଦୀ ପାରି ଚିତ୍ରୋତ୍ପଳା ଓ ଲୁଣା ଆର ପାଖରେ ଥିବା ପାଳଦା ୟୁ.ଜି.ଏମ୍.ଇ ସ୍କୁଲକୁ ମାହାଙ୍ଗା ବ୍ଲକ ବି.ଇ.ଓ.ଙ୍କ କାର୍ଯ୍ୟାଳୟ ପକ୍ଷରୁ ମନମୁଖୀ ଭାବରେ ବଦଳି କରାଯାଇଛି । ଯାହା ଏବେ ମାହାଙ୍ଗା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ବିଦ୍ୟାଳୟର ଛାତ୍ର ଛାତ୍ରୀ ସଂଖ୍ୟା ୪୨ ।ଶ୍ରେଣୀ ସଂଖ୍ୟା ୫ଟିକୁ ଜଣେ ଶିକ୍ଷକ ସୂଚାରୁ ରୂପେ କାର୍ଯ୍ୟ ସଂପାଦନ କରିବା ଓ କୋଭିଡ୍ ସମୟରେ ନିଜର କର୍ତ୍ତବ୍ୟକୁ ପାଳନ କରିବା, ଏସ୍.ଏମ୍.ସି. ସଭାପତି ତଥା ସଦସ୍ୟମାନଙ୍କର ପ୍ରିୟଭାଜନ ଓ ସ୍ଥାନୀୟ ସରପଂଚଙ୍କ ସହ ସୁସମ୍ପର୍କ ଥିଲାବେଳେ ଉକ୍ତ ଶିକ୍ଷୟିତ୍ରୀଙ୍କୁ କେଉଁ କାରଣ ପାଇଁ ବଦଳି କରାଗଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାଣୀ ରାଉତଙ୍କ ବୃଦ୍ଧା ଶାଶୁ (୮୫) ବର୍ଷ । ସ୍ୱାମୀ ବାହାରେ ରହୁଛନ୍ତି । ତାଙ୍କର ସେବା ସୁଶୃଶା କରିବାର ଆବଶ୍ୟକତା ରହିଛି । ଏଠାରେ ସୂଚନାଯୋଗ୍ୟ ଯେ, ବଦଳି ଆଦେଶକୁ ୭.୧୨.୨୦୨୧ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ଶିକ୍ଷୟିତ୍ରୀ ବାଣୀ ରାଉତଙ୍କୁ ରିଲିଭ୍ କରି ତାଙ୍କ ହ୍ୱାଟ୍ସ ଆପ୍ ମାଧ୍ୟମରେ ୧୩.୧୨.୨୦୨୧ ସଂଧ୍ୟା ଘ.୬.୦୨ ମିନିଟରେ ପ୍ରଦାନ କରିବା ବେଳେ ୧୪.୧୨.୨୦୨୧ ଘ. ୨.୩୦ ମିନିଟ୍ ସମୟରେ ଓଷଙ୍ଗ କ୍ଲଷ୍ଟରର ସିଆରସିସି ନିହାର ରଂଜନ ସାମଲ ଶ୍ରୀମତୀ ରାଉତଙ୍କୁ ଅରିଜିନାଲ ବଦଳି ଆଦେଶ ନ ଦେଇ ଏକ ପ୍ରିଣ୍ଟେଡ୍ କପି ଦେଇଛନ୍ତି । ଯାହାକୁ ଶ୍ରୀମତୀ ବାଣୀ ରାଉତ କଟକ ଡି.ଓ.ଙ୍କ ପାଖକୁ କାଉଣ୍ଟର ସାଇନ୍ କରିବାକୁ ନେଇଥିବା ବେଳେ ସେ ଅରିଜିନାଲ କପି ନ ଆଣିଲେ କାଉଣ୍ଟର ସାଇନ କରିବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଏଣୁ ଶିକ୍ଷୟିତ୍ରୀ ଜଣକ ନିରାଶ ହୋଇ ଘରକୁ ଫେରିଥିଲେ । ଏ ସଂପର୍କରେ ସଂପୃକ୍ତ ଶିକ୍ଷୟିତ୍ରୀ ମାହାଙ୍ଗାର ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଅବଗତ କରାଇଥିବା ତାଙ୍କର ସ୍ୱାମୀ ଶିକ୍ଷାବିତ୍ ତଥା ସ୍ତମ୍ଭକାର ଭାବଗ୍ରାହୀ ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ ସୂଚନା ଦେଇଛନ୍ତି ଯେ, ମାହାଙ୍ଗା ବ୍ଲକର ଅଧ୍ୟକ୍ଷଙ୍କ ସଂପର୍କୀତଙ୍କୁ ବଦଳି କରି ଆଣିବା ପାଇଁ ମାହାଙ୍ଗା ବ୍ଲକ ବି.ଇ.ଓ. ଏହିଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ସେ ଏହାର ନିରପେକ୍ଷ ତଦନ୍ତ ଦାବି କରିବା ସହ କେଉଁ କାରଣ ପାଇଁ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ଜଣେ ଶିକ୍ଷୟିତ୍ରୀଙ୍କୁ ୪୦ କି.ମି ଦୂର ବଦଳି କଲେ ସେ ସଂପର୍କରେ ଉଚ୍ଚ କର୍ତୃପକ୍ଷ ତଦନ୍ତ କରିବା ସହ ବଦଳିର ପୁନଃ ବିଚାର କରିବାକୁ ସେ ଦାବି ଜଣାଇଛନ୍ତି ।

# ଜଗନ୍ନାଥଙ୍କୁ ଦର୍ଶନ କଲେ ନୀତି ଆୟୋଗ ଉପାଧ୍ୟକ୍ଷ

ପୁରୀ,୧୭/୧୨ (ନି.ପ୍ର): ନୀତି ଆୟୋଗ ଉପାଧ୍ୟକ୍ଷ ଡଃ. ରାଜୀବ କୁମାର ଆଜି ସକାଳେ ଶ୍ରୀମନ୍ଦିର ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି । ଏହି ସମୟରେ ସେଠାରେ ନୀତି ଆୟୋଗର ବିଭାଗୀୟ ଉପଦେଷ୍ଟା ଅବିନାଶ ମିଶ୍ର, ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପ୍ରୋଟକଲ ଅଫିସର ଗୋପିନାଥ ମିଶ୍ର, ସିଟି ଡିଏସପି ଶ୍ରୀ ଜନାର୍ଦ୍ଦନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ଏନୱାଇକେ ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ସମ୍ମିଳନୀ

କନ୍ଧମାଳ,୧୭/୧୨ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ସଭାଗୃହ ଠାରେ ନେହରୁ ଯୁବକେନ୍ଦ୍ର (ଏନୱାଇକେ) ଫୁଲବାଣୀ ତରଫରୁ ଜ଼ିଲ୍ଲାସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଏନ.ଏସ.ଏସ୍ ର କାର୍ଯ୍ୟକ୍ରମ ଅଫିସର ଡା. ନୀଳମାଧ୍ୱ ପାଢ଼ୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜ଼ିଲ୍ଲା ଶିଳ୍ପକେନ୍ଦ୍ର ଫୁଲବାଣୀର ମୁଖ୍ୟ ନଭଲ କିଶୋର ସିଂ, ଜ଼ିଲ୍ଲା ମୁଖ୍ୟ ହସ୍ପିଟାଲର କନସଲଟାଣ୍ଟ ଦେବାଶିଷ ମିଶ୍ର, ଅ।ଇନିଜିବୀ ବିଜୟକୃଷ୍ଣ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼, ଜ଼ିଲ୍ଲା ଶିଳ୍ପ କେନ୍ଦ୍ର ଫୁଲବାଣୀର ରାମଚନ୍ଦ୍ର ମାଝୀ, ବିଭୂପ୍ରିୟା ଜେନା ଏବଂ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ଜ଼ିଲ୍ଲା ଯୁବ ଅଧିକାରୀ ନଭନୀତ୍ କୁମାର ଏବଂ ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ବ୍ଲକର ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥିଲେ । ଏହି ଦିବସରେ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା ହୋଇଥିଲା । ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣଙ୍କୁ ଅବଗତ କରିଥିଲେ । ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ଜ଼ିଲ୍ଲା ଯୁବ ଅଧିକାରୀ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ କାର୍ଯ୍ୟାଳୟର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ । ପରି ଶେଷରେ ସ୍ୱେଚ୍ଛାସେବୀ ସୋନାଲି ଡିଗାଲ ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ମଣ୍ଡି ଆରମ୍ଭ ହେଲା : କିନ୍ତୁ କିଣାଗଲା ନାହିଁ ଧାନ

ମାଲକାନଗିରି,୧୭/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଧାନମଣ୍ଡି ଆରମ୍ଭ ଦିନରୁ ବଢିଛି ବିବାଦ । ପ୍ରଥମ ଦିନରେ ୧୪ଟି ଧାନମଣ୍ଡିର ଶୁଭାରମ୍ଭ ହେଲାପରେ କିଣା ହେଲାନାହିଁ ଧାନ । ଦୀର୍ଘ ୧ ମାସ ଧରି ସମବାୟ କର୍ମଚାରୀମାନେ ଆନ୍ଦୋଳନ ଚଳାଇଥିବାରୁ ଏହାକୁ ଆଖି ଆଗରେ ରଖି ମାଲକାନଗିରି ଜିଲ୍ଲାର ଧାନମଣ୍ଡି ବିଳମ୍ବରେ ଆରମ୍ଭ କରାଯାଇଥିଲା । ପ୍ରଥମ ଦିନରେ ମାଲକାନଗିରି, କାଲିମେଳା, କୋରୁକୋଣ୍ଡା, ପଡିଆ, ଖଇରପୁଟ, ମାଥିଲି ଆଦି ଅଂଚଳରେ ୧୪ଟି ସ୍ଥାନରେ ମଣ୍ଡି ଆରମ୍ଭ କରାଯାଇଥିଲା। । ଏହି ମଣ୍ଡି ଗୁଡିକୁ ଅନେକ ଚାଷୀ ସେମାନଙ୍କ ଧାନ ବିକ୍ରି କରିବା ନିମନ୍ତେ ଆଣିଥିଲେ, ତେବେ ପ୍ରଥମ ଦିନରେ କୌଣସି ଚାଷୀଙ୍କ ଠାରୁ ଧାନ କିଣା ହୋଇ ପାରିନାହିଁ । ସନ୍ଧ୍ୟା ସମୟରେ ସମବାୟ କର୍ମଚାରୀ ମାନେ ମୁହଁ ଫେରାଇଥିବା ଯୋଗୁଁ ମଣ୍ଡିରେ ଗଦା ଗଦା ଧାନ ପଡି ରହିଛି । ତେବେ ମଣ୍ଡିର ବିଭିନ୍ନ ସମସ୍ୟା ନେଇ ଅନେକ ଚାଷୀ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥଙ୍କୁ ପଚାରିବାରୁ ସମବାୟ କର୍ମଚାରୀଙ୍କ ଆନ୍ଦୋଳନ ଚାଲିବା ସତ୍ୱେ ସେମାନଙ୍କୁ ଧାନ କିଣିବା ନିମନ୍ତେ ଦାୟିତ୍ୱ ଦିଆଯାଇଥିଲା । ପ୍ରଥମ ଦିନରେ ସେମାନେ ୧୪ଟି ସ୍ଥାନରେ ମଣ୍ଡିର ଶୁଭାରମ୍ଭ କରିବା ପରେ ସଂନ୍ଧ୍ୟା ସମୟରେ ଏହି କର୍ମଚାରୀ ମାନେ ଧାନ ନ କିଣିବା ନିମନ୍ତେ ନିଷ୍ପତି ନେଇଛନ୍ତି । ଏ ସମ୍ପର୍କରେ ଏକ ଲିଖିତ ଭାବେ ମଧ ଜଣାଇଥିବା ସେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଧାନମଣ୍ଡି ପରିଚାଳନା ନିମନ୍ତେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲ । ସେଥିମଧ୍ୟରୁ ୧୨ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିକୁ ଚିହ୍ନଟ କରାଯାଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠା ଯାଇଥିଲ। । ଏହି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ଧାନମଣ୍ଡି ପରିଚାଳନା କରିବା ନିମନ୍ତେ ଦୀର୍ଘ ଦିନ ଧରି ଭୁଆଁ ବୁଲାଇବା ପରେ ବିଭିନ୍ନ ଆଳ ଦେଖାଇ ଶେଷରେ ବାରଣ କରାଯାଇଥିଲା । ବର୍ତମାନ ଲ୍ୟାମ୍ପ କର୍ମଚାରୀ ମାନେ ନିଜ ସ୍ୱାର୍ଥକୁ କାୟମ ରଖିଥିବା ବେଳେ ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ଚାଷୀଙ୍କୁ ବିପଦ ମୁଖରେ ପକାଇଥିବା ଦେଖିବାକୁ ମିଳିଛି । ଏପରି ସ୍ଥିତିରେ ଚାଷୀଙ୍କ ଦୁଃଖ ବୁଝିବ କିଏ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

# ୪୫୫ ବୋତଲ କଫ ଶିରପ ଜବତ : ୪ ଗିରଫ

ବଲାଙ୍ଗିର,୧୭/୧୨ (ନି.ପ୍ର): ଆଜି ପୁଇଁତଳା ପୁଲିସ ଜାତୀୟ ରାଜପଥ ନଂ ୫୭ ସୋନପୁର ରାସ୍ତାର ଟୋଲ ଗେଟ ଠାରେ ଗୋଟିଏ ମାରୁତି ସ୍ୱିଫ୍ଟ ଗାଡିରୁ ୪୫୫ ବୋତଲ କଫ ଶିରପ ଜବତ କରିଛି । ଏହି ମାମଲାରେ ୪ ଜଣଙ୍କୁ ଗିରଫ କରିଛି । ଖବର ପାଇ ଥାନା ଅଧିକାରୀ ଯଶୋବନ୍ତ ପଧାନି ଛକି ରହି ଗାଡିକୁ ଧରି ଥିଲେ । ଗାଡି ଭିତରୁ ୪୫୫ ବୋତଲ କଫ ଶିରପ ଜବତ କରିଥିଲେ । ଏହି ମାମଲାରେ ବରପାଲି ପଡାର ସୁମନ୍ ସ୍ୱାଇଁ, ତାଳପାଲି ପଡାର ହିଟଲର ଓରଫ ବିଶ୍ୱଜିତ୍ କୁମ୍ଭାର, ଚିମନି ଭାଟିପଡାର ଆଶୁ ଓରଫ ବିଶ୍ୱଜିତ ମିଶ୍ର ଓ ବରପାଲି ପଡାର ଘନ ଓରଫ ଘନଶ୍ୟାମ ରାଉତକୁ ଗିରଫ କରିଛି ପୋଲିସ । ଏ ସଂକ୍ରାନ୍ତରେ ପୁଇଁତଳା ଥାନା କେଶ୍ ନମ୍ବର ୨୬୩ଦ୨୧ ରେ ଏକ ମାମଲା ରୁଜୁ କରାଯାଇଛି ।

# ମଦ୍ୟପାନ ଜୀବନ ନାଶର କାରଣ

ମଦ୍ୟପାନ ଏକ ସାମାଜିକ ବ୍ୟାଧି । ଆର୍ଥିକ, ମାନସିକ, ପାରିବାରିକ, ସାମାଜିକ ଓ ଦୁର୍ଘଟଣା ଇତ୍ୟାଦି ବହୁ ସମସ୍ୟା ଏହି ବ୍ୟାଧି ସହିତ ଜଡ଼ିତ । ଏହାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ଆପଶ୍ୟକ ହୋଇଥାଏ । ମଦ୍ୟପାନ ଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗ ଧିରେ ଧିରେ ଅଜାଣତରେ ରୋଗଗ୍ରସ୍ତ ହୋଇଥାଏ । ମଦ୍ୟପାନର ପ୍ରଥମ ବିଷଦୃଷ୍ଟି ଯକୃତ ଉପରେ ପଡ଼ିଇଥାଏ । ଯକୃତରେ ଚର୍ବି ଜମିଯାଏ, ରୋଗୀକୁ ଜଣ୍ଡିସ୍ ହୁଏ, ରୋଗୀ ଲିଭର ସିରୋସିସ୍‌ରେ ଆକ୍ରାନ୍ତ ହୁଏ ବେଳେବେଳେ ଲିଭର କ୍ୟାନସର ମଧ୍ୟ ହୋଇଥାଏ । ମଦ୍ୟପାନ ସହିତ ହେପାଟାଇଟିସ୍ ବିଓ ହେପାଟାଇଟିସ୍ ସି ମିଶାଟାଇ ଯକୃତତକୁ ଅତ୍ୟଧିକ କ୍ଷତି କରନ୍ତି ।

ଦୈନିକ ୬୦ ଗ୍ରାମରୁ ଅତ୍ୟଧିକ ମଦ ପିଇଲେ ତାହା ଯକୃତର କୋଷକୁ ନଷ୍ଟ କରି ଫାଇବ୍ରୋସିସ୍ କରେ । ୮ବର୍ଷରୁ ଅଧିକ ମଦ୍ୟାପନ କଲେ ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ । ମହିଳାମାନେ ୨୦ ଗ୍ରାମରୁ ଅଧିକ ଓ ପୁରୁଷମାନେ ୬୦ ଗ୍ରାମରୁ ମଦ୍ୟପାନ କଲେ ସେମାନଙ୍କୁ ସିରୋସିସ୍ ରୋଗ ହୋଇଥାଏ । ମହିଳାମାନେ ପୁରୁଷମାନଙ୍କ ଅପେକ୍ଷା ମଦ୍ୟପାନ ଦ୍ୱାରା ୩ଗୁଣ କ୍ଷତିଗ୍ରସ୍ତ ହୁଅନ୍ତି । ପୃଥିବୀରେ ଉତ୍ପାଦିତ ସବୁ ପ୍ରକାର ମଦର ଏକ ପଞ୍ଚମାଂଶ ଭାରତୀୟମାନେ ପିଇଥାନ୍ତି । ସେହିପରି ଏକ ଗବେଷଣକାରୀ ସଂସ୍ଥାର ତଥ୍ୟ ଅନୁଯାୟୀ ଭାରତ ବର୍ଷରେ ବ୍ୟବହୃତ ମଦର ଦୁଇ ତୃତୀୟଂଶ ଚୋରା ମଦ କାରବାରରୁ ଆସିଥାଏ । ଭାରତ ବର୍ଷରେ ୧୫ଲକ୍ଷ କୋଟି ଟଙ୍କାର ବିୟର, ୱାଇନ ଓ






ଅନ୍ୟାନ୍ୟ ମଦ ବିକ୍ରି ହୋଇଥାଏ । ପୃଥିବୀରେ ପାନ କରାଯାଉଥିବା ହ୍ୱିସ୍କି ମଦ ବଜାରରେ ଭାରତର ସ୍ଥାନ ଏକ ନମ୍ବର । ସେହିପରି ସୂଚନା ପ୍ରଯୁକ୍ତିର ବ୍ୟପକତା, ଅର୍ଥନୈତିକ ଉନ୍ନତି, ଦୃଢ଼ ସହରୀକରଣ, ଜୀବନଭ୍ୟାସରେ ପରିବର୍ତ୍ତନ, ସାମାଜିକ ଚାହିଦା ଓ କୌଣସି ପ୍ରକାର ମାନସିକ ଅବସାଦ କାରଣରୁ ଦିନକୁ ଦିନ ବିଶେଷକରି ଯୁବକମାନେ ଏହାପ୍ରତି ଆକୃଷ୍ଟ



ହେଉଛନ୍ତି । ବିଭିନ୍ନ ମହାନଗର ମଦ କିଣୁଥିବା ବ୍ୟକ୍ତିମାନଙ୍କ ଭିତରୁ ୩୨ ପ୍ରତିଶତଙ୍କ ବୟସ ୧୭ବର୍ଷରୁ ୨୫ବର୍ଷ ହୋଇଥିବା ବେଳେ ୧.୫ ପ୍ରତିାତଙ୍କ ବୟସ ୧୬ବର୍ଷରୁ କମ । ମଦ କିଣୁଥିବା ୪୫ ପ୍ରତିଶତ ଲୋକଙ୍କର ବୟସ ୨୬ରୁ ୫୦ ବର୍ଷ ଭିତରେ । ଲିଭର ଫାଇବ୍ରୋସ୍କାନ ଯନ୍ତ୍ରର ଆବଶ୍ୟକତା ରହିଛି । ଖାଇବା ସମୟ ବାଦ ଦେଇ ଅଲଗା ସମୟରେ ମଦ୍ୟପାନ କଲେ ଲିଭର ୨ରୁ ୩ଗୁଣ କ୍ଷତିଗ୍ରସ୍ତ ହୋଇଥାଏ । ବିଂଜ୍ ମଦ୍ୟପାନ ଦ୍ୱାରା ଲିଭର ଆହୁରି ବିଶେଷ ଭାବରେ ଆକ୍ରାନ୍ତ ହୁଏ । ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ଓ ମଦ ଏକା ସାଙ୍ଗରେ ଖାଇଲେ ଯକୃତର ଅଧିକ କ୍ଷତି ହୁଏ । ଛାତିରେ ପାଣି ଜମିଯାଏ ଓ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ହୁଏ । ମଦ୍ୟପାନ ଯୋଗୁଁ ଜଣ୍ଡିସ୍ ହେଲେ ବେଳେ ରୋଗୀ ଚେତାଶୂନ୍ୟ ହୋଇଯାଏ, ପେଟରେ ପାଣି ଜମିଯାଏ, ରକ୍ତବାନ୍ତି ଓ କଳା ଝାଡ଼ା ହୁଏ, ପରିସ୍ରା କମିଯାଏ ଓ ବୃକ୍କକ୍ ମଧ୍ୟ ଆକ୍ରାନ୍ତ ହୁଏ । ହୃତପିଣ୍ଡ, ଅଗ୍ନାଶୟ, ବୃକ୍କକ୍ ମସ୍ତିଷ୍କ, ସ୍ନାୟତନ୍ତ୍ରୀ ଇତ୍ୟାଦି ଅଙ୍ଗ ମଦ୍ୟାପନ ଦ୍ୱାରା ଆକ୍ରାନ୍ତ ହୁଏ । ମଦ୍ୟପାନ ବନ୍ଦ ହେଉଛି ଏହି ବ୍ୟାଧିର ଏକମାତ୍ର ଚିକିତ୍ସା । ସରକାରୀର ସ୍ତରରେ ୧୯୫୬ ମସିହାରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଚେଷ୍ଟାରେ ମଦ ନିବାରଣ ନିୟମକୁ ମାନ୍ୟବର ରାଷ୍ଟ୍ରପତି ମହୋଦୟ ଅନୁମୋଦନ କରିଛନ୍ତି । ନିଶା ନିବାରଣକୁ ଦୃଷ୍ଟିରେ ରଖି ମଦ ଦୋକାନର ସଂଖ୍ୟା ହ୍ରାସ କରାଯାଇଛି । ୨୦୧୩-୧୪ ବର୍ଷ



ଆରମ୍ଭରେ ରାଜ୍ୟରେ ମୋଟ ୪୦୩୪ ଗୋଟି ବିଭିନ୍ନ କିସମର ମଦ ଦୋକାନ ପ୍ରଚଳିତ ଥିଲା । ୨୦୧୩-୧୪ ବର୍ଷର ଶେଷ ଆଡ଼କୁ ତଥା ୨୦୧୪-୧୫ ବର୍ଷ ଆରମ୍ଭରେ ମୋଟ ୩୬୭୦ ବିଭିନ୍ନ ପ୍ରକାରର ମଦ ଦୋକାନ ରାଜ୍ୟରେ ପ୍ରଚଳିତ ଥିଲା । ଅବକାରୀ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ନୀତି ନିର୍ଦ୍ଧାରଣ କମିଟିର ପ୍ରଚେଷ୍ଟାରେ ଓ ମାନ୍ୟବର ଉଚ୍ଚନ୍ୟାୟାଳର ହସ୍ତକ୍ଷେପ ଫଳରେ ୩୬୪ଟି ମଦ ଦୋକାନକୁ ବନ୍ଦ କରାଯାଇଛି । ମହିଳାମାନଙ୍କୁ ବାର ଗୁଡ଼ିକରେ ନିୟୋଜିତ ନ କରିବା ନିମନ୍ତେ ଅବକାରୀ ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ ନିମନ୍ତେ ସରକାର ବିଚାର କରୁଛନ୍ତି । ଜାତୀୟ ରାଜପଥରେ ଘଟୁଥିବା ସଡ଼କ ଦୁର୍ଘଟଣା ଗୁଡ଼ିକ ପାଇଁ ନିଶାଗ୍ରସ୍ତ ଚାଳକମାନେ ଅନେକାଂଶରେ ଦାୟୀ । ତେଣୁ ସଡ଼କ ଦୁର୍ଘଟଣା ଏଡ଼େଇବା ପାଇଁ ଜାତୀୟ ରାଜପଥର ଓ ରାଜ୍ୟ ରାଜପଥର ୫୦ ମିଟର ମଧ୍ୟରେ ଥିବା ବିଦେଶୀ ଠିପି ବନ୍ଦ, ବିଦେଶୀ ଠିପି ଖୋଲା, ଦେଶୀ ତଥା ବାହାର ଭାଟି (ମହୁଲି) ମଦ ଦୋକାନ ଗୁଚଡ଼ିକୁ ସ୍ଥାନାନ୍ତରିତ ପାଇଁ ଓଡ଼ିଶା ସରକାର ନିର୍ଦ୍ଦେଶ ଦେଇଛନ୍ତି । ଅବକାରୀ ଧରପଗଡ଼କୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଜିଲ୍ଲା ସ୍ତରରେ ସ୍କୁଆର୍ଡ ଗଠନ କରାଯାଇଛି ।

ଓଡ଼ିଶାର ମୁଖ୍ୟତଃ ୮ଗୋଟି ଜିଲ୍ଲା ଯଥା ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଗଜପତି, କନ୍ଧମାଳ, ବୌଦ୍ଧ, ମାଲକାନାଗିରି ଓ ରାୟଗଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ବେଆଇନ ଗଞ୍ଜେଇ ଗଛକୁ ନଷ୍ଟ କରାଯାଉଛି । ନାରୀ ସଶକ୍ତିକରଣ ମାଧ୍ୟମରେ ମଦ ମୃତ୍ୟୁ ବିଭୀଷିକାକୁ ବହୁ ପରିମାଣରେ ରୋକାଯାଇ ପାରିବ । ଗୁଜୁରାଟ, ମଣିପୁର, ମୃତ୍ୟୁ ବିଭୀଷିକାକୁ ବହୁ ପରିମାଣରେ ରୋକାଯାଇ ପାରିବ । ଗୁଜୁରାଟ, ମଣିପୁର, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଓ ବର୍ତ୍ତମାନ ବିହାରରେ ସମ୍ପୂର୍ଣ୍ଣ ମଦ ନିବାରଣ କରାଯାଇଛି ।




## କଫି ପାଇଁ ୧୬ ଘଣ୍ଟା



ଭାରତର ପ୍ରତ୍ୟେକ ପ୍ରାନ୍ତରେ କଫିପ୍ରେମୀଙ୍କ ସଂଖ୍ୟା କିଛି କମ୍ ନୁହେଁ । ଚା’ ସହ ଏବେ କଫିର ଆସର ମଧ୍ୟ ଜମିଲାଣି । ବଜାରରେ ଏବେ ୪୦୦ରୁ ଅଧିକ ପ୍ରକାରର କଫି ମିଳୁଛି । ଇନ୍ଦୋର ସହରରେ ବିଭିନ୍ନ ଛକରେ ସଂଖ୍ୟାଧିକ କଫି ଦୋକାନ ଥିବାବେଳେ ଉଭୟ ଦେଶୀ ଓ ବିଦେଶୀ ପର୍ଯ୍ୟଟଙ୍କ ଭିଡ଼ ଏଠାରେ ଜମୁଛି । ସେଠାକାର ଏକ କଫି ଦୋକାନ ହେଉଛି ‘ଲଭ୍ କଫି’ । ଦୋକାନର ମାଲିକ ୩୬ ବର୍ଷୀୟ ନିହାର ଓ ତାଙ୍କ ପତ୍ନୀ ଶିଖା ବିଦେଶୀ ସୁଆଦର କଫି ସେଠାରେ ଉପଲବ୍ଧ କରାଇଥାନ୍ତି । ଏଇ କାରଣରୁ ଗ୍ରାହକଙ୍କ ଭିଡ଼ ଏଠାରେ ସର୍ବାଧିକ । ଶିଖାଙ୍କ ମତରେ ପ୍ରତ୍ୟେକ ଋତୁରେ କଫି ଗ୍ରାହକଙ୍କ ସଂଖ୍ୟା ବଢୁଥିବାବେଳେ ଶୀତ ଋତୁରେ ସର୍ବାଧିକସ୍ତରରେ ପହଞ୍ଚିଥାଏ । ଗତ ଦେଢ଼ ବର୍ଷ ତଳୁ ସେମାନଙ୍କ ଏଇ କଫି ଦୋକାନରେ ଇଟାଲୀ, ଜର୍ମାନୀ, ଲଣ୍ଡନ ଇତ୍ୟାଦି ପ୍ରାନ୍ତର ନାମୀ କଫି ମିଳୁଛି । ଏସବୁର ପ୍ରସ୍ତୁତି ସେ ଓ ତାଙ୍କ ସ୍ୱାମୀ ବିଦେଶ ଗସ୍ତ ସମୟରେ ଶିଖିଆସିଥିଲେ, ଯାହା ବର୍ତ୍ତମାନ ସେମାନଙ୍କ ବ୍ୟବସାୟର ଉନ୍ନତିରେ ଲାଗୁଛି । ଅଧିକାଂଶ ଗ୍ରାହକଙ୍କ ପସନ୍ଦ ହେଉଛି ‘କୋଲ୍ଡ ବ୍ରୁ କଫି’ । ଲଣ୍ଡନର ଏଇ କଫିକୁ ପ୍ରସ୍ତୁତ କରିବା ପାଇଁ ୧୬ ଘଣ୍ଟା ସମୟ ଲାଗିଥାଏ । ପୂର୍ବଦିନ ରାତିରୁ ତାହାକୁ ଥଣ୍ଡା ପାଣିରେ ଭିଜାଇ ରଖାଯିବା ହସ ତହିଁ ଆରଦିନ ଗ୍ରାହକଙ୍କୁ ପରଷାଯାଏ । ଗ୍ରାହକମାନେ ଅନ୍-ଲାଇନ୍ ଜରିଆରେ ୨-୩ ଦିନ ପୂର୍ବରୁ ଏଇ କଫି ପିଇବା ପାଇଁ ବୁକିଂ କରୁଥିବାର ଜଣାପଡ଼ିଛି । କଫି ପିଉଥିବା ଗ୍ରାହକମାନେ ନିୟମିତ ନୂଆ ସ୍ୱାଦର କଫି ପିଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଅଧିକାଂଶ ଦୋକାନୀଙ୍କ ମତ ।

## ଲିବିୟା ରୋଷେୟାଙ୍କ ଚମତ୍କାର କଳାକୃତି

ଏବର ରୋଷେୟାମାନେ କେବଳ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତିରେ ଧୁରନ୍ଧର ନୁହନ୍ତି, ବରଂ ଚମତ୍କାର ଶୈଳୀରେ ବ୍ୟଞ୍ଜନ କଳାକୃତି କରିବାରେ ମଧ୍ୟ ସିଦ୍ଧହସ୍ତ । ନିକଟରେ ଲିବିୟାର ଜନୈକା ରୋଷେୟା ଏକ ସୁନ୍ଦର ତଥା ଆକର୍ଷଣୀୟ କେକ୍ ତିଆରି କରି ଅବିକଳ ଦେଖାଯାଉଥିବା ଏଇ ମୂର୍ତ୍ତିଟି ଯେ କେକ୍, ତାହା ନ ଦେଖିଲେ ବିଶ୍ୱାସ କରିହେବନି । ରୋଷେୟା ୧୫ ଘଣ୍ଟାରେ ଏହା ତିଆରି କରିଥିଲେ । କେକ୍‌ଟି ବିଶ୍ୱର ସବୁଠୁ ସୁନ୍ଦର କେକ୍ ଭାବେ ପରିଚୟ ପାଇଛି । କେକ୍ ତିଆରି ପାଇଁ ମୋଟ୍ ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଦେଢ଼ କିଲୋ ଓଜନର କେକ୍‌ର ମୂଲ୍ୟ ୪ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି । ଟ୍ୱିଟର୍ ଓ ଇନ୍‌ଷ୍ଟାଗ୍ରାମରେ ଏଇ ତଥ୍ୟ ପ୍ରକାଶିତ ହେବା ପରେ ଲୋକେ ଏଇଭଳି କେକ୍ ଅଗ୍ରିମ ବରାଦ୍ ଦେଇଚାଲିଛନ୍ତି ।

## ଶୟନ କକ୍ଷ ସମ୍ପର୍କିତ ଜାଣିବା କଥା



ବାସ୍ତୁଶାସ୍ତ୍ର ଅନୁସାରେ, ପ୍ରତ୍ୟେକ ଘରର ଶୟନକକ୍ଷ ଉଚିତ୍ ଦିଗରେ ନଥିଲେ, ପରିବାର ସଦସ୍ୟଙ୍କ ମଧ୍ୟରେ ନିୟମିତ କଳିଝଗଡ଼ା ଲାଗିରହେ । ଏଣୁ ବାସ୍ତୁବିତ୍‌ଙ୍କ ମତରେ ଶୟନ କକ୍ଷର ଯଦିଓ ଦିଗ ଠିକ୍ ନାହିଁ, ତେବେ କେତେକ ଦିଗ ପ୍ରତି ଧ୍ୟାନ ଦେଲେ ଅନ୍ୟାନ୍ୟ ସମସ୍ୟାର ସମାଧାନ ହୋଇପାରିବ ।

- ପ୍ରଥମ ତଥା ସବୁଠୁ ଗୁରୁତ୍ୱପୂର୍ଣ ଶୟନ କକ୍ଷର ଦୁଆର ସମ୍ମୁଖରେ ଖଟ ରଖିବା ଅନୁଚିତ । ଏହା ବିଭିନ୍ନ ସମସ୍ୟା ସୃଷ୍ଟି କରେ ।
- ପିଲାଙ୍କ କକ୍ଷରେ ଏଭଳି ଭାବେ ଖଟ ରଖନ୍ତୁ, ଯେପରି ପଶ୍ଚିମ, ଦିଗକୁ ସେମାନେ ମୁଣ୍ଡ କରି ଶୋଇବେ ।
- ଘରର ମୁଖିଆଙ୍କ କକ୍ଷ ଦକ୍ଷିଣ-ପଶ୍ଚିମ ନଚେତ୍ ପଶ୍ଚିମ ଦିଗରେ ହେବା ଉଚିତ । ନବବିବାହିତ ଯୋଡ଼ି ପୂର୍ବ ଦିଗକୁ ମୁଣ୍ଡ କରି ଶୋଇବା ଆଦୌ ଶୁଭପ୍ରଦ ନୁହେଁ ।
- ପିଲାଙ୍କ ବ୍ୟତୀତ ଘରର ଅନ୍ୟ ସଦସ୍ୟମାନେ ଦକ୍ଷିଣ କିମ୍ବା ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇବା ଭଲ । ଉତ୍ତର ଦିଗକୁ ମୁଣ୍ଡ କରି ଶୋଇଲେ ଖରାପ ସ୍ୱପ୍ନ ଦେଖିବା ସହ ଭଲ ନିଦ ହୋଇନଥାଏ ବୋଲି ବାସ୍ତୁବିତ୍‌ଙ୍କ ମତ ।

## ସମ୍ପର୍କରେ ସମସ୍ୟାର ଶେଷ ଉପାୟ ଛାଡ଼ପତ୍ର ନୁହେଁ

ଆପଣଙ୍କ ସମ୍ପର୍କର ଯଦି ନିୟମିତ ସମସ୍ୟା ଓ ବାଧା ସୃଷ୍ଟି ହେଉଛି, ତେବେ ବ୍ରେକ୍‌ଅପ୍ ବୁଦ୍ଧମାନର କାର୍ଯ୍ୟ । ହେଲେ ଏହିଭଳି ସ୍ଥିତିରେ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେବାର ବଡ଼ ସମ୍ଭାବନା ମଧ୍ୟ ଥାଏ । ସମ୍ପର୍କ ମଧ୍ୟରେ ପ୍ରତିଟି ସମସ୍ୟାର ଶେଷ ଉପାୟ ଛାଡ଼ପତ୍ର ନୁହେଁ । ତେଣୁ ହୋଇପାରେ ଅନେକ ସମୟରେ ଏହି ଘଟଣାକୁ ନେଇ ପଶ୍ଚାତାପ ହେବାକୁ ପଡ଼ିଥାଏ । ତେଣୁ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ଅନେକ ପ୍ରଶ୍ନ ନିଜକୁ ମଧ୍ୟ ପଚାରିବା ଦରକାର ।

- ନିଷ୍ପତ୍ତି ନେବା ପୂର୍ବରୁ ଥଣ୍ଡା ମନରେ ନିଜକୁ ପଚାରନ୍ତୁ ଏବଂ ଆଗାମୀ ୫ ବର୍ଷକୁ ମଧ୍ୟ ଦୃଷ୍ଟିରେ ରଖି ବିଚାର କରନ୍ତୁ । ମନକୁ ପଚାରନ୍ତୁ ଏହି ସମସ୍ୟାର କ’ଣ କିଛି ସମାଧାନ ନାହିଁ ? ସତରେ କ’ଣ ଯେଉଁ ଘଟଣାକୁ ନେଇ ବିବାଦ ସୃଷ୍ଟି ହେଉଛି ତାହା କ’ଣ ଯଥାର୍ଥ ? ତାହା କ’ଣ ସତରେ ଗମ୍ଭୀର ?
- ଅନେକ ସମୟରେ ଭାବନା ସାଗରରେ ବୁଡ଼ିଯାଇ ନିଷ୍ପତ୍ତି ନିଆଯାଇଥାଏ । ତେଣୁ ଏହାକୁ ମଧ୍ୟ ବିଚାର କରିବା ଦରକାର ।



ନିଷ୍ପତ୍ତି ନେବା ପୂର୍ବରୁ ଚିନ୍ତା କରିବା ଦରକାର ଯେ ସତରେ କ’ଣ ପାର୍ଟନର ନିଜ ପ୍ରତି ସମର୍ପିତ ଥିଲେ ନା ନଥିଲେ ? ସେ ଭଲ ପାଉଥିଲେ ନା ଭଲ ପାଉନଥିଲେ ? ତାଙ୍କୁ ନେଇ ଯେଉଁ ସମସ୍ୟା ସୃଷ୍ଟି ହେଉଛି ସେଥିରେ ଖାଲି ତାଙ୍କର ଭୂମିକା ଅଛି ନା ଅନ୍ୟ କାହାର । ବର୍ତ୍ତମାନ ବି ସେ ଭଲ ପାଉଛନ୍ତି ନା ନାହିଁ ? କେଉଁ ପରିସ୍ଥିତି ତାଙ୍କୁ ଏଭଳି ଆଚରଣ କରିବା ପାଇଁ ବାଧ କରୁଛି ସେଥିପ୍ରତି ମଧ୍ୟ ସତର୍କତାର ସହ ବିଚାର କରିବା, ବୁଦ୍ଧିମାନର ସହ ଆଲୋଚନା କରିବା ଦରକାର ।

## ପାରିବାରିକ ବନ୍ଧନକୁ ମଜ୍‌ବୁତ କରେ ‘ଫ୍ୟାମିଲି ଡିନର’

ବର୍ତ୍ତମାନ ସମୟରେ ପୂରା ପରିବାର ଏକାଠି ବସି ଖାଇବାର ଧାରା ଦେଖିବାକୁ ମିଳୁନାହିଁ । ଗୋଟିଏ ସମୟ ଥବଲା ଯେତେବେଳେ ପରିବାରର ସମସ୍ତେ ଗୋଟିଏ ସ୍ଥାନରେ ବସି ଏକାଠି ଖାଉଥିଲେ । କର୍ମ ବ୍ୟସ୍ତତା, ଦାୟିତ୍ୱ ଓ ଅନ୍ୟ କାରଣରୁ ଏହା ଆଉ ହେଉନାହିଁ । ଯେତେବେଳେ ଟିକିଏ ସମୟ ମିଳୁଛି ପରିବାର ସହ କଥାବାର୍ତ୍ତା ହେବା ବଦଳରେ ଟିଭି ଦେଖିବାକୁ, ମୋବାଇଲ ଗେମ୍ ଖେଳିବାକୁ ଅନେକ ପସନ୍ଦ କରୁଛନ୍ତି । ମାତ୍ର ମନେ ରଖିବା ଦରକାର ଯେ, ପାରିବାରିକ ବନ୍ଧନକୁ ମଜ୍‌ବୁତ କରିବାକୁ ହେଲେ ଏକାଠି ସମସ୍ତେ ଖାଇବା ମଧ୍ୟ ବେଶ୍ ମହତ୍ୱ ରଖେ । ଆଉ ଏହି କ୍ଷେତ୍ରରେ ଘରର ମହିଳାମାନେ ମଧ୍ୟ ବଡ଼ ଭୂମିକା ନେବା ଦରକାର । ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏକୁଟିଆ ଖାଉଥିବା ବ୍ୟକ୍ତିଙ୍କ ତୁଳନାରେ ପରିବାର ସହିତ ଏକାଠି ଖାଉଥିବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ବେଶ ଭଲ ରହିଥାଏ । ବିଶେଷ କରି ପରିବାର ସହ ତୁଳନାରେ ପରିବାର ସହ ମିଶି ଖାଉଥିବା ବ୍ୟକ୍ତିମାନେ ଅଧିକ ଫଳ ଓ ପନିପରିବା ଖାଇଥାନ୍ତି । ସେହିପରି ପରିବାର ସହ ଏକାଠି ବସି ଖାଉଥିବା ବ୍ୟକ୍ତିମାନେ ମାନସିକ ଶାନ୍ତି ମଧ୍ୟ ବେଶ ଭଲ ରହିଥାଏ । କାରଣ ପରସ୍ପର ମଧ୍ୟରେ ଚର୍ଚ୍ଚା ଓ ଆଲୋଚନା ଅନେକ ସମସ୍ୟାର ସମାଧାନର ବାଟ କାଢ଼ିଥାଏ ।



## ଲୁଡୁପାଲି ଖେଳରେ ପିଲାଙ୍କୁ ଶିକ୍ଷା

କେବଳ ଯେ ବିଦେଶ ଓ ଭାରତର ନାମୀଦାମୀ ବିଦ୍ୟାଳୟରେ ଉନ୍ନତମାନର ଶିକ୍ଷା ଦିଆଯାଉଛି, ତା’ ନୁହେଁ । ଆଦିବାସୀ ଗ୍ରାମର ବିଦ୍ୟାଳୟରେ ମଧ୍ୟ ଶିକ୍ଷକସମୂହ ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଛତିଶଗଡ଼ର ଆଦିବାସୀ ଗ୍ରାମ ମେଢ଼ନା ବିଦ୍ୟାଳୟରେ ଇଂରାଜୀ ଓ ଗଣିତ ଶିକ୍ଷା ନିମନ୍ତେ ଶିକ୍ଷକ, ଶିକ୍ଷୟତ୍ରୀମାନେ ସୁନ୍ଦର ତଥା ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି । ଲୁଡୁପାଲି ଓ ସାପଶିଡ଼ି ଖେଳରେ ସେମାନଙ୍କୁ ଦିଆଯାଉଛି ଶିକ୍ଷା । ଶ୍ରେଣୀର ଦୁଇଟି କକ୍ଷର ଚଟାଣରେ ଲୁଡୁପାଲି ଓ ସାପଶିଡ଼ିର ଚିତ୍ର




କରାଯାଇଛି । ପିଲାମାନେ ବେଶ୍ ଉତ୍ସାହର ସହ ଖେଳିଖେଳି ଏହା ଦ୍ୱାରା ପାଠ ଅଭ୍ୟାସ କରୁଛନ୍ତି । ଶିକ୍ଷୟତ୍ରୀ କହିଛନ୍ତି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ଏବେ ୨୫କ ପଣିକିଆ ମୁଖସ୍ଥ କରିସାରିଛନ୍ତି । ଲୁଡୁପାଲିରେ ଖେଳିବାବେଳେ ସେମାନେ ଇଂରାଜୀ ଶବ୍ଦ ମଧ୍ୟ ଶିଖୁଛନ୍ତି । ମହାନଗରୀ ପିଲାଙ୍କ ତୁଳନାରେ ଏଇ ଗ୍ରାମର ପିଲାମାନେ ପାଠରେ ଅଧିକ ଧୂରୀଣ ବୋଲି ନିକଟରେ ଆୟୋଜିତ ଏକ ପରୀକ୍ଷଣରୁ ଜଣାପଡ଼ିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଚିନ୍ତାରେ ଟିକାକରଣ...

କୋଭିଡ-୧୯ର ନୂତନ ଭାରିଆଣ୍ଟ ଓମାଇକ୍ରନ୍‌ର ବ୍ୟାପକ ସଂକ୍ରମଣକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦିନକୁ ଦିନ ନୂଆ ନୂଆ ସତର୍କବାଣୀ ଶୁଣାଇବାରେ ଲାଗିଛି । ଏହା କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଏବେ ଚିନ୍ତାର କାରଣ ପାଲଟିଛି । ଏବେ ସୁଦ୍ଧା ବିଶ୍ୱର ୭୭ଟି ରାଷ୍ଟ୍ରରେ ଚିହ୍ନଟ ହୋଇଥିବା ଏହି ଭୂତାଣୁରେ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ମଧ୍ୟ ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ଭାରତରେ ମଧ୍ୟ ଓମାଇକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଡକ୍ଟର ଟ୍ରେଡ୍ରୋସ୍ ଆଧାନୋମ୍ ଘିବ୍ରୋସସ୍ ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କୁ ସତର୍କ କରାଇ ଦେଇଛନ୍ତି ଯେ, କେବଳ ଟିକା ଗ୍ରହଣ ଯଥେଷ୍ଟ ନୁହେଁ । ଓମାଇକ୍ରନ ସଂକ୍ରମଣରୁ ବର୍ତ୍ତିବା ସକାଶେ ଜନସାଧାରଣଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବା ସହିତ ସରକାରଙ୍କୁ ଚିକିତ୍ସା ବ୍ୟବସ୍ଥାକୁ ଜାଗତିଆର ରହିବା ସକାଶେ ପରାମର୍ଶ ଦେଇଛନ୍ତି । ଏପରିକି ଅଧିକ ସଂକ୍ରମିତଙ୍କୁ ଚିକିତ୍ସା କରିବା ସକାଶେ ପର୍ଯ୍ୟାପ୍ତ ମାତ୍ରାର ଅକ୍ସିଜେନ୍ ସିଲିଣ୍ଡର ମହଜୁଦ ରଖିବା ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି । ଓମାଇକ୍ରନ୍ ଭେରିଆଣ୍ଟର ସଂକ୍ରମଣ ମାତ୍ରା କେତେ ବ୍ୟାପକ ଓ ଘାତକ ହେବ ତାହା ନିର୍ଦ୍ଦିଷ୍ଟ ଭାବେ କେହି ଆକଳନ କରିପାରୁ ନାହାଁନ୍ତି । କିନ୍ତୁ ଏହା ସ୍ପଷ୍ଟ ହୋଇସାରିଛି ଯେ, କୋଭିଡର ନୂଆ ନୂଆ ରୂପ ସମୟାନ୍ତରେ ମୁଣ୍ଡ ଟେକିବା ଓ ବ୍ୟାପିବାରେ ଲାଗିଛି । ପୂର୍ବରୁ ଯାହା ଅନୁମାନ କରାଯାଉଥିଲା ଯେ, କୋଭିଡର ନୂଆ ନୂଆ ରୂପ ସମୟାନ୍ତରେ ମୁଣ୍ଡ ଟେକିବା ଓ ବ୍ୟାପିବାରେ ଲାଗିଛି । ପୂର୍ବରୁ ଯାହା ଅନୁମାନ କରାଯାଉଥିଲା ଯେ, କୋଭିଡ-୧୯ ଆପେ ଆପେ ଦୂର ହୋଇଯିବ କିମ୍ବା ସାଧାରଣ ସର୍ଦ୍ଦି ଭଳି ଦେହସୁହା ପାଲଟି ଯିବ ତାହା ନୁହେଁ । ଏହାର ପରିବର୍ତ୍ତିତ କାୟା ପୂର୍ବାପେକ୍ଷା ଅଧିକ ମାରକ ରୂପ ଧରି ମାନବ ସମାଜ ପ୍ରତି ବିପଦ ଉପୁଜାଇବାରେ ଲାଗିଛି । ଇତିମଧ୍ୟରେ ବିଶ୍ୱର ଅନେକ ରାଷ୍ଟ୍ର, ବିଶେଷ କରି ଧନୀକ ରାଷ୍ଟ୍ରମାନେ ସେମାନଙ୍କର ନାଗରିକମାନଙ୍କୁ ଦୁଇ ଡୋଜ୍‌ର ଟିକା ଦେଇସାରିଛନ୍ତି । କିନ୍ତୁ ଓମାଇକ୍ରନ୍ ମୁଣ୍ଡ ଟେକିବା ଦିନଠାରୁ ଚିକିତ୍ସା ବିଜ୍ଞାନୀ ଓ ଭୂତାଣୁ ବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଆସୁଛନ୍ତି ଯେ, କେବଳ ଦୁଇଟି ଡୋଜ୍ ଟିକା ନେଲେ ସୁଦ୍ଧା କରୋନା କିମ୍ବା ଓମାଇକ୍ରନ୍ ସଂକ୍ରମଣରୁ ସଂପୂର୍ଣ୍ଣ ସୁରକ୍ଷିତ ରହି ହେବନାହିଁ । ତେଣୁ ବୁଷ୍ଟର ଡୋଜ୍ ଟିକା ନେବାକୁ ପଡ଼ିବ । ଗତବର୍ଷ ସେପ୍ଟେମ୍ବର ମାସରେ ପ୍ରଥମେ ଇସ୍ରାଏଲର ଭୂତାଣୁ ବିଜ୍ଞାନୀମାନେ ଏଭଳି ବୁଷ୍ଟର ଡୋଜ୍ ଟିକା ନେବା ପ୍ରସଙ୍ଗ ଉଠାଇଥିଲେ । ଏବେ ଏହାକୁ ନେଇ ବିଶ୍ୱ ବିଭାଜିତ । ଅର୍ଦ୍ଧାଧିକ ରାଷ୍ଟ୍ର ବୁଷ୍ଟର ଡୋଜ୍ ଟିକା ନେବା ସପକ୍ଷରେ ଥିବାବେଳେ ଅବଶିଷ୍ଟ ରାଷ୍ଟ୍ର ଏହାକୁ ନାପସନ୍ଦ କରୁଛନ୍ତି । ଏହାର ମଧ୍ୟ କାରଣ ରହିଛି । ଏପର୍ଯ୍ୟନ୍ତ ବିଶ୍ୱର ୪୪ଟି ପ୍ରତିଶତ ଲୋକ ଗୋଟିଏ ହେଲେ ଡୋଜ୍ ଟିକା ନେଇନାହାଁନ୍ତି । ଅନେକ କାରଣ ମଧ୍ୟରୁ ଏହାର ମୂଳ କାରଣଟି ହେଲା ସେହିସବୁ ଦେଶଙ୍କ ନିକଟରେ ଟିକା କ୍ରୟ କିମ୍ବା ଦେବାର ଆର୍ଥିକ ଓ ଅନୁସଙ୍ଗିକ ସାଧନ ନାହିଁ । ତେଣୁ ବୁଷ୍ଟର ଡୋଜ୍ ଟିକା ସେମାନଙ୍କ ପାଇଁ ସ୍ୱପ୍ନ ହୋଇପାରେ । ଯେଉଁ ଚିକିତ୍ସାବିଜ୍ଞାନୀମାନେ କହୁଛନ୍ତି ଯେ, ଦୁଇ ଡୋଜ୍ ଟିକା ଓମାଇକ୍ରନ୍ ଭେରିଆଣ୍ଟ ସଂକ୍ରମଣକୁ ପ୍ରତିହତ କରିବାକୁ ଅକ୍ଷମ ସେମାନେ ବୁଷ୍ଟର ଡୋଜ୍ ନେବା ସପକ୍ଷରେ ଯୁକ୍ତି ବାଢ଼ୁନ୍ତି । ଏଭଳି ହୋଇପାରେ ଯେ ଭବିଷ୍ୟତରେ ଯଦି ଆଉ କିଛି ନୂଆ ଭେରିଆଣ୍ଟ ଆସେ, ତେବେ ଆହୁରି ନୂଆ ନୂଆ ଟିକା ନେବାକୁ ପଡ଼ିପାରେ । ତେଣୁ ଏହା ଏକପ୍ରକାର ପରିସ୍ଥିତି ସୃଷ୍ଟି କରିଛି, ଯେଉଁଥିରେ ପ୍ରତିଷେଧକ ଟିକା ନେଇ ହିଁ ସୁରକ୍ଷିତ ଜୀବନ ବଞ୍ଚିବାକୁ ପଡ଼ିବ ବୋଲି ସଂକେତ ପ୍ରଦାନ କରେ । ଏହାର କୌଣସି ବିକଳ୍ପ ମଧ୍ୟ ନାହିଁ । ପୁଣି ଏହି ମହାମାରୀର ଭୂତାଣୁ ଏଭଳି ସର୍ବବ୍ୟାପୀ ଯେ ସେଥିରୁ କେହି ମୁକ୍ତ ନୁହଁନ୍ତି । ତେଣୁ ସାମଗ୍ରିକ ଭାବେ ଏବେ କରୋନା ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ । ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଭାବି ଏହାକୁ ରକ୍ଷା କରିବାର କବଚ ଉଦ୍ଭାବନ କରିବାକୁ ହେବ । ଓମାଇକ୍ରନ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏବେ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବା ଉଚିତ । ଟିକାକରଣ ଦୃଷ୍ଟିରୁ ଭାରତ ଯେକୌଣସି ବିକଶିତ ରାଷ୍ଟ୍ରଙ୍କ ସମତୁଲ୍ୟ ରହିଛି । ଏବେ ସୁଦ୍ଧା ଦେଶର ମୋଟ୍ ଜନସଂଖ୍ୟାର ୫୫ ପ୍ରତିଶତରୁ ଅଧିକ ଲୋକଙ୍କୁ ଦୁଇ ଡୋଜ୍ ଟିକା ଦିଆସରିଛି । ସେହିଭଳି ୩୧ ପ୍ରତିଶତ ନାଗରିକଙ୍କୁ ଆଂଶିକ ଭାବେ ଟିକାକରଣ କରାଯାଇଛି । ପୁଣି ବୁଷ୍ଟର ଡୋଜ୍ ଟିକା କଥା ସରକାର ଗୁରୁତ୍ୱର ସହ ଚିନ୍ତା କରୁଛନ୍ତି । ଏବେ କେବଳ ଜନସାଧାରଣଙ୍କ ସହଯୋଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତାହା ଟିକାକରଣ ହୋଇଥାଉ ଅବା କୋଭିଡ ଉପଯୁକ୍ତ ଆଚରଣର ଅନୁପାଳନ । ଏହାଦ୍ୱାରା ଓମାଇକ୍ରନ୍ ସଂକ୍ରମଣକୁ ନିୟନ୍ତ୍ରଣରେ ରଖାଯାଇପାରିବ ।

## ବିକଶିତରାଷ୍ଟ୍ରଙ୍କ ଔପନିବେଶିକ ମାନସିକତା

ସୌମେନ୍ଦ୍ର ଜେନା

ପୃଥିବୀରେ ଅନେକ ରାଷ୍ଟ୍ର ଔପନିବେଶିକ ଶୋଷଣରୁ ମୁକ୍ତ ହୋଇଥିଲେ ହେଁ ଏବେ ମଧ୍ୟ ଶାସକ ଗୋଷ୍ଠୀର ଔପନିବେଶିକବାଦ ମନ ଭିତରୁ ଯାଇନାହିଁ । ଆମେରିକା ଏବଂ ଇଉରୋପର ଅନେକ ଦେଶରେ ବିଦେଶୀ ଏସୀୟ, ଆଫ୍ରିକୀୟମାନେ ବର୍ଣ୍ଣବିଦ୍ୱେଷର ଶିକାର ହେଉଛନ୍ତି । ଗୋରାଲୋକମାନଙ୍କ ମନରେ ଅନ୍ୟମାନଙ୍କ ପ୍ରତି ଘୃଣା ମନୋଭାବ ସାଧାରଣରେ ରହିଛି । ନିକଟରେ ଦେଶର ଜଣେ ପରିଚିତ ୟୁଟ୍ୟୁବ ଭିଡିଓ ନିର୍ମାଣ କରୁଥିବା ମହିଳା କାରୋଲିନା ଗୋସ୍ୱାମୀ ତାଙ୍କର ଭାରତୀୟ ସ୍ୱାମୀଙ୍କ ଅନୁଭବକୁ ନେଇ ଏକ ଭିଡିଓ ୟୁଟ୍ୟୁବରେ ଛାଡିଛନ୍ତି । ଯେଉଁଥିରେ ତାଙ୍କ ସ୍ୱାମୀ କିପରି ଆମେରିକା ଓ ଇଉରୋପର ମଲ୍, ଷ୍ଟାଡିୟମ, କ୍ଲବ୍ ଆଦିରେ ବର୍ଣ୍ଣବୈଷମ୍ୟ ଘୃଣାର ଶିକାର ହୋଇଛନ୍ତି ସେ ବିଷୟରେ ବର୍ଣ୍ଣନା କରିଛନ୍ତି । ଶ୍ରୀ ଗୋସ୍ୱାମୀଙ୍କ ପତ୍ନୀ କାରୋଲିନା ମଧ୍ୟ ଜଣେ ଇଉରୋପୀୟ ମହିଳା । ଶହଶହ ବର୍ଷ ଧରି ଇଉରୋପୀୟ ଲୋକେ ପୃଥିବୀର ଭିନ୍ନ ଭିନ୍ନ ରାଷ୍ଟ୍ରକୁ ଉପନିବେଶରେ ପରିଣତ କରି ଶାସନ କରିବାର ସ୍ମୃତିକୁ ଏବେ ମଧ୍ୟ ଭୁଲି ନପାରି ସେଠାକାର ଲୋକମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିବାରେ ଲାଗିଛନ୍ତି । ଅଣ ଗୋରା ଲୋକଙ୍କ ଶିକ୍ଷା, ଦକ୍ଷତା, ସଫଳତାକୁ ଘୃଣା କରିବାରେ ଲାଗିଛନ୍ତି । ଏହା କେବଳ ସାଧାରଣ ଲୋକଙ୍କ ସ୍ତରରେ ଦେଖାଯାଉଛି ତା ନୁହେଁ, ଦେଶର ଶାସନ ଦାୟିତ୍ୱରେ ଥିବା ନେତୃମଣ୍ଡଳୀ ମଧ୍ୟ ଏହି ଦୋଷ ଦୁର୍ବଳତାରୁ ମୁକ୍ତ ନୁହନ୍ତି । ଯେଉଁଥିପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଏକ ଭାଷଣ ଦେବା ଅବସରରେ ଏହି ବିଷୟ ଉଲ୍ଲେଖ କରିବା ସହ ବିକଶିତ ରାଷ୍ଟ୍ରଗୁଡିକ କିପରି ବିକାଶଶୀଳ ରାଷ୍ଟ୍ରଗୁଡିକ ପ୍ରତି ଗୌଣ ଦୃଷ୍ଟି ରଖୁଛନ୍ତି ତାହା ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ପ୍ରଦୂଷଣ ବିଷୟରେ ବିକଶିତ ରାଷ୍ଟ୍ରଗୁଡିକ ବିକାଶଶୀଳ ରାଷ୍ଟ୍ରଗୁଡିକ ପାଇଁ ଏବେ ଯେଉଁ ମାପଦଣ୍ଡ ରଖୁଛନ୍ତି ସେସବୁ ନିହାତି କ୍ଷତିକାରକ । କାରଣ ୧୭୫୦ ପରଠାରୁ ଶିଳ୍ପ ବିପ୍ଳବ ଯୋଗୁ ଆମେରିକା ଓ ଇଉରୋପରେ ଢେର ବିକାଶ ହେବାବେଳେ ଆଜିଯାଏ ସେମାନେ ବାୟୁମଣ୍ଡଳକୁ ପ୍ରଦୂଷିତ କରିଆସିଛନ୍ତି । ଏବେ ବିକାଶଶୀଳ ରାଷ୍ଟ୍ର ସେମାନଙ୍କ ବିକାଶଧାରା ଜାରି ରଖିବା ସମୟରେ ପାଶ୍ଚାତ୍ୟ ରାଷ୍ଟ୍ର ଗୋଷ୍ଠୀ ପ୍ରଦୂଷଣ ବଢିଗଲା,ଜଳବାୟୁ ବଦଳିଗଲା, ଗ୍ଲାସିଅର ତରଳିଗଲା ପରି ନାନା ପ୍ରକାର ଆଶଙ୍କାମାନ ପ୍ରକାଶ କରୁଛନ୍ତି ।

କୋଇଲା ଆଧାରିତ ରେଳ ଚଳାଚଳ, ବିଦ୍ୟୁତ ଉତ୍ପାଦନ ଏବଂ କାରଖାନା ଉତ୍ପାଦନ କରି ସମୃଦ୍ଧ ହେବା ପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଆଣବିକ ରିଆକଟର ଆଧାରିତ ବିଦ୍ୟୁତ ଉତ୍ପାଦନ କରି ଗ୍ରୀନ ପାୱାରରେ ଅନେକ ବାଟ ଆଗେଇ ଯାଇଛନ୍ତି । ସେମିତି ଯାନବାହନ କ୍ଷେତ୍ରରେ ପେଟ୍ରୋଲ ଓ ଡିଜେଲ ଆଧାରିତ ଯାନବାହନ ବଦଳରେ ଏବେ ଇଲେକ୍‌ଟ୍ରିକ୍, ସୌରଶକ୍ତି, ହାଇଡ୍ରୋଜେନ ଆଧାରିତ ଯାନବାହନ ଚଳାଚଳ କଥା କୁହାଯାଉଛି । କିନ୍ତୁ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ଆବଶ୍ୟକ ହେଉଛି ପ୍ରଚୁର ଅର୍ଥ । ୧୦୦ ବିଲିଅନ ଡଲାରର ସହାୟକ ପାଣ୍ଠି ଗଠନ କରି ଦୁର୍ବଳ ଦେଶଗୁଡିକୁ ସେମାନଙ୍କ ଟେକ୍‌ନୋଲୋଜି ବଦଳାଇବା ପାଇଁ ସହାୟତା ଦେବାଲାଗି ଯେଉଁ ପ୍ରତିଶ୍ରୁତି ଧନୀଦେଶ ଦେଇଥିଲେ ତାହା ଏଯାଏଁ ପାଳନ କରିପାରିନାହାନ୍ତି । ତେଣୁ ଜଳବାୟୁ ପରିବର୍ତ୍ତନକୁ ଆଳକରି ଧନୀ ରାଷ୍ଟ୍ରଗୁଡିକ ସଂପ୍ରତି ଗରିବ ରାଷ୍ଟ୍ରଗୁଡିକୁ ଯେପରି ଟାର୍ଗେଟ କରୁଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ । ଆଜିଯାଏ ଜଳବାୟୁକୁ ପ୍ରଦୂଷିତ କରିଆସୁଥିବା ରାଷ୍ଟ୍ରମାନେ ସେମାନଙ୍କ ଔପନିବେଶିକ ମାନସିକତା ବଦଳାଇବା ଦରକାର ବୋଲି ଶ୍ରୀ ମୋଦି ପ୍ରକାଶ କରିଛନ୍ତି । ବିଶ୍ୱର ସାମଗ୍ରୀକ ବିକାଶ ଆବଶ୍ୟକ ହେଉଥିବା ସମୟରେ ଏହି ସବୁ ଧନୀ ଦେଶ ନିର୍ଦ୍ଦିଷ୍ଟ ଅଞ୍ଚଳର ବିକାଶ ପାଇଁ ଯେପରି କାର୍ଯ୍ୟ କରୁଛନ୍ତି ତାହା ଅତୀତର ଔପନିବେଶିକ ବିଗ୍ରହଧାରା ସହ ସମାନ । ଏହିସବୁ ରାଷ୍ଟ୍ର ଅତୀତରେ ପୃଥିବୀର ଅନେକ ରାଷ୍ଟ୍ରକୁ ନିଜର ଅଧୀନରେ ରଖି ଶାସନ ଚଳାଇଥିଲେ । ଆଜି ବହୁ ରାଷ୍ଟ୍ର ସେଥିରୁ ମୁକ୍ତ ହେଲାପରେ ଏବେ ଶାସିତ ରାଷ୍ଟ୍ରଗୁଡିକ ପ୍ରତି ଶାସକଥିବା ରାଷ୍ଟ୍ରଗୁଡିକର ବ୍ୟବହାରରେ ବହୁତ କିଛି ପରିବର୍ତ୍ତନ ଆସିନାହିଁ । ସେମାନେ ଆଜି ମଧ୍ୟ ଗରିବ ଓ ବିକାଶଶୀଳ ରାଷ୍ଟ୍ରଗୁଡିକୁ ନିଜର ଶାସିତ ରାଷ୍ଟ୍ର ଭାବେ ବିବେଚନା କରୁଛନ୍ତି । ନିଜର ଉତ୍ତର ଦାୟିତ୍ୱ କଥା ଆସିଲାବେଳେ ସେମାନେ ଚୁପ୍ ରହୁଛନ୍ତି, ଅଥବା କର୍ଣ୍ଣପାତ କରୁନାହାନ୍ତି । ଅତୀତ ଦିନଗୁଡିକରେ ଏପରି ରାଷ୍ଟ୍ରଗୁଡିକ ମିଳିତଭାବେ ଯେତିକି ପ୍ରଦୂଷଣ ବଢାଇ ଆସିଛନ୍ତି ଭାରତ ଏବେ ତାର ମାତ୍ର ପନ୍ଦର ପ୍ରତିଶତ କରୁଛି । ଅଥଚ ଏହିସବୁ ରାଷ୍ଟ୍ର ଭାରତ ଅଧିକ ପ୍ରଦୂଷଣ କରୁଛି ବୋଲି ଅଭିଯୋଗ କରିବାରେ ବ୍ୟସ୍ତ । ଆଜି ଚୀନ, ଓ ଭାରତ ସମେତ ଅନେକ ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ରଗୁଡିକ ଦ୍ରୁତଗତିରେ ଭିନ୍ନ ଭିନ୍ନ କ୍ଷେତ୍ରରେ ବିକାଶ କରିବା ସହ ଉତ୍ପାଦନ ଓ ନିର୍ମାଣ କ୍ଷେତ୍ରରେ ଅଧିକ କାର୍ଯ୍ୟ କରୁଛନ୍ତି । ଗତ ଦୁଇଶହ ବର୍ଷ ଧରି ବିକଶିତ ରାଷ୍ଟ୍ରଗୁଡିକ ଯେଉଁ ଧାରାରେ ବିକାଶ କରୁଥିଲେ ଏବେ ଏହିସବୁ ରାଷ୍ଟ୍ର ତାଠାରୁ ଅଧିକ ଗତିରେ ବିକାଶ କରୁଛନ୍ତି । ବିଶ୍ୱର ଯୋଗାଣ ଏବଂ ନିର୍ମାଣରେ ଏହିସବୁ ବିକାଶଶୀଳ ରାଷ୍ଟ୍ରମାନେ ଅଗ୍ରଣୀ ରହିଛନ୍ତି । ଅନେକ କ୍ଷେତ୍ରରେ ନୂତନ ନୂତନ ଗବେଷଣା ସହ ଶସ୍ତାରୁ ଶସ୍ତା ବସ୍ତୁର ଉତ୍ପାଦନ ଓ ଯୋଗାଣ କରିବା ଯୋଗୁ ବିକଶିତ ରାଷ୍ଟ୍ରଗୁଡିକର ବଜାରରେ ସେମାନଙ୍କ ନିଜ ଉତ୍ପାଦିତ ବସ୍ତୁ ବିକ୍ରୀ ହୋଇପାରୁନାହିଁ । ଦେଖିବାକୁ ଗଲେ ରେଳ, ସଡକ ଏବଂ ବନ୍ଦର ନିର୍ମାଣ କ୍ଷେତ୍ରରେ ଚୀନ ଢେର ବିକାଶ କରିଛି । ଶସ୍ତା ଉତ୍ପାଦିତ ବସ୍ତୁଗୁଡିକ ସାରା ବିଶ୍ୱକୁ ଯୋଗାଇ ଆସୁଛି । ସେମିତି ଭାରତ କମ୍ପ୍ୟୁଟର ଟେକ୍‌ନୋଲୋଜି ଆଧାରିତ ଅନେକ ଉଦ୍‌ଭାବନରେ ଢେର ଆଗରେ ରହିଛି । କୋରୋନା ଟୀକାକରଣ ପାଇଁ କୋ-ୱିନ ପରି ପ୍ଲାଟଫର୍ମ ସେଥିରୁ ଗୋଟିଏ । ଆର୍ଥିକ ଦେଣନେଣ, ଅଫିସ ପରିଚାଳନା, କାରଖାନାର ଉତ୍ପାଦନଠାରୁ କୃଷି ପର୍ଯ୍ୟନ୍ତ ଅନେକ ବ୍ୟବହାରଯୋଗ୍ୟ ପ୍ଲାଟଫର୍ମ ପ୍ରସ୍ତୁତ କରି ଭାରତ ଅନ୍ୟ ଦେଶମାନଙ୍କୁ ଏବେ ଯୋଗାଇବାରେ ଲାଗିଛି । ପୃଥିବୀର ବଡ ବଡ କମ୍ପାନୀଗୁଡିକୁ ଭାରତୀୟ ସିଇଓମାନେ ନେତୃତ୍ୱ ଦେଉଛନ୍ତି । ଦେଖିବାକୁ ଗଲେ ବିକାଶଶୀଳ ରାଷ୍ଟ୍ରଗୁଡିକ ଏବେ ପୃଥିବୀର ସବୁକ୍ଷେତ୍ରରେ ନିଜର ଦକ୍ଷତା ଦେଖାଇ ଆଗରେ ରହିବାକୁ ପ୍ରୟାସ ଚଳାଇଥିବା ସମୟରେ ବିକାଶଶୀଳ ରାଷ୍ଟ୍ରଗୁଡିକ ସେମାନଙ୍କ ନିଜ ଭୂମିକା ନେଇ ସନ୍ଦେହରେ ରହିଛନ୍ତି । ତେଣୁ ବିକାଶଶୀଳ ରାଷ୍ଟ୍ରଗୁଡିକରେ ଦ୍ରୁତ ବିକାଶକୁ ନିୟନ୍ତ୍ରିତ କରିବାକୁ ଏମାନେ ଜଳବାୟୁ ପରିବର୍ତ୍ତନ ପରି ଏକ ଅମୋଘ ଅସ୍ତ୍ର ପ୍ରସ୍ତୁତ କରିଛନ୍ତି, ଯାହାକୁ ଆଳ କରି ବିଦ୍ୟୁତଶକ୍ତି ଉତ୍ପାଦନ, ଯାନବାହନ ଚଳାଚଳ, କାରଖାନାଗୁଡିକର ଉତ୍ପାଦନକୁ ଏମାନେ ନିୟନ୍ତ୍ରଣ କରିପାରିବେ । କାରଣ କୋରୋନା କାଳରେ ପାଶ୍ଚାତ୍ୟ ଜଗତର ଉତ୍ପାଦନରେ ବେଶ୍ ଶିଥିଳତା ଆସିଛି । ଶ୍ରମିକମାନଙ୍କ ଅଭାବ ଯୋଗୁ ଉତ୍ପାଦନ ହ୍ରାସ ପାଇଛି ଏବଂ ଯେଉଁ ଉତ୍ପାଦନ ହେଉଛି ସେ ସବୁର ଉଚିତ ଯୋଗାଣ ହୋଇପାରୁନାହିଁ । ଅଥଚ ଭାରତ, ଚୀନ, କୋରିଆ ଏବଂ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ରରେ ଉତ୍ପାଦନ ଯୋଗାଣ ବେଶ୍ ବୃଦ୍ଧିପାଇଛି । ଏହିସବୁ ରାଷ୍ଟ୍ରର ଜିଡିପିର ଦ୍ରୁତ ବିକାଶ ସେମାନଙ୍କ ପାଇଁ ଗାତ୍ରଦାହର କାରଣ ହୋଇଛି । ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଆକଳନ ଅନୁଯାୟୀ ଭାରତ ଓ ଚୀନର ବିକାଶ ହାର ଅନ୍ୟ ବିକଶିତ ରାଷ୍ଟ୍ରଗୁଡିକର ବିକାଶହାରଠାରୁ ଅଧିକ ହେବାର ସମ୍ଭାବନା ରହିଛି । ୨୦୨୧ର ଶେଷ ଭାଗରେ ଭାରତ ୮.୪ ପ୍ରତିଶତ ବିକାଶ ହାରରେ ଆଗେଇ ଚାଲିଛି ଯାହା ୨୦୨୨ ବେଳକୁ ୯.୪ ପ୍ରତିଶତ ହେବ ବୋଲି କୁହାଯାଉଛି । ଅଥଚ ୨୦୨୨ରେ ବିଶ୍ୱର ବିକାଶ ହାର ୩.୯ ପ୍ରତିଶତ ରହିବ ବୋଲି କୁହାଯାଇଛି । ୩.୮% ହାରରେ ଆମେରିକା ଏବଂ ୫.୫% ହାରରେ ଚୀନର ବିକାଶ ହେବାର ସମ୍ଭାବନା ରହିଛି । ସେହିପରି ଇଉରୋପ, ବ୍ରିଟେନ, ଜାପାନ ଏବଂ ଅନ୍ୟ ବିକଶିତ ରାଷ୍ଟ୍ରଗୁଡିକର ବିକାଶ ହାର ୨୦୨୨ରେ ୪.୫ ପ୍ରତିଶତ ମଧ୍ୟରେ ରହିବ ବୋଲି ଜଣାପଡିଛି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ବ୍ୟାଙ୍କ ଘରୋଇକରଣ ବନାମ ବେସରକାରୀ ଦାନ



ଡକ୍ଟର ଲକ୍ଷ୍ମଣ ସାହୁ

ବ୍ୟାଙ୍କ ଘରୋଇକରଣ ବ୍ୟାଙ୍କର ଶୀତକାଳୀନ ଅଧିବେଶନରେ ଏହି ବିଲ୍ ଆସିବ ବୋଲି ଆଶା କରାଯାଉଛି । ସଂସଦର ମିନିଟ୍ ପର୍ଯ୍ୟନ୍ତ, ଏହି ତାଲିକାରେ 'ବ୍ୟାଙ୍କିଙ୍ଗ୍ ଆଇନ (ସଂଶୋଧନ) ବିଲ୍, ୨୦୨୧' ଅନ୍ତର୍ଭୁକ୍ତ ଅଛି । ଫେବୃଆରୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବଜେଟରେ ଘୋଷଣା କରିଛନ୍ତି ଯେ ଚଳିତ ଆର୍ଥିକ ବର୍ଷରେ ଦୁଇଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ ହେବ । ବଜେଟ୍ ଘୋଷଣା ପରଠାରୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉତ୍ସ ସମୟ ସମୟରେ ବିଭିନ୍ନ ଖବର ପ୍ରଚାର କରୁଛି । କିଛି ଦିନ ପୂର୍ବରୁ ଜାଣିବାକୁ ମିଳିଥିଲା ??ଯେ ଘରୋଇକରଣ ପାଇଁ ନୀତି ଆୟୋଗ 'ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ' ଏବଂ 'ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ' ଚୟନ କରିଛି । ଘରୋଇକରଣ ବାର୍ତ୍ତା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବେଳେବେଳେ ମନ୍ତବ୍ୟ ଦେଇ ଆସିଛନ୍ତି ।

ନିକଟରେ ପ୍ରଧାନମନ୍ତ୍ରୀ ଦେଇଥିବା ମନ୍ତବ୍ୟ ଉପରେ ଜମାକାରୀମାନେ ବ୍ୟାଙ୍କ ଦ୍ୱିଗୁଣରେ ଲକ୍ଷ ଟଙ୍କା ପାଇବେ ବୋଲି ମଧ୍ୟ ବ୍ୟାଙ୍କ ଘରୋଇକରଣକୁ ଦୃଷ୍ଟିରେ ରଖି ବିଶ୍ୱାସ କରାଯାଉଛି । ଦେଶର ପ୍ରଧାନମନ୍ତ୍ରୀଙ୍କ ସାମ୍ନାରେ 'ବ୍ୟାଙ୍କ ବୁଡ଼ିଯିବା' ଶବ୍ଦ ଶୁଣିବା ସ୍ୱାଭାବିକ ଭାବରେ ମଧ୍ୟବିତ୍ତ ଏବଂ ଉଚ୍ଚ ଶ୍ରେଣୀର ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ୧୯୪୭ ରୁ ୧୯୫୫ ମଧ୍ୟରେ ମାତ୍ର ଆଠ ବର୍ଷ ମଧ୍ୟରେ, ୩୬୧ ଘରୋଇ ବ୍ୟାଙ୍କ ଦେଶରେ ବୁଡ଼ିଗଲା । ସେବେଠାରୁ ବ୍ୟାଙ୍କ ଜାତୀୟକରଣ ଉପରେ ଆଲୋଚନା ଆରମ୍ଭ ହୋଇଥିଲା । ଯାହାକି ଇନ୍ଦିରା ଗାନ୍ଧୀଙ୍କ ସମୟରେ କାର୍ଯ୍ୟକାରୀ କରାଯାଇଥିଲା । ୧୯୬୯ ରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୪ ଟି ବାଣିଜ୍ୟିକ ବ୍ୟାଙ୍କକୁ ଜାତୀୟକରଣ କରିଥିଲେ । ସାଧାରଣ ଜମାକାରୀଙ୍କ ଟଙ୍କା ରକ୍ଷା କରିବା, ଆର୍ଥିକ ବିକାଶ ଆଣିବା ଏବଂ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ବିକେନ୍ଦ୍ରୀକରଣ କରିବା ପାଇଁ ଇନ୍ଦିରା ଗାନ୍ଧୀ ବ୍ୟାଙ୍କଗୁଡ଼ିକର ଜାତୀୟକରଣର ରାସ୍ତା ନେଇଥିଲେ । ଫଳସ୍ୱରୂପ, ୫୨ ବର୍ଷ ପରେ, ଯେତେବେଳେ ସେହି ପ୍ରଧାନମନ୍ତ୍ରୀଙ୍କ ଚେୟାରରୁ ବ୍ୟାଙ୍କ ବୁଡ଼ିଯିବାର ଆଶଙ୍କା ପ୍ରକାଶ ପାଇଥିଲା, ସେତେବେଳେ ସାଧାରଣ ଜମାକାରୀଙ୍କ ଚିନ୍ତା ବଢ଼ିବାରେ ବାଧ୍ୟ ।

କାରଣ ପ୍ରଶ୍ନ ଉଠିଛି, ଯଦି ସେହି ସମୟକୁ ଫେରିଯାଉଛୁ ଯେତେବେଳେ ଜମାକାରୀଙ୍କୁ ରୋଜ ବ୍ୟାଙ୍କରେ ବୁଡ଼ିଯିବା ଭୟରେ ଶୋଇବାକୁ ପଡିଲା ! ବ୍ୟାଙ୍କଗୁଡ଼ିକର ଘରୋଇକରଣ ଉପରେ ପ୍ରଶ୍ନ କରିବାବେଳେ ଏନପିଏ (NPA)ର ବୃଦ୍ଧି ସର୍ବଦା ଉଲ୍ଲେଖ କରାଯାଇଥାଏ । ବ୍ୟାଙ୍କର ଘରୋଇକରଣ ମାଧ୍ୟମରେ ବ୍ୟାଙ୍କର ନିୟନ୍ତ୍ରଣ ଶକ୍ତି କର୍ପୋରେଟ୍ ମାଲିକଙ୍କୁ ହସ୍ତାନ୍ତର କରାଯିବ । ଫଳସ୍ୱରୂପ, ଏକ ସମୟରେ ପ୍ରଶ୍ନ ଉଠିବା ଉଚିତ ଯେ ଭବିଷ୍ୟତରେ ଯେତେବେଳେ ଅଧିକ ବିଜୟ ମାଲିଆ, ନୀରବ ମୋଦୀ, ମେହୁଲ ଚୋକସି ସକ୍ରିୟ ହେବେ, ସେମାନଙ୍କୁ କି'ଏ ପରିଚାଳନା କରିବ ? ଲୋକଙ୍କୁ ଆଶ୍ୱାସନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜମାକାରୀଙ୍କ ବୀମା ରାଶି ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଅର୍ଥାତ୍ ସେମାନଙ୍କ ଜମାରାଶି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ଫେରି ପାଇବେ । କିନ୍ତୁ ଯେଉଁମାନେ ବ୍ୟାଙ୍କରେ ପାଞ୍ଚ ଲକ୍ଷରୁ ଅଧିକ ଟଙ୍କା ଜମା କରିଛନ୍ତି, ସେମାନଙ୍କ ଟଙ୍କା କିପରି ସୁରକ୍ଷିତ ରହିବ ? ୨୦୧୬ରେ, କମ୍ପଟ୍ରୋଲର୍ ଏବଂ ଅଡିଟର ଜେନେରାଲ୍, କିମ୍ବା ସିଏଜି (ଉଇଏ), ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ସରକାରଙ୍କ ବିନିଯୋଗ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ । ରିପୋର୍ଟରେ ଦର୍ଶାଯାଇଛି ଯେ ଏନପିଏ ପୁନରୁଦ୍ଧାରରେ ସରକାର ସଫଳ ହେବା ଅପେକ୍ଷା ବାଲାନ୍ସ ସିଟରୁ ଏନପିଏ ହଟାଇବାରେ ସରକାର ଅଧିକ ସକ୍ରିୟ ଅଛନ୍ତି । ଦ୍ୱିଗୁଣ ଜମାକାରୀଙ୍କୁ ବ୍ୟାଙ୍କରେ ତିନି ମାସ ମଧ୍ୟରେ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଶ୍ରୁତି ଦେଇଥିବାବେଳେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ସୂତ୍ରରୁ ପ୍ରକାଶ ଯେ ଗତ ବର୍ଷ ମଧ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୫ ଲକ୍ଷ କୋଟି ଟଙ୍କା ଅଣ-ଉଦ୍ଧାର କରିଛନ୍ତି ।

କିନ୍ତୁ, ଋଣ ପ୍ରଦର୍ଶନ ଏନପିଏଏସ (NPAs) ଏହି ପାଞ୍ଚ ବର୍ଷ ମଧ୍ୟରେ ଏନପିଏ ଆକାଉଣ୍ଟରେ କେତେ ଲକ୍ଷ କୋଟି ଟଙ୍କା ନୂତନ ଭାବେ ଯୋଡି ହୋଇଛି ତାହା କୁହାଯାଉ ନାହିଁ । ୨୦୧୬ରେ, ସିଏଜି (CAG) ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୦୮-୦୯ ରୁ ୨୦୧୬-୧୮ ମଧ୍ୟରେ ସରକାର ନିଜସ୍ୱ ଭଡାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡିକରେ ୧,୧୭,୬୨୪ କୋଟି ଟଙ୍କା ବିନିଯୋଗ କରିଛନ୍ତି । କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଦାବି କରାଯାଇଛି ଯେ ଗତ ଛଟି ଆର୍ଥିକ ବର୍ଷରେ କେନ୍ଦ୍ର ୫ ଲକ୍ଷ ୧,୪୬୯ କୋଟି ଟଙ୍କା ଏନପିଏ ଉଦ୍ଧାର କରିଛି । ଯଦି ଏହା ସତ, ତେବେ ପ୍ରକୃତ କଥା ହେଉଛି, ଅନ୍ୟ ଏକ ଆଠ ଲକ୍ଷ କୋଟି ଏନପିଏ ସେମାନେ ଏକ ସମୟରେ ବାଲାନ୍ସ ଶୀଟ୍ ରୁ ଆଣିଛନ୍ତି । କିଛି ଡିଲିଟ୍ ହୋଇଛି । ବର୍ତ୍ତମାନ ସମୟରେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଏନପିଏ (NPA) ଗୁଡିକ ସରକାର ଭାବରେ ୬ ଲକ୍ଷ ୧୬ ହଜାର କୋଟିରୁ ଅଧିକ । ଅନ୍ୟ ଅର୍ଥରେ, ବାଲାନ୍ସ ସିଟ୍‌ରୁ ଏନପିଏ ଉଦ୍ଧାର ହୋଇଛି ଏବଂ ଏନ୍ପିଏଗୁଡ଼ିକ ଏପର୍ଯ୍ୟନ୍ତ ପଡ଼ିଛି, ମୋଟ ସଂଖ୍ୟା ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା । ଏହା ମନେ ରଖିବା ଉଚିତ ଯେ ଏହି ୨୦ ଲକ୍ଷ କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରୁ ମୁଖ୍ୟତ କର୍ପୋରେଟ୍ ସଂସ୍ଥାଗୁଡ଼ିକର ମାଲିକଙ୍କ ଦ୍ୱାରା ଖର୍ଚ୍ଚ ହୋଇଛି ।

ବର୍ତ୍ତମାନ ଯଦି ଏହି କର୍ପୋରେଟ୍ ସଂସ୍ଥା ବ୍ୟାଙ୍କ ପରିଚାଳନାରେ ଘରୋଇକରଣ ନାମରେ ଗତି କରେ, ତେବେ ଲୋକଙ୍କ ଟଙ୍କା ସୁରକ୍ଷିତ ହୋଇପାରିବ କି ? ବାଲାନ୍ସ ସିଟ୍ ରୁ ଡିଲିଟ୍ ହୋଇଥିବା ଏନପିଏ (NPA) ବ୍ୟାଙ୍କକୁ କ୍ଷତି ବୋଲି ଦର୍ଶାଯାଇଛି । ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର କ୍ଷତି ସରକାର ବହନ କରନ୍ତି । କହିବାକୁ ଗଲେ, ଲୋକଙ୍କ ଟିକସ ଟଙ୍କା ବ୍ୟାଙ୍କକୁ ଯାଏ । ସିଏଜି ଏନପିଏ (CAG NPA) ଉପରେ ଆଉ ଏକ ରିପୋର୍ଟ ପ୍ରସ୍ତୁତ କରୁଛି । ଯେତେବେଳେ ସେହି ରିପୋର୍ଟ ବାହାରକୁ ଆସିବ, ସେତେବେଳେ ଏହା ବୁଝାଯିବ ଯେ ୨୦୧୬ ପରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ବାଲାନ୍ସ ସିଟରୁ ସରକାର ଆଉ କେତେ ଏନପିଏ ଅପସାରଣ କରିଛନ୍ତି । ସରକାର ଯେଉଁ ଟଙ୍କା ପୋଛି ଦେଇଛନ୍ତି ତାହା ଲୋକଙ୍କ ପକେଟରୁ ଆସିଛି ଏବଂ ବ୍ୟାଙ୍କର ଭଡା ପ୍ରଦାନ କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ମଧ୍ୟ ବ୍ୟାଙ୍କକୁ ୨୦,୦୦୦ କୋଟି ଟଙ୍କା ଋଣ ଦେବାକୁ କେନ୍ଦ୍ର ଘୋଷଣା କରିଛି । ଯେତେବେଳେ ଅରୁଣ ଜେଟଲୀ କେନ୍ଦ୍ର ଅର୍ଥମନ୍ତ୍ରୀ ଥିଲେ, ସେ କେନ୍ଦ୍ରୀୟ ବ୍ୟାଙ୍କରୁ ଅନାଦାୟ ଋଣ ପୁନରୁଦ୍ଧାର ପାଇଁ ଦେବାଳିଆ କମ୍ପାନୀଗୁଡିକ ପାଇଁ ଆଇନ ପ୍ରଣୟନ କରିଥିଲେ ।

ଗତ କିଛି ବର୍ଷର ଅଭିଜ୍ଞତା ହେଉଛି ଯଦି ୧୦୦ ଟଙ୍କାର ଅନାଦାୟ ଋଣ ପୁନରୁଦ୍ଧାର ପାଇଁ ଏକ ମାମଲା ଦାଏର କରାଯାଏ, ତେବେ ଏହାର ୪୦ ପ୍ରତିଶତ ପୁନରୁଦ୍ଧାର ହୋଇପାରିବ । ସରକାରଙ୍କୁ ବାକି ୮୦ ପ୍ରତିଶତ ବାଲାନ୍ସ ସିଟରୁ ହଟାଇବାକୁ ପଡିବ । ଫଳସ୍ୱରୂପ, ୬ ଲକ୍ଷ କୋଟି ଟଙ୍କାର ୬୦ ପ୍ରତିଶତ ଯାହା ବ୍ୟାଙ୍କଗୁଡିକର ଏନପିଏରେ ଅଛି, ଏହା ଅନୁମାନ କରାଯାଇପାରେ ଯେ ମିଶ୍ରଣରେ କୌଣସି ସମ୍ଭାବନା ନାହିଁ । ସାଧାରଣତ କଂଗ୍ରେସ ଏନପିଏ ବିଷୟରେ ମୁହଁ ଖୋଲିବ ନାହିଁ । କାରଣ ଏନପିଏ (ଘଚଇ) ର ଏକ ବଡ଼ ଅଂଶ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଘଟିଥିଲା ??। ଯଦିଓ ସରକାରଙ୍କ ବିଫଳତା ହେତୁ ଏନପିଏ ସୃଷ୍ଟି ହୋଇଛି, ବର୍ତ୍ତମାନ ସେହି ଏନପିଏ ଗୁଡିକୁ ଆଲୋକିତ କରି ବ୍ୟାଙ୍କଗୁଡିକର ଘରୋଇକରଣ କାର୍ଯ୍ୟ କରାଯାଉଛି । ଅବଶ୍ୟ ଲୋକମାନଙ୍କର କ୍ଷତି ଦ୍ୱିଗୁଣିତ ହେବା ନହେବା କୁହାଯାଇପାରେ । କାରଣ, ଯଦି ବ୍ୟାଙ୍କ ଘରୋଇକରଣ ହୁଏ, ତେବେ ସାଧାରଣ ଲୋକ ଜମା କରିଥିବା ଟଙ୍କା ସିଧାସଳଖ କର୍ପୋରେଟ୍ ସଂସ୍ଥାର ପକେଟକୁ ଯିବ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)






### ଆଲୁଅର ଆରପାଖ

ସୁଶାନ୍ତ ରଣା

ଆଲୁଅର ଆରପାଖ ମୂଲ୍ୟ ଏଠି
ଜମାରୁ ପଡ଼େନି ଜଣା
ଦିନ ହେଉ ଅବା ରାତି ହେଇଥାଉ
ସବୁ ହୁଏ ବାଟ ବଣା ।

ସ୍ୱାଧୀନତା ପାଇ ଗର୍ବ ଲାଗେ ସିନା
ପ୍ରଶ୍ନ ପୁଣି ସ୍ୱାଧୀନ ତ !
ନାରୀଟିଏ ଯଦି ନୁହେଁ ସୁରକ୍ଷିତ
ସ୍ୱାଧୀନ କି ମୋ ଭାରତ ?

କେବେ ଯେ ଆଲୁଅ କେବେ ପୁଣି ଛାଇ
ହିସାବ କେ ପାରେ ରଖି
ସ୍ୱାର୍ଥପର ଯୁଗେ ବିକାଶର ସ୍ୱପ୍ନ
ଦେଖୁଛି କେବଳ ଆଖି !!

ବିକାଶ ନାଆରେ ଡିଣ୍ଡିବି ପିଟନ୍ତି
ସରକାରଙ୍କର ଯନ୍ତ୍ରୀ
ଆଲୁଅର ଆରପାଖ ନ ମିଳୁଣୁ
ବଦଳନ୍ତି ନେତାମନ୍ତ୍ରୀ ।

ନିଜ ହକ୍ ପାଇଁ ଦଉଡ଼ି ଦଉଡ଼ି
ସରେ ଯେ ପାଦର ଚଟି (ଜୋତା)
ବିକାଶ ରୂପକ ଚିତ୍ର ଖୋଜୁ ଖୋଜୁ
ସରିଯାଏ ରାଜନୀତି ।

❤ ରାଧାବଲ୍ଲଭ ପଡ୍ଡା,
ତେରେସିଂହା, କଳାହାଣ୍ଡି
(ମୋ) ୭୮୯୪୬୫୮୨୭୪

### ମହୁମାଛି

ହରେରାମ ପଣ୍ଡା

ରାତି ପାହୁପାହୁ ସକାଳୁ ସକାଳୁ
ଫୁଲଟି ଉପରେ ବସି,
କେତେ ଶରଧାରେ ମହୁମାଛିଟିଏ
ମଧୁ ନେଇଥାଏ ଶୋଷି ।
ଫୁଲରୁ ଫୁଲକୁ ଉଡ଼ିଉଡ଼ି ବୁଲେ
ଏତେଟିକେ ମହୁ ପାଇଁ,
ସୁଆଦ ତାହାର ଚାଖିବାକୁ କେବେ
ମନ ତା'ର ବଳେନାହିଁ ।
ପାଦପ ଶାଖାରେ କେତେ ଶରଧାରେ
ଫେଣିଟିଏ ଥାଏ ରଚି,
ଅଳପ ଅଳପ କରି କେତେ ମହୁ
ଆମପାଇଁ ଥାଏ ସଞ୍ଚି ।
କି ମଧୁର ସତେ ସୁଆଦ ତାହାର
ଯାହାର ଉପମା ନାହିଁ,
ସାରା ଜୀବନର ସଞ୍ଚିତ ମଧୁ
ଏ ସାରା ଜଗତ ପାଇଁ ।
କେଡ଼େ କ୍ଷୁଦ୍ରଜୀବ ମହୁମାଛିଟିଏ
କେତେ ମହତ ତା କାମ !
ପରପାଇଁ ତୁମେ କିଛି ତ୍ୟାଗକରେ
ଜଗତେ ରଖିବ ନାମ ।

❤ କୁଆଁସ, ମେର୍ଦ୍ଦା କାଟିଆଛକ,
ଯାଜପୁର ।
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ନୋଡାଲ ଉଚ୍ଚ
ବିଦ୍ୟାଳୟ ।
(ମୋ)୯୪୩୮୦୬୫୧୯୫

### ଉତ୍ସାହପଣର ଭାବ

ପ୍ରଶ୍ନ କୁମାର ଶତପଥୀ



ସବୁଜ ଜଗତରୁ
ଅତି ଉତ୍ସାହ ପଣରେ
ସୃଷ୍ଟି ହୁଅଇ ଭାବ,
ସାୟାହ୍ନ କାଳରେ
ପଶ୍ଚିମ ଆକାଶେ
ନାହିଁ ତ ବାଦଲର ଅଭାବ ।
ସବୁଜ ମଥା ପରେ

ପ୍ରେମ ଅଧୀରେ ଭାସନ୍ତି
ଗଗନେ ମେଘମାଳ,
ମେଘ ପ୍ରୀତି ଛାୟା
ଶୀତଳ ଛାୟା ଭରଇ

ଘନ ବନ ତମାଳ ।
ସନ୍ଧ୍ୟାକାଳେ
ମନ ଅନ୍ତର ମୋହର
ବ୍ୟାକୁଳେ ଛାଟିପିଟି ହୁଅଇ,
ଶୂନ୍ୟ ମେଘ ହୃଦୟୁ
କାଳି ଝରି ଆସିଲେ
କର ଶାନ୍ତ ହୁଅଇ ।
ଦିନ ସନ୍ଧ୍ୟା ସନ୍ଧିରେ

ନଭ ପ୍ରକାଶଇ
ଚମକଭରା ବିଚିତ୍ରତା,
ଧରାରୁ ନୟନ ବିଚାରେ
ଆହା କି
ଶୂନ୍ୟ ମନ ଭାରି ସରସତା ।
ରଙ୍ଗଭରା ମନେ
ବାଦଲ ଖେଳେଇ ପଡଇ
ପରବତ ମଥାନେ,
ମେଘ ବିସ୍ତାର ଦେଖି
ସଞ୍ଚଇ ବୁକୁ କାଗଜେ
ଯାହା ଆସଇ ମନେ ।

❤ ଦୁମାଡ଼ିହି, ଜାମଦା,
ମୟୂରଭଞ୍ଜ





### ଭାଙ୍ଗି ଯାଇଥିବା ମନ

ନିରଞ୍ଜନ ସାହୁ

ଯେତେଯେତେ ଭାଙ୍ଗି ଯାଉଥାଏ ମନ
ସେତେସେତେ ଉଙ୍କି ମାରୁଥାଏ
ନୂତନ ସପନ ।

ଏମିତି କାହିଁକି ହୁଏ ?
ମୁଁ ବୁଝିପାରେନା
ଏହାର ଗୂଢ ରହସ୍ୟ
ବରଂ ଭଙ୍ଗାମନକୁ ଯୋଡ଼ାଯୋଡି କରି
ନୂତନ ସଂକଳ୍ପ ନେଇ
ସ୍ୱପ୍ନ ଦେଖିବା ଆରମ୍ଭ କରିଦିଏ
ନୂଆ ଢଙ୍ଗରେ ।

ସତରେ ...
ଏ ସ୍ୱପ୍ନ , ସମ୍ଭାବନା
କଳ୍ପନାଜଳ୍ପନା ନ ଥିଲେ
ମଣିଷ ପାଲଟି ଯାଉଥାନ୍ତା
ସ୍ଥାଣୁ , ଅଥର୍ବ ।

ଆଉ ଏହି ମିଛିମିଛିକା ସ୍ୱପ୍ନ
ମଣିଷକୁ ନେଇ ପହଞ୍ଚାଇ ଦେଉଥାଏ
ଅବାସ୍ତବକୁ ବାସ୍ତବତା ରୂପ ଦେବାର
ପରିକଳ୍ପନା ନିକଟରେ ।

ଯାହାର ଫଳଶ୍ରୁତି ହିଁ
ଅସମ୍ଭବରୁ ସମ୍ଭବ
ଅସତ୍ୟରୁ ସତ୍ୟ
ଆଉ କିଛି ନୂତନତାର ପ୍ରଦର୍ଶନ ।
ଈଈଈଈଈଈ

❤ ନିହଲପ୍ରସାଦ , ଗଁଦିଆ
ପାଟଣା
ଢେଙ୍କାନାଳ - ୭୫୯୦୧୬
(ମୋ) ୯୯୩୮୭୪୧୫୮୩

ଫୁଲଝରି

ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ | ଶନିବାର, ୧୮ ଡିସେମ୍ବର ୨୦୨୧





## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୨୨)

# ସୁବାହୁ ବଧ ଓ ବିଶ୍ୱାମିତ୍ରଙ୍କ ଯଜ୍ଞ ସମାପ୍ତ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅସୁରମାନଙ୍କ ମାରି ଧର୍ମର ପ୍ରତିଷ୍ଠା କରିବାକୁ ଶ୍ରୀରାମ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲା। ବେଶ୍ ପିଲାଦିନୁ ସେ ତାଙ୍କର କାମ ଆରମ୍ଭ କରି ଦେଲେ। ତାଡ଼କା ଅସୁରୁଣୀକୁ ବଧ କରି ତାଙ୍କ ଅବତାର କାମ ଆରମ୍ଭ କରିଦେଲେ। ରାମ ଓ ଲକ୍ଷ୍ମଣଙ୍କ ବୀରତା ଦେଖି ବିଶ୍ୱାମିତ୍ରଙ୍କର ତିଳେମାତ୍ର ସନ୍ଦେହ ରହିଲା ନାହିଁ ଯେ ଶ୍ରୀରାମ ହେଉଛନ୍ତି ଶ୍ରୀବିଷ୍ଣୁଙ୍କର ଅବତାର।



ଶ୍ରୀରାମ ଓ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ସାଙ୍ଗରେ ଯାଇ ସିଦ୍ଧ ଆଶ୍ରମରେ ପହଂଚିଲେ। ସିଦ୍ଧ ଆଶ୍ରମ ବିଶ୍ୱାମିତ୍ର ମୁନିଙ୍କ ଆଶ୍ରଣ। ସିଦ୍ଧାଶ୍ରମ ସଂପର୍କରେ ରାମଚନ୍ଦ୍ର ବାଟରେ ଚାଲୁ ଚାଲୁ ରାମଚନ୍ଦ୍ର ବିଶ୍ୱାମିତ୍ର ଋଷିଙ୍କ ପଚାରିଥିଲେ। ସିଦ୍ଧାଶ୍ରମ ସଂପର୍କରେ କିଛି ଚିତ୍ତାକର୍ଷକ କଥା ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ କହିଥିଲେ।

ସିଦ୍ଧାଶ୍ରମରେ ବାମନଙ୍କ ଜନ୍ମ ହୋଇଥିଲା। ଏହି ଆଶ୍ରମରେ କଶ୍ୟପ ଅନେକ ବର୍ଷ ତପସ୍ୟା କରି ବିଷ୍ଣୁଙ୍କ କୃପା ପ୍ରାପ୍ତ ହୋଇଥିଲେ।

ସେହି ସମୟରେ ଜଣେ ଦୈତ୍ୟ ରାଜା ଥିଲେ ଯାହାଙ୍କ ନାମ ବଳୀ ଥିଲା। ସେ ବିଷ୍ଣୁ ଭକ୍ତ ପ୍ରହଲ୍ଲାଦଙ୍କ ନାତି ଥିଲେ। ନିଜର ପ୍ରବଳ ପରାକ୍ରମରେ ସେ ଇନ୍ଦ୍ରକୁ ହରାଇ ସ୍ୱର୍ଗ ଅଧିକାର କରିଥିଲେ।

ବଳୀ ରାଜା ତାଙ୍କ ଦାନ ଲାଗି ବେଶ ପ୍ରସିଦ୍ଧ ଥିଲେ। କେବଳ ସେତିକି ନୁହେଁ, ସେ ବଡ଼ ଗର୍ବୀ ଥିଲେ। ତାଙ୍କ ଗର୍ବ ଭଙ୍ଗ କରିଥିଲେ ବିଷ୍ଣୁଙ୍କ ଅବତାର ବାମନ।

ବଳୀ ରାଜା ଅଶ୍ୱମେଧ ଯଜ୍ଞ ଆରମ୍ଭ କରିଥିଲେ। ସେହି ସମୟରେ ସେ ବ୍ରାହ୍ମଣ ଓ ମୁନି ଋଷିମାନଙ୍କୁ ଦାନ ଦେଉଥିଲେ। ବଳୀଙ୍କ ପରାକ୍ରମରୁ ସଂସାରକୁ ରକ୍ଷା କରିବାକୁ ଓ ତାଙ୍କ ଗର୍ବ ଚୂର୍ଣ୍ଣ କରିବାକୁ ତାଙ୍କ ଯଜ୍ଞଶାଳାରେ ପହଂଚିଲେ ବାମନ।

ବାମନଙ୍କୁ ଦେଖି ବଳୀ ବହୁତ ଖୁସି ହେଲେ ଓ ଦାନ ମାଗିବାକୁ ଆହ୍ୱାନ କଲେ। ବାମନ ବଳୀଙ୍କୁ ମାତ୍ର ତିନିପାଦ ଭୂମି ମାଗିଲେ। ବଳୀ ଆଶ୍ଚର୍ଯ୍ୟ ଚକିତ ହେଲେ। "ମାତ୍ର ତିନିପାଦ ଭୂମି, ତାଛଡ଼ା ଅନ୍ୟ କଣ ମାଗିବ ମାଗ" ବଳୀର ଆସ୍ଫାଳନରେ ଆଶ୍ଚର୍ଯ୍ୟ ହେଲେନି ବାମନ। ସେ ପୁଣି ଥରେ କହିଲେ "ହେ ରାଜନ, ତୁମେ ମୋତେ ତିନି ପାଦ ଭୂମି ଦେବାକୁ ଜଳ ଟେକି ପ୍ରତିଜ୍ଞା କର।

ସେହି ସମୟରେ ରାକ୍ଷସଙ୍କ କୁଳଗୁରୁ ଶୁକ୍ରାଚାର୍ଯ୍ୟ ସେଠାରେ ଉପସ୍ଥିତ ଥିଲେ। ସେ ବଳୀଙ୍କୁ ମନା କଲେ ଏପରି ପ୍ରତିଜ୍ଞା କରିବାକୁ। ମାତ୍ର ମହାଦାନୀ ବଳୀ ତାଙ୍କ କଥା ଶୁଣିଲେନି। ସେ ସଂଗେ ସଂଗେ ଜଳ ଟେକି ପ୍ରତିଜ୍ଞା କଲେ ଯେ ସେ ବାମନଙ୍କୁ ତିନିପାଦ ଭୂମି ଦେବେ।

ବଳୀ ରାଜାଙ୍କ ପ୍ରତିଜ୍ଞା ପରେ ବାମନ ତାଙ୍କ ପ୍ରଥମ ପାଦ ପୃଥିବୀ ଉପରେ ରଖିଲେ। ଦ୍ୱିତୀୟ ପାଦ ଆକାଶରେ। ତାଙ୍କ ପାଦ ଏତେ ବଡ଼ ଥିଲା ଯେ ସମଗ୍ର ପୃଥିବୀ ଓ ଆକାଶରେ ଆଉ ସ୍ଥାନ ନଥିଲା। ଏବେ ସେ ବଳୀଙ୍କ ଆଡ଼େ ଚାହିଁଲେ ଓ କହିଲେ ମୋର ତୃତୀୟ ପାଦ କେଉଁଠି ରଖିବି? ବନ୍ଦୀ ଆଶ୍ଚର୍ଯ୍ୟ ହେଲେ।

ବାମନଙ୍କ ନାଭି ମଣ୍ଡଳରୁ ତାଙ୍କର ତୃତୀୟ ପାଦ ଦୃଶ୍ୟମାନ ହେଲା। ଦାନବୀର ବଳୀ ନିଜର ମସ୍ତକ ଦେଖାଇ ସେଠାରେ ତୃତୀୟପାଦ ରଖିବାକୁ ବାମନଙ୍କୁ ପ୍ରାର୍ଥନା କଲେ।

ବଳୀ ମହାରାଜା ଅମର ହୋଇଗଲେ।

ବିଶ୍ୱାମିତ୍ରଙ୍କ କଥା ଶୁଣି ରାମ ଲକ୍ଷ୍ମଣ ଚମତ୍କୃତ ହୋଇଗଲେ। ବାମନଙ୍କ ଜନ୍ମ ସିଦ୍ଧାଶ୍ରମରେ ହୋଇଥିଲା। ଏବେ ସିଦ୍ଧାଶ୍ରମ ବିଶ୍ୱାମିତ୍ରଙ୍କ ଆଶ୍ରମ। ସେଠାରେ ପହଂଚିଥିବାରୁ ରାମ ଲକ୍ଷ୍ମଣ ବହୁତ ଖୁସି ହେଲେ।

ବିଶ୍ୱାମିତ୍ରଙ୍କ ଯଜ୍ଞ ଆରମ୍ଭ ହୋଇଗଲା। ପାଂଚଦିନ ପର୍ଯ୍ୟନ୍ତ କିଛି ସମସ୍ୟା ନଥିଲା। ଷଷ୍ଠ ଦିନ ଯଜ୍ଞର ପୂର୍ଣ୍ଣାହୂତି ଦିଆଯିବ। ଏହାର ସୂଚନା ତାଡ଼କାର ଦୁଇ ପୁତ୍ର ସୁବାହୁ ଓ ମାରୀଚ ସେଠାରେ ପହଂଚିଗଲେ ଓ ଯଜ୍ଞ କାର୍ଯ୍ୟରେ ବିଘ୍ନ ସୃଷ୍ଟି କରିବା ଆରମ୍ଭ କଲେ। ସେମାନେ ମାୟା ଯୁଦ୍ଧ ଆରମ୍ଭ କଲେ, କେତେବେଳେ ଦେଖାଗଲେ ତ କେତେବେଳେ ଦେଖାଗଲେ ନାହିଁ।

ମାତ୍ର ଶ୍ରୀରାମଙ୍କ ବାଣ ଆଗରେ ସେମାନେ ତିଷ୍ଠି ପାରିଲେନି। ମାରୀଚ ବାଣ ମାଡ଼ରେ ରକ୍ତ ବାନ୍ତି କଲା ଓ ବହୁତ ଦୂରେଇ ଯାଇ ପଡ଼ିଲା। ତାର ଉଠିବାର ବଳ ନଥିଲା। ଗୋଟେ ବାଣ ସୁବାହୁର ହୃଦୟ ଭେଦିଲା ଓ ତତ୍କ୍ଷଣାତ ତାର ପ୍ରାଣ ଚାଲିଗଲା। ଏହା ଦେଖି ସମସ୍ତେ ବହୁତ ଖୁସି ହେଲେ।

ବିଶ୍ୱାମିତ୍ରଙ୍କ ଯଜ୍ଞ ସୁରୁଖୁରୁରେ ସମାପ୍ତ ହେଲା। ଏତିକି କହି ମିନା ଅପା ସେଦିନ ରାମାୟଣ କଥା ସାରିଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## ମନରୁ ଅଳସ ପୋଛ

ମହେନ୍ଦ୍ର କୁମାର ଘଡ଼େଇ

ଭାଗ୍ୟରେ ଯା'ଥିବ ଘଟିବ କହେ
କରମ ଛାଡ଼ିକି ସୁଖରେ ଶେଯରେ ଶୁଏ
ମନକୁ କରଇ ଊଣା
ଜପ ତପ ଓଷା ବରତ ପାଳନେ
ହେଉଥାଏ ବାଟବଣା।

କପାଳ ଲିଖନେ ରଖଇ ନିଘା
ସାଧୁ ସଙ୍ଗତରେ ଚଳଇ ସିଧା
ବଳାଏ ତୀର୍ଥକୁ ମନ
କରମକୁ ପଛ କରି ଉଜାଡ଼ଇ
ପୂରୁବ ପୁରୁଷ ଧନ।

ସପନ ସେ କେବେ ଦେଖଇ ନାହିଁ
ଆଗକୁ ଚଳିବ କେମିତି କାହିଁ
ଗୋଡ଼ ତା'ର ଟଳମଳ
ସଫଳ ସିଢ଼ିରେ ଚଢ଼ି ଉପରକୁ
ଯିବାକୁ ନପାଏ ବଳ।

ଗୀତା ଭାଗବତ ପୁରାଣ ପୋଥି
କହେ ନିଅବାକୁ କରମ ବାଛି
ମନରୁ ଅଳସ ପୋଛ
ଡର ଭୟ ଛାଡ଼ି ଆଗ ଚଳିବାକୁ
ସୁକରମ ଭାଇ ବାଛ।

ମୁନି ଋଷି ଯୋଗୀ ସାଧକ ଯେତେ
ଭୋଗ ନୁହେଁ କାମେ ଆଦର ସେତେ
ଯିଏ ଯେତେ ବଡ଼ ଆଜି
ନିଜ କାମ ବଳେ ଗୁପତ ଧନକୁ
ପାଇଛନ୍ତି ଖୋଜି ଖୋଜି।

ଅଳସ ମନର ବଡ଼ ବଇରୀ
ଥକା ମାନ୍ଦାପଣ ଆଣଇ ଧରି
କାମରୁ ମୁକତି ଖୋଜେ
ବୁଦ୍ଧି ବଳ ନାଶ କରି ଅବାଟରେ
ଅବଗୁଣ ନେଇ ହଜେ।

+କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬

## କବିତା
### ତୁମ ପାଇଁ

## ଶିଶୁ

ଧ୍ରୁବ ଚରଣ ଘିବେଲା

ଦୁଇଟି ଅକ୍ଷର
ବର୍ଣ୍ଣ ସମାହାର
ସୁନ୍ଦର ଶବଦ ଶିଶୁ
ଶିଶୁକୁ ଯେ ଶିକ୍ଷା
ଶିଶୁର ସୁରକ୍ଷା
ବଳେ ହୁଏ ଦେବଶିଶୁ।

ପାଠ ଦି' ଅକ୍ଷର
ପଢ଼ିଲେ ସୁନ୍ଦର
ଜୀବନ ଯେ ଗଢ଼ି ହୁଏ
ଜୀବନ ଗଢ଼ିବା
ଜୀବନେ ବଢ଼ିବା
କାମଟି ସହଜ ହୁଏ।

ଶିଶୁ ନୁହେଁ ନିଃସ୍ୱ
ଶିଶୁ ସଦା ସ୍ୱଚ୍ଛ
ସରଳ ସୁନ୍ଦର ଭାବ
ଶିଶୁ ଭବିଷ୍ୟତ
ଜାତିର ସଂପଦ
ଶିଶୁ ହିଁ ଜାତି ବିଭବ।

ଶିଶୁଙ୍କ ଭିତରେ
ରହିଥାଏ କେତେ
କେତେ ସ୍ୱପ୍ନ ସମ୍ଭାବନା
ସପନ ପୂରଣ
ଚେଷ୍ଟା ବଳେ ଜାଣ
ବ୍ୟର୍ଥ ହୁଏନି ଭାବନା।

ଶିଶୁ ଯେ ସରଳ
ନିଃଷ୍ପାପ ସୁନ୍ଦର
ସ୍ରଷ୍ଟାଙ୍କ ସୁନ୍ଦର ସୃଷ୍ଟି
ଶିଶୁ ହାବ ଭାବ
ସୁନ୍ଦର ସ୍ୱଭାବ
ସଦା ଅନାବିଳ ଦୃଷ୍ଟି।

ବୌଦ୍ଧ, ବଉଦରାଜ-୭୬୨୦୧୪
ମୋ: ୯୪୩୭୪୭୮୪୬୬

## ହେବାକୁ ଯେବେ ଚାହଁ

ଅରୁଣ କୁମାର ପଣ୍ଡା

ସୁଭାଷ ପରି ହୁଅରେ ନେତା
ଯଦି ଚାହୁଁଛ ଯୁଦ୍ଧ
ମୁକତି ଯଦି ପାଇବା ଇଚ୍ଛା
ଜାଣ ନାନକ, ବୁଦ୍ଧ।

କବିତା ଯଦି ଲେଖିବା ଚାହଁ
ଠାକୁର ପରି ଲେଖ
ଟେରେସା ପରି ରୋଗୀକୁ ଆଣି
ସେବାରେ ମନ ରଖ।

ଶିଳିପୀ ଯଦି ହୋଇବ ତୁମେ
ଧରମପଦ ହୁଅ
ବାଜିଆ ପରି ସହିଦ ହୋଇ
ଜୀବନ ବଳି ଦିଅ।

ସି.ଭି ରମଣ ପରି ବିଜ୍ଞାନୀ
ହେଲେ ନ ଥିବ ଖେଦ
ଖେଳାଳୀ ଯେବେ ହେବାକୁ ଚାହଁ
ହୁଅରେ ଧ୍ୟାନଚାନ୍ଦ।

ସଖା ପରିକା ପୂଜିତ ହେବ
ସୁଦାମା ଖୁଦ ଦେଇ
ଆଘାତ ତୁମେ ସହି ପାରିବ
ଯୀଶୁଙ୍କ ଶକ୍ତି ନେଇ।

ସବୁ କଥାରେ ହୋଇ ପାରିବ
ଜୀବନେ ଯେବେ ବଡ଼
ସବୁଠି ତୁମେ ପୂଜା ପାଇବ
ଜିଣି ପାରିବ ଗଡ଼।

+ତୋଟାପଡ଼ା, ଘଂଟେଶ୍ୱର,
ଭଦ୍ରକ-୭୫୬୧୨୯
ମୋ: ୯୯୩୭୬୭୨୭୦୮



# ସାନଙ୍କ ଠାରୁ ଶିଖିବାର ଅଛି

ଶ୍ରୀମତୀ ବସନ୍ତ ମିଶ୍ର



ଝିଲି ଓ ମିଲି ଗାଁ ବିଦ୍ୟାଳୟରେ ଗୋଟିଏ ଶ୍ରେଣୀରେ ପଢ଼ନ୍ତି ଓ ଏକାଠି ବସନ୍ତି। ସେମାନଙ୍କର ଘରକୁ ଘର ଲାଗିଥିବାରୁ ସେମାନେ ପରସ୍ପରର ପଡ଼ୋଶୀ। ସେମାନେ ପରସ୍ପରର ଭଲ ସାଙ୍ଗ ମଧ୍ୟ। ସାଙ୍ଗ ହୋଇ ଖେଳନ୍ତି, ବୁଲନ୍ତି ଆଉ ପଢ଼ନ୍ତି ବି। କେହି କାହାରିକୁ ଘଡ଼ିଏ ନ ଦେଖିଲେ ରହି ପାରନ୍ତି ନାହିଁ। ବଡ଼ ହସଖୁସିରେ କଟିଯାଏ ସେମାନଙ୍କ ଦିନସବୁ।

ମିଲିର ବାପା ତାଙ୍କ ବାଡ଼ିରେ ବିଭିନ୍ନ ପନିପରିବା ଚାଷ କରି ତାକୁ ବିକି ପରିବାର ଚଳାନ୍ତି। ଝିଲି ବାପାଙ୍କର ଚାଷ ଜମି ନ ଥିବାରୁ ସେ କିଛି ଛେଳି, ଗୋରୁ ପାଳନ କରି କ୍ଷୀର, ଘିଅ ଓ ଖାସି ଆଦି ବିକି ଘର ଚଳାନ୍ତି। ଦୁଇ ପରିବାର ଭିତରେ ଉତ୍ତମ ବୁଝାମଣା ଓ ସୁସମ୍ପର୍କ ରହିଥାଏ। ଝିଲି ଘରେ ଫୁଟଣ ଫୁଟିଲେ ମିଲି ଘରକୁ ବାସେ ଓ ମିଲି ଘରେ ପିଠାପଣା ହେଲେ ଝିଲି ଘରକୁ ଆସେ।

ଦିନେ ଝିଲି ଘର ଛେଳିଟିଏ ମିଲିଘର ବାଡ଼ିରେ ଅକସ୍ମାତ୍ ପଶିଗଲା। ସେଠାରେ ଛନଛନିଆ ଘାସ ଓ ସବୁଜ ପରିବା ଆଦି ଦେଖି ଲୋଭରେ ଖାଇବାରେ ଲାଗିଗଲା। ମିଲିର ବାପା ଦେଖିପାରି ତାକୁ ଘଉଡ଼ାଇବା ଉଦ୍ଦେଶ୍ୟରେ ଢେଲାଟାଏ ଫିଙ୍ଗିଦେଲେ। ଢେଲାଟି ଛେଳିର କେଉଁଠି ବାଜିଲା କେଜାଣି, ସେ ମେଁ ମେଁ ହୋଇ କିଛିବାଟ ଧାଇଁଗଲା ଏବଂ ସେଠାରେ କିଛି ସମୟ ଛଟପଟ ହୋଇ ମରିଗଲା।

ଛେଳିର ମେଁ ମେଁ ଶବ୍ଦ ଶୁଣି ଝିଲିର ବାପା ଘରୁ ବାହାରି ଆସି ଦେଖିଲେ ଯେ ତାଙ୍କ ଛେଳିଟି ମିଲିଘର ବାଡ଼ିରେ ମରି ପଡ଼ିଛି। ଘଟଣା କ'ଣ ବୁଝିବାକୁ ତାଙ୍କୁ ବେଶି ସମୟ ଲାଗିଲାନାହିଁ। ସେ ଛୁଟିଯାଇ ମିଲି ବାପାଙ୍କ ସହିତ ପାଟିତୁଣ୍ଡ ଆରମ୍ଭ କରିଦେଲେ। ଶେଷରେ ଉଭୟଙ୍କ ଭିତରେ ହାତାହାତି ଯାଏ କଥା ଗଲା। ସେଇ ଦିନଠାରୁ ସେମାନେ କେହି କାହାରିକୁ କଥା ହେଲେନାହିଁ କି ମୁହଁ ମଧ୍ୟ ଚାହିଁଲେ ନାହିଁ। ଏହାର ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଲା। ଝିଲି ଓ ମିଲି ନିତି ବିଦ୍ୟାଳୟକୁ ଗଲେ ମଧ୍ୟ କଥାବାର୍ତ୍ତା ହୁଅନ୍ତିନାହିଁ କି ସାଙ୍ଗ ହୋଇ ଖେଳାବୁଲା କରନ୍ତିନାହିଁ। ସେମାନଙ୍କ ମନ ଭାରି ଦୁଃଖ।

ଦିନେ ବିଦ୍ୟାଳୟରୁ ଫେରିବା ସମୟରେ ବାଟରେ ଗୋଟିଏ ଷଣ୍ଢ ଝିଲି ଆଗକୁ ଚାଲିଆସିଲା। ତାକୁ ଶିଙ୍ଗରେ ଟେକିଧରି ଖଣ୍ଡେ ଦୂରକୁ ଛାଟିଦେଲା। କିଛି ଦୂରରେ ପଡ଼ିଯାଇ ତା'ର ମୁଣ୍ଡ ଫାଟିଗଲା ଓ ଚେତା ମଧ୍ୟ ବୁଡ଼ିଗଲା। ତା' ପଛେ ପଛେ ମିଲି ଆସୁଥିଲା। ସେ ଏହା ଦେଖି ଆଉ ସହି ପଳାରିଲାନାହିଁ। ଯେତେହେଲେ ତା'ର ପୂର୍ବ ଦିନର ଅନ୍ତରଙ୍ଗ ସାଙ୍ଗ ତ। ସେ ଛୁଟି ଆସିଲା ଝିଲି ପାଖକୁ। ନିକଟରେ ଥିବା ଗୋଟିଏ ରିକ୍ସାବାଲାକୁ ଡାକି ତା' ସାହାଯ୍ୟରେ ଝିଲିକୁ ରାସ୍ତାରୁ ଉଠାଇ ରିକ୍ସାରେ ବସାଇଲା। ତା' ମୁଣ୍ଡରେ ନିଜ ରୁମାଲକୁ ପଟି ଭଳି ଗୁଡ଼େଇ ବାନ୍ଧିଦେଲା। ରିକ୍ସାବାଲାକୁ ନିକଟରେ ଥିବା ଗୋଟିଏ ଡାକ୍ତରଖାନାକୁ ନେଇଯିବାକୁ କହିଲା। ସେଠାରେ ପହଞ୍ଚି ଡାକ୍ତରଙ୍କୁ ଅନୁରୋଧ କରି ଶୀଘ୍ର ତା'ର ଚିକିତ୍ସା ଆରମ୍ଭ କରାଇଲା। ସେତେବେଳକୁ ଝିଲି ମୁଣ୍ଡରୁ ବହୁତ ରକ୍ତ ବହି ସାରିଥିଲା। ତା'ର ରକ୍ତ ଦରକାର ବୋଲି ଡାକ୍ତର କହିଲେ। ଯୋଗକୁ ମିଲିର ରକ୍ତ ନମୁନା ତା'ର ରକ୍ତ ସହିତ ମିଶିଗଲା ଓ ସେ ତାକୁ ରକ୍ତ ଦେଲା। ତା'ର ଚିକିତ୍ସା ଚାଲିଥିବା ସମୟରେ ମିଲି ଡାକ୍ତରଖାନା ଫୋନରୁ ଝିଲିର ବାପାଙ୍କୁ ଫୋନ କରି ସବୁ କଥା ଜଣାଇଦେଲା।

ଝିଲିର ବାପା ବ୍ୟସ୍ତ ହୋଇ ଆସି ଡାକ୍ତରଖାନାରେ ପହଞ୍ଚିଲେ। ଝିଲିକୁ ରକ୍ତ ଦେଇ ମିଲି ବଞ୍ଚାଇଥିବା କଥା ଡାକ୍ତରଙ୍କଠାରୁ ଶୁଣିବାକୁ ପାଇଲେ। ତାଙ୍କ ଝିଅର ଜୀବନ ବଞ୍ଚାଇଥିବାରୁ ତାକୁ ଅନେକ ପ୍ରଶଂସା କରିବା ସହିତ ଖୁସିରେ କୁଣ୍ଢାଇ ପକାଇଲେ। ପିଲାମାନଙ୍କ ଭିତରେ ଥିବା ଅନାବିଳ ସ୍ନେହ ଦେଖି ତାଙ୍କ ହୃଦୟ ତରଳିଗଲା। ମନ ବି ପରିବର୍ତ୍ତନ ହୋଇଗଲା। ଝିଲି ସୁସ୍ଥ ହେବା ପରେ ସେ ତାକୁ ନେଇ ଘରକୁ ଫେରିଲେ। ସେତେବେଳକୁ ସେ ତାଙ୍କର ଭୁଲ୍ ବୁଝି ପାରିଥା'ନ୍ତି। ସେ ମିଲି ଘରକୁ ଯାଇ ତା' ବାପାଙ୍କୁ କ୍ଷମା ମାଗିଲେ। ଦୁହେଁ ରାଗ ଭୁଲି ଦୁହିଁକୁ କୁଣ୍ଢାଇ ପକାଇଲେ। ତା' ପରଠାରୁ ପୁଣି ପରସ୍ପରର ଉତ୍ତମ ପଡ଼ୋଶୀ ଭାବରେ ଚଳିବାକୁ ଲାଗିଲେ। ଝିଲି ଓ ମିଲିର ମନ ବି ବହୁତ ଖୁସି। ସେମାନେ ଏବେ ପୁଣି ପୂର୍ବପରି ମିଳିମିଶି ଖେଳନ୍ତି, ବୁଲନ୍ତି ଓ ପଢ଼ନ୍ତି ବି। ଏବେ ସେମାନଙ୍କର ଗୁରୁଜନମାନେ ଓ ପଡ଼ୋଶୀମାନେ କଥାବାର୍ତ୍ତା ହୁଅନ୍ତି, ସାନମାନଙ୍କ ଠାରୁ ବି ବଡ଼ମାନଙ୍କର ବହୁତ କିଛି ଶିଖିବାର ଅଛି।

♥ ମଣିସାହି, ମାଧବନଗର,
ଭଦ୍ରକ - ୭୫୬୧୮୧
ମୋ: ୯୪୩୯୫୫୪୯୬୪

# କାମ ବାଂଟି ଖୁସିରେ ରହିଲେ

ରମେଶ ଚନ୍ଦ୍ର ଦାଶ



ବାଘ ରାଜା ହେବାପରେ ସେ ବଣର ଜୀବଜନ୍ତୁମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲା। ଯାହାକୁ ପାରିଲା ତାକୁ ମାରିଲା, ଖାଇଲା। ଏହା ଦେଖି ବଣର ପ୍ରାଣୀମାନେ ଏକାଠି ହୋଇ ବାଘକୁ ବଣରୁ ବିଦା କରିବାକୁ ଉଦ୍ୟମ କଲେ। ସମସ୍ତଙ୍କର ସହଯୋଗରେ ବାଘ ବିଦା ହୋଇ ଅନ୍ୟଆଡ଼େ ପଳାଇଲା। ତାହା ଦେଖି ସବୁ ପ୍ରାଣୀ ଖୁସିହେଲେ। ତାପରେ ଧୀରେ ଧୀରେ ଜଙ୍ଗଲରେ ଅରାଜକତା ଦେଖାଦେଲା। ତେଣୁ ପୁଣି ସେମାନେ ସମସ୍ତେ ଏକାଠି ବସି ସିଂହକୁ ରାଜା କଲେ। ତାକୁ ଶାସନରେ ସମସ୍ତେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ। ସେ କିନ୍ତୁ ରାଜା ହେବାପରେ କାହାରି ପରାମର୍ଶରେ ଅପେକ୍ଷା ନକରି ନିଜ ମନଇଚ୍ଛା ରାଜୁତି ଚଳାଇଲା। ସେ ବି ବାଘପରି ଅତ୍ୟାଚାର କଲା। ତା' ବିରୋଧରେ ପୁଣି ପ୍ରାଣୀମାନେ ଏକାଠି ହୋଇ ତାକୁ ତଡ଼ିଲେ ଓ ହାତୀକୁ ରାଜାକଲେ। ହାତୀ ତା'ର ରାଜୁତିରେ କାହାକୁ ଛାଡ଼ିଲା ନାହିଁ। ସେ ତା'ର ବଳ ପ୍ରୟୋଗ କରି ସମସ୍ତଙ୍କୁ ସାବାଡ଼ କରିବାକୁ ଚିନ୍ତାକଲା।

ଏହା ମଧ୍ୟ ସବୁରି ଅସହ୍ୟ ହେଲା। ତେଣୁ ପୁଣି ସେମାନେ ଏକାଠି ହୋଇ ଅନ୍ୟ ଜଣଙ୍କୁ ରାଜା କରିବାକୁ ଚିନ୍ତା କଲାବେଳେ ବିଲୁଆ କହିଲା- ଜଣଙ୍କ ପାଖରେ ଅତ୍ୟଧିକ କ୍ଷମତା ରହିଲେ ତାହାର ଅପବ୍ୟବହାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଜଣଙ୍କ ହାତରେ ସମସ୍ତ ଶାସନ ଭାରି ନଦେଇ ବିଭିନ୍ନ କାମ ବିଭିନ୍ନ ପ୍ରାଣୀଙ୍କ ହାତରେ ଦେଲେ କେମିତି ହୁଅନ୍ତା ? ଯିଏ ଭଲ କାମ କରିବ ତାକୁ ପୁରସ୍କୃତ କରିବା ଆଉ ଯିଏ ମନ୍ଦ କାମ କରିବ ତାକୁ ସେହି ଦାୟିତ୍ୱରୁ ଦୂରେଇ ରଖିବା। ବିଲୁଆର ଏହି ପ୍ରସ୍ତାବକୁ ସମସ୍ତେ ଗ୍ରହଣ କଲେ। ବିଭିନ୍ନ ପ୍ରାଣୀଙ୍କୁ ଦାୟିତ୍ୱ ବାଂଟିବା ପାଇଁ ସବୁ ପ୍ରାଣୀଗୋଷ୍ଠୀଙ୍କର ବୁଦ୍ଧିଆମାନଙ୍କୁ ନେଇ ଗୋଟିଏ ସଂଗଠନ ତିଆରି କଲେ। ସେହି ସଂଗଠନର ନିଷ୍ପତ୍ତି ଅନୁସାରେ ଦାୟିତ୍ୱ ବଂଟାଗଲା। ତାପରେ ବଣର ଶାସନ ଠିକ୍ ଭାବରେ ଚାଲିଲା। ଯାହାଫଳରେ ସବୁ ପ୍ରାଣୀ ଖୁସିରେ ରହିଲେ।

♥ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨

# ସାବାସ ସୀତାକାନ୍ତ

ସତ୍ୟବ୍ରତ ମିଶ୍ର




ସେଦିନ ଥିଲା ମେ ପାଂଚ ତାରିଖ। ଘରେ ସିଦ୍ଧାନ୍ତ ନିଆଗଲା ସୀତାକାନ୍ତର ଜନ୍ମଦିନ ତା ୫/୬/୨୦୨୦ରିଖରେ ପାଳନ କରିବାପାଇଁ। ଜନ୍ମଦିନ ପ୍ରସ୍ତୁତିରେ ସୀତାକାନ୍ତର ପିତାମାତା, କକା ଖୁଡ଼ି ଖୁବ୍ ବ୍ୟସ୍ତ କିନ୍ତୁ କରୋନା ପାଇଁ ସେମାନଙ୍କ ଆନନ୍ଦ ଅପସରି ଆତଙ୍କ ଛନକା ପଶିଗଲା। ସରକାରଙ୍କ କଟକଣା ଯୋଗୁଁ ଓ ସାମାଜିକ ଦୂରତା ରକ୍ଷା କରିବାପାଇଁ ତାର ଜନ୍ମଦିନ ନିରାଡ଼ମ୍ବରରେ ପାଳନ ପାଇଁ ସ୍ଥିରୀକୃତ ହେଲା।

ସୀତାକାନ୍ତ ତାର ବାପାଙ୍କୁ କହିଲା- "ମୋ ଜନ୍ମଦିନ ପାଇଁ ଯାହା ଖର୍ଚ୍ଚ ହୋଇଥାନ୍ତା ସେହି ଟଙ୍କା କରୋନା ପ୍ରପୀଡ଼ିତ ଲୋକଙ୍କ ପାଇଁ ଦାନ କରାଯାଉ"। ତାର କଥାରେ ବାପାଙ୍କ ଆନନ୍ଦ କହିଲେ ନସରେ। ସେ ଟ୧୦୦୦୦/- ପ୍ରଧାନମନ୍ତ୍ରୀଙ୍କ ରିଲିଫ ଫଣ୍ଡଙ୍କୁ ବ୍ୟାଙ୍କ୍ ଡ୍ରାଫଟ ମାଧ୍ୟମରେ ପଠାଇଲେ। ଜନ୍ମଦିନ ସକାଳେ ସୀତାକାନ୍ତ ତାର ପିତାମାତାଙ୍କୁ ଭୂମିଷ୍ଠ ପ୍ରଣାମ କରି ଗାଁର ମହାଦେବ ମନ୍ଦିରକୁ ଯାଇ ସଦାଶିବଙ୍କୁ ଦର୍ଶନ କଲା। ତାର ଜନ୍ମଦିନରେ ପ୍ରସ୍ତୁତ ହୋଇଥିବା ଭୋଗ, ଖେଚୁଡ଼ି, ଛେନା ତରକାରୀ, ଡାଲମା, ଖୀରିକୁ ତାର ବାପା ସୀତାକାନ୍ତ ସହିତ ବାଂଟିଲେ। ଗ୍ରାମବାସୀ ଖୁସି ହୋଇ ସୀତାକାନ୍ତକୁ ଆର୍ଶୀବାଦ କରିଥିଲେ ଓ ସୀତାକାନ୍ତ କରୋନା ପ୍ରପୀଡ଼ିତ ଲୋକଙ୍କୁ ସହାୟତା ପାଇଁ ସାହାଯ୍ୟ ଘଟଣା ଅବଗତ ହୋଇ ତାକୁ ତାରିଫ୍ କରିଥିଲେ। ଏଥିରୁ ଶିକ୍ଷାମିଳେ- " ଆମେ ସୃଷ୍ଟିର ଶ୍ରେଷ୍ଠ ଜୀବଭାବେ ଆମର ମାନବିକତାକୁ କେବେ ଭୁଲିବା ଉଚିତ୍ ନୁହେଁ।" ଆମକୁ ମନେ ରଖିବାକୁ ହେବ ଦୁଃଖୀ ଅନାଥ ଲୋକଙ୍କୁ ସେବାରେ ଭଗବତ୍ କୃପା ମିଳିଥାଏ।

♥ଆଇନଜୀବୀ, ଉଦଳା, ମୟୂରଭଂଜ
ମୋ: ୯୫୮୩୨୭୦୭୬୮

# ମେଡିକାଲ୍ ଆସେସ୍‌ମେଂଟ ବୋର୍ଡ ପୁନଃଗଠିତ

ଭୁବନେଶ୍ୱର,୧୭/୧୨ (ନି.ପ୍ର): ରାଜ୍ୟର ବିଭିନ୍ନ ମେଡିକାଲ କଲେଜଗୁଡ଼ିକରେ ଚିକିତ୍ସା ମୂଲ୍ୟାଙ୍କନ ବୋର୍ଡ (ମେଡିକାଲ ଆସେସ୍ ମେଂଟ ବୋର୍ଡ)ର ପୁନର୍ଗଠନ କରାଯାଇଛି । ଏହି ବୋର୍ଡଗୁଡ଼ିକ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଅପିଲ୍ ପ୍ରାଧିକରଣଙ୍କୁ ସହାୟତା ଦେବେ । ଭିନ୍ନକ୍ଷମ ପ୍ରମାଣପତ୍ରର ସମୀକ୍ଷା ଓ ପୁନଃଆକଳନ ପାଇଁ ବୋର୍ଡଗୁଡ଼ିକ କାର୍ଯ୍ୟକରିବେ ।

ଫକୀର ମୋହନ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍ (ବାଲେଶ୍ୱର) ଅଧୀନରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ରହିଥିବାବେଳେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲା ଏମ୍‌କେସିଜି ମେଡିକାଲ୍ କଲେଜ୍ (ବ୍ରହ୍ମପୁର) ଅଧୀନରେ ରହିବେ । ମୟୂରଭଞ୍ଜ ଓ କେଉଁଝର ଜିଲ୍ଲାକୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍‌ର ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ବଲାଙ୍ଗୀରସ୍ଥିତ ସନ୍ଥକବି ଭୀମଭୋଇ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍ ଅଧୀନରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ରଖାଯାଇଛି । ଅନୁରୂପ ଭାବରେ କଟକ, ଢେଙ୍କାନାଳ, ଅନୁଗୋଳ, ଜଗତସିଂହପୁର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ଏସ୍‌ସିବି ମେଡିକାଲ୍ କଲେଜ (କଟକ) ଅଧୀନରେ ରହିଛନ୍ତି । କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍ ଅଧୀନରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାକୁ ରଖାଯାଇଥିବାବେଳେ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାକୁ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ୍ ଓ ହସ୍‌ପିଟାଲ୍ ଅଧୀନସ୍ଥ କରାଯାଇଛି । ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଦେବଗଡ଼ ଜିଲ୍ଲାକୁ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଭେଷଜ ଗବେଷଣା ପ୍ରତିଷ୍ଠାନର ଅନ୍ତର୍ଭୁକ୍ତ କରାଯାଇଛି ।

ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ତଥା ଅନ୍ୟାନ୍ୟ କର୍ତ୍ତୃପକ୍ଷ ଅପିଲ୍ ପ୍ରାଧିକରଣଙ୍କୁ ସୂଚନା ଦେବା ସହିତ ଭିନ୍ନକ୍ଷମ ପ୍ରମାଣପତ୍ର ବାବଦରେ ସଂପୃକ୍ତ ମେଡିକାଲ ଆସେସ୍‌ମେଂଟ ବୋର୍ଡଗୁଡ଼ିକୁ ଆବେଦନ କରିପାରିବେ । ପ୍ରମାଣପତ୍ରଗୁଡ଼ିକର ବିସ୍ତୃତ ତନଖି/ପୁନଃଆକଳନ ରିପୋର୍ଟ ଏବଂ ଫଳାଫଳ ସିଧାସଳଖ ନିଯୁକ୍ତିଦାତା ସଂସ୍ଥାଗୁଡ଼ିକୁ ବୋର୍ଡ ପକ୍ଷରୁ ପ୍ରଦାନ କରାଯିବ । ଭିନ୍ନକ୍ଷମ ପ୍ରମାଣପତ୍ରରେ ଥିବା ଅନିୟମିତତା ବା ଠକାମି ଦର୍ଶାଇ ସୁବିଧା ପାଉଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଦଣ୍ଡବିଧାନକୁ ସୁନିଶ୍ଚିତ କରିବା ସକାଶେ ସଂପୃକ୍ତ ମେଡିକାଲ୍ କଲେଜ୍ ର ସୁପିରଟେଣ୍ଡେଂଟ ଅନିୟମିତତା ବାବଦରେ ତନଖି/ପୁନଃଆକଳନ କରି ଅପିଲ୍ ପ୍ରାଧିକରଣଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପ୍ରଦାନ କରିବେ ।

# ପୁରୁଣା ପେନସନ ଦାବିରେ ପ୍ରାଥମିକ ଶିକ୍ଷକମାନଙ୍କ ଆନ୍ଦୋଳନ ୨୩ରେ

ଭୁବନେଶ୍ୱର,୧୭/୧୨ (ନି.ପ୍ର): ରାଜ୍ୟ ସରକାର ରାଜ୍ୟରେ ଶିକ୍ଷକ-କର୍ମଚାରୀ ମାରଣ ନୀତି ଜାରି ରଖିଛନ୍ତି । ୬ ବର୍ଷ ଠିକା ଓ ଚୁକ୍ତିରେ ବିଦ୍ୟାଳୟରେ କାର୍ଯ୍ୟ କରାଇ ଉଚ୍ଚଶିକ୍ଷିତ ଯୁବକଯୁବତୀମାନଙ୍କୁ ଶୋଷଣ କରୁଛନ୍ତି । ୬ ବର୍ଷ କାଳ ଶିକ୍ଷକମାନଙ୍କୁ କମ୍ ଦରମା ଦେଉଛନ୍ତି । ଦେଶର ପ୍ରାୟ ସମସ୍ତ ରାଜ୍ୟରେ ଶିକ୍ଷକମାନଙ୍କୁ ସପ୍ତମ ବେତନ କମିଶନରେ ୪୨୦୦ଟଙ୍କା ଗ୍ରେଡ୍ ପେ ଦେଇ ଦରମା ସଂଶୋଧନ କରିଥିବା ବେଳେ ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କୁ ଦରମା ସପ୍ତମ ବେତନ କମିଶନରେ ଗ୍ରେଡ୍ ପେ ୨୨୦୦ ଟଙ୍କା ଦରମା ସଂଶୋଧନ କରିଥିବାରୁ ଅନ୍ୟ ରାଜ୍ୟ ଶିକ୍ଷକମାନଙ୍କ ଦରମା ଠାରୁ ସର୍ବନିମ୍ନ ଦରମା ହୋଇଛି । ସର୍ବୋଚ୍ଚ ଅଦାଲତ ସମାନ କାମକୁ ସମାନ ଦରମା ଦେବା ପାଇଁ କହିଥିବା ବେଳେ ରାଜ୍ୟ ସରକାର ତାହାକୁ ମାନୁନାହାଁନ୍ତି । ଶିକ୍ଷା ଅଧିକାର ଆଇନରେ ସମସ୍ତ ଶିକ୍ଷକମାନଙ୍କୁ ପେନସନ, ଗ୍ରାଚୁଇଟି, ମେଡ଼ିକାଲ ଭତା, ଭବିଷ୍ୟନିଧି ପାଣ୍ଠି, ଡ଼ାକ୍ତରୀ ସୁବିଧା, ସ୍ୱାସ୍ଥ୍ୟବୀମା ଓ ଅବସରକାଳୀନ ସୁବିଧା ସୁଯୋଗ ଦେବା ପାଇଁ ରାଜ୍ୟ ସରକାର ଆଇନ କରିଥିବା ବେଳେ ତାହାକୁ ନିଜେ ଉଲଂଘନ କରୁଛନ୍ତି । ଶିକ୍ଷକମାନେ ୩୦ରୁ ୩୫ବର୍ଷ କାର୍ଯ୍ୟ କରିବା ପରେ ସେମାନଙ୍କୁ ଖାଲି ହାତରେ ଅବସର ନେବାକୁ ପଡୁଛି । ଜଗତୀକରଣ ଓ ଉଦାରୀକରଣ ଅର୍ଥନୀତିର ଚାପରେ ରାଜ୍ୟ ଓ କେନ୍ଦ୍ର ସରକାର ପୁରୁଣା ପେନସନ ବ୍ୟବସ୍ଥାକୁ ବନ୍ଦ କରି ଯେଉଁ ନୂତନ ପେନସନ ବ୍ୟବସ୍ଥା ୨୦୦୫ ମସିହା ଠାରୁ ପ୍ରଚଳନ କରିଛନ୍ତି ସେଥିରେ କିଛି ବିଶେଷ ସୁବିଧା ସୁଯୋଗ ଶିକ୍ଷକ କର୍ମଚାରୀଙ୍କୁ ମିଳୁନାହିଁ । ଜଣେ ଶିକ୍ଷକ ଅବସର ନେଲେ ନୂତନ ପେନସନ ନିୟମ ଅନୁଯାୟୀ ସେମାନଙ୍କୁ ୫୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ପେନସନ ମିଳୁଛି । ଯାହାଦ୍ୱାରା ଅବସର ନେଉଥିବା ଶିକ୍ଷକ କର୍ମଚାରୀମାନଙ୍କ ଚାକିରୀର ଅବଶିଷ୍ଟ ଜୀବନକାଳ ଦୁଃଖକଷ୍ଟରେ ଅତିବାହିତ କରିବାକୁ ପଡୁଛି । ୨୦୦୫ ମସିହା ପୂର୍ବ ପ୍ରଚଳିତ ପେନସନ ବ୍ୟବସ୍ଥା ସମସ୍ତଙ୍କ ପାଇଁ ଉଚ୍ଛେଦ କରାଯାଇଥିଲେ ମଧ୍ୟ ବିଧାୟକ ଓ ସାଂସଦମାନଙ୍କୁ କାହିଁକି ଦିଆଯାଉଛି ବୋଲି ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଅଭିଯୋଗ କରିଛନ୍ତି । ନିୟମ ଯଦି ସମସ୍ତଙ୍କ ପାଇଁ ସମାନ ଲାଗୁ କରାଯାଇଛି, ତବେ ବିଧାୟକ ଓ ସାଂସଦମାନେ କାହିଁକି ପୁରୁଣା ପେନସନ ଉପଭୋଗ କରୁଛନ୍ତି ? ତେଣୁ ଶିକ୍ଷକ କର୍ମଚାରୀମାନଙ୍କୁ ୨୦୦୫ ମସିହା ପୂର୍ବ ପ୍ରଚଳିତ ପେନସନ ବ୍ୟବସ୍ଥା ଲାଗୁ କରିବାକୁ ଶିକ୍ଷକ ସଂଘ ଦାବି କରିଛି । ରାଜ୍ୟ ସରକାର ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ଦେଉଥିବା ବେଳେ ଶିକ୍ଷକମାନଙ୍କୁ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ କରୁନାହାଁନ୍ତି । ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଓ ଶିକ୍ଷା ସହାୟକ କାର୍ଯ୍ୟକାଳକୁ ଚାକିରୀରେ ଗଣନା କରିବା, ଶିକ୍ଷକମାନଙ୍କୁ ସ୍ୱାସ୍ଥ୍ୟବୀମାରେ ସାମିଲ୍ କରିବାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ ଦାବି କରିଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ସରକାର ଶିକ୍ଷକମାନଙ୍କର ନ୍ୟାୟୋଚିତ ଦାବିକୁ କାର୍ଯ୍ୟକାରୀ କରୁନଥିବାରୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଓଡ଼ିଶା ବାଧ ହୋଇ ଆସନ୍ତା ଡ଼ିସେମ୍ବର ୨୩ ତାରିଖରେ ଏକ ବିଶାଳ ଆନ୍ଦୋଳନର ଆୟୋଜନ କରିବାକୁ ଯାଉଛି ବୋଲି ସଂଘର ନେତୃବୃନ୍ଦ ମିଳିତ ଭାବେ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ଟୁଲୁ ଦେଇ, ସୁଶିଲ କୁମାର ସେଠୀ, ସମରେଶ ବେହେରା, ସୁଶାନ୍ତ ମଲ୍ଲିକ ଓ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଗଣା ପାଠ୍ୟ ପୁସ୍ତକ ବିତରଣର ଶୁଭାରମ୍ଭ

ଭୁବନେଶ୍ୱର ,୧୭/୧୨ (ନି.ପ୍ର): ଆଗାମୀ ଶିକ୍ଷାବର୍ଷ ୨୦୨୨-୨୩ ବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ମାଗଣା ପାଠ୍ୟପୁସ୍ତକ ଯୋଗାଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି ।

ଗୁରୁବାର ଭୁବନେଶ୍ୱରସ୍ଥ ପାଠ୍ୟପୁସ୍ତକ ଉତ୍ପାଦନ ବିକ୍ରୟ କେନ୍ଦ୍ରଠାରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀଙ୍କ ଉପସ୍ଥିତିରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ପରି ଉପାନ୍ତ ଜିଲ୍ଲା ସହ ପୁରୀ ଏବଂ କେନ୍ଦୁଝର ଜିଲ୍ଲାକୁ ପାଠ୍ୟପୁସ୍ତକ ପ୍ରେରଣ କରାଯାଇଛି । ପୁରୀ ଜିଲ୍ଲାକୁ ୨୮୦୫୨ ଖଣ୍ଡ, କେନ୍ଦୁଝରକୁ ୨୮୩୧୧, ମାଲକାନଗିରିକୁ ୪୮୨୩୨, ନବରଙ୍ଗପୁରକୁ ୪୫୩୧୮ ଏବଂ କୋରାପୁଟ ଜିଲ୍ଲାକୁ ୪୬୮୮୨ ଖଣ୍ଡ ପୁସ୍ତକ ପଠାଯାଇଛି । ଆଜି ସମୁଦାୟ ୧,୯୬,୩୯୫ ଖଣ୍ଡ ପାଠ୍ୟପୁସ୍ତକ ବିତରଣ ନିମନ୍ତେ ପଠାଯାଇଛି । ଶିକ୍ଷାବର୍ଷ ଅପ୍ରେଲ ମାସରୁ ଆରମ୍ଭ ହେଉଥିବାରୁ ଏହି ପୁସ୍ତକ ଯୋଗାଣ କାର୍ଯ୍ୟ ୨୦୨୨ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସଂପନ୍ନ ହେବ ବୋଲି ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି । ପ୍ରକାଶ ଥାଉ କି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ୪୭ ଲକ୍ଷ ଛାତ୍ରଛାତ୍ରୀମାନଙ୍କ ପାଇଁ ୪ କୋଟିରୁ ଅଧିକ ବହି ଆବଶ୍ୟକତା ଥିବାବେଳେ ତାହା ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ବ୍ଲକ୍ ଏବଂ ପୌରାଂଚଳ ମାନଙ୍କରେ ପହଂଚାଇବାର ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

# ରାଜଧାନୀରେ ଲୁଚିଛି ବିଦେଶ ଫେରନ୍ତାଙ୍କ ତଥ୍ୟ

ଭୁବନେଶ୍ୱର ,୧୭/୧୨ (ନି.ପ୍ର): ଗତ କିଛିଦିନ ଭିତରେ ଓଡ଼ିଶାକୁ ଆସିଥିବା ବିଦେଶ ଫେରନ୍ତାଙ୍କ ମଧ୍ୟରେ ସିଂହ ଭାଗ ଭୁବନେଶ୍ୱରରେ ଅଛନ୍ତି । ହେଲେ ରାଜଧାନୀକୁ ଆସିଥିବା କେତେ ଜଣ ଫେରନ୍ତାଙ୍କୁ ଠାବ କରାଯାଇ ସେମାନଙ୍କ ଟେଷ୍ଟିଂ କରାଯାଇଛି ସେ ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ । ବିଏମ୍‌ସି କୌଣସି ତଥ୍ୟ ଦେଉ ନ ଥିବା ଅଭିଯୋଗ ଉଠିଲାଣି । ତେଣୁ ବିଦେଶ ଫେରନ୍ତାଙ୍କ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ଲାଗି ଆଜି ବିଏମ୍‌ସିର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର ବୈଠକ ବସିବ ବୋଲି ସୂଚନା ମିଳିଛି ।

କରୋନାର ନୂଆ ପ୍ରଜାତି 'ଓମିକ୍ରନ୍'କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚିନ୍ତାଜନକ ପ୍ରଜାତି ଘୋଷଣା କରିବା ପରେ ବିଦେଶ ଫେରନ୍ତାଙ୍କୁ ନେଇ ଚିନ୍ତା ବଢ଼ିଥିଲା । ଯେଉଁଯେଉଁ ଦେଶରେ ଏ ପର୍ଯ୍ୟନ୍ତ ଓମିକ୍ରନ୍ ଚିହ୍ନଟ ହୋଇଛି ସେସବୁ ଦେଶ(ଆଟ୍ ରିସ୍କ)ରୁ ଓଡ଼ିଶାକୁ ଫେରିଥିବା ବ୍ୟକ୍ତିମାନଙ୍କ ସଂଖ୍ୟା ୧୫ଶହରେ ପହଞ୍ଚିଲାଣି । ସେମାନଙ୍କୁ ଟ୍ରାକିଂ କରି ଆରଟି-ପିସିଆର ପରୀକ୍ଷା କରିବା ଲାଗି ପ୍ରଶାସନିକ ସ୍ତରରେ ଉଦ୍ୟମ ଜାରି ରହିଛି । ହେଲେ ଅନେକଙ୍କ ପତ୍ତା ମିଳୁ ନ ଥିବାରୁ ଉଭୟ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଅନେକ ନିଜର ଭୁଲ୍ ଠିକଣା/ନମ୍ବର ଦେଇଥିବା ବେଳେ ଯୋଗାଯୋଗ ସମୟରେ ସେମାନେ ରାଜ୍ୟ ବାହାରେ ଥିବା କହୁଛନ୍ତି । ଯେହେତୁ ଦେଶ ବାହାରକୁ ନ ଯାଇ ମଧ୍ୟ ଦେଶରେ କିଛି ବ୍ୟକ୍ତି ଓମିକ୍ରନ୍‌ରେ ଆକ୍ରାନ୍ତ ଥିବା ଚିହ୍ନଟ ହୋଇସାରିଲେଣି, ତେଣୁ ବିଦେଶ ଫେରନ୍ତାଙ୍କୁ ଯଥାଶୀଘ୍ର ଠାବ କରି ପରୀକ୍ଷା ନ କରାଗଲେ ତାହା ରାଜ୍ୟ ପାଇଁ ବିପଦ ଆଣିପାରେ । ଏହାସହ ଆନ୍ଧ୍ର ଓ ପଶ୍ଚିମବଙ୍ଗରେ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ରାଜ୍ୟର ସୀମାବର୍ତ୍ତୀ ଜିଲ୍ଲାମାନଙ୍କ ପାଇଁ ବିପଦ ଘନେଇବାରେ ଲାଗିଛି । ଅପରପକ୍ଷରେ ଦୀପ ତଳ ଅନ୍ଧାର ଭଳି ବିଏମ୍‌ସିକୁ ଆସିଥିବା ବ୍ୟକ୍ତିମାନଙ୍କ ସଂପର୍କରେ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ । ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ରାଜଧାନୀକୁ ଫେରିଥିବା ଲୋକମାନଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ସୂଚନା ନାହିଁ । ଯଦିଓ ବିମାନ ବନ୍ଦରରେ ଲୋକମାନଙ୍କ କୋଭିଡ ପରୀକ୍ଷା କରାଯାଉଛି, ମାତ୍ର ଅଷ୍ଟମ ଦିନ ପରୀକ୍ଷା ପାଇଁ ସେମାନଙ୍କୁ ଠାବ କରିବା ଜରୁରୀ ହୋଇପଡୁଛି । ଏ ପର୍ଯ୍ୟନ୍ତ କେତେଜଣ ଫେରନ୍ତାଙ୍କୁ ଠାବ କରାଗଲାଣି ତାହା ସଂପର୍କରେ ବିଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ କୌଣସି ସୂଚନା ଦିଆଯାଇନାହିଁ । ତେଣୁ ଆସନ୍ତାକାଲି ବିଏମ୍‌ସିର ଅଧିକାରୀମାନଙ୍କ ସହିତ ଏସଂପର୍କରେ ଆଲୋଚନା କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି ।

# ପୁସ୍ତକ 'ପାଣ୍ଡବ କୁଳଚନ୍ଦ୍ରମା' ଓ 'ଅମ୍ଳାନଦୀପ୍ତି' ଉନ୍ମୋଚିତ

ଭୁବନେଶ୍ୱର,୧୭/୧୨ (ନି.ପ୍ର): ମହାଭାରତରେ ପରୀକ୍ଷିତ ଚରିତ୍ରକୁ ନେଇ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡଃ ବ୍ରଜବନ୍ଧୁ ପଣ୍ଡାଙ୍କ ଲିଖିତ ପୁସ୍ତକ 'ପାଣ୍ଡବ କୁଳଚନ୍ଦ୍ରମା' ଓ ଓଡ଼ିଶାର କବିମାନଙ୍କ ଜୀବନୀ ଆଧାରିତ ପୁସ୍ତକ 'ଅମ୍ଳାନଦୀପ୍ତି'ର ଶୁଭ ଲୋକାର୍ପଣ ଉତ୍ସବ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ବୁଦ୍ଧମନ୍ଦିର ସଭାଗୃହରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।

ଆର୍ଯ୍ୟସମାଜ, ଓଡ଼ିଶାର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସାହିତ୍ୟ ସଭାରେ ପୁସ୍ତକକୁ ଲୋକାର୍ପଣ କରି ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ଡଃ ହୃଷିକେଶ ମଲ୍ଲିକ କହିଲେ ଯେ, ଡଃ ବ୍ରଜବନ୍ଧୁ ପଣ୍ଡା ଶିକ୍ଷା ବିଭାଗରୁ ଅବସର ନେବା ପରେ, ଓଡ଼ିଶା ବାଣୀଭଣ୍ଡାରକୁ ଯେଉଁ ଅମୂଲ୍ୟ ସମ୍ପଦ ଦାନ କରିଛନ୍ତି, ସେ ପ୍ରଶଂସାର ପାତ୍ର । ଓଡ଼ିଆ ସାହିତ୍ୟକୁ ଖଣ୍ଡପଡ଼ାର ଦାନ ଅତୁଳନୀୟ । ସେଥିରେ ଡଃ ପଣ୍ଡାଙ୍କ ସୁନ୍ଦର ଛାନ୍ଦରେ ଲିଖିତ 'ପାଣ୍ଡବ କୁଳଚନ୍ଦ୍ରମା' ଏକ କାଳଜୟୀ ଗ୍ରନ୍ଥ । ମହାଭାରତର ମୂଲ୍ୟବୋଧ ଉପରେ ଭାରତୀୟ ସଂସ୍କୃତି ତିଷ୍ଠି ରହିଛି । ପୁସ୍ତକ ଉପରେ ନିଜସ୍ୱ ମତ ରଖି ପୂର୍ବତନ ଆଇଜି ଅରୁଣ କୁମାର ଉପାଧ୍ୟାୟ କହିଲେ ଯେ, କବିସମ୍ରାଟଙ୍କ ସମୟରେ ଓଡ଼ିଶାର ଗଜପତି କିଏ ଥିଲେ, ଓଡ଼ିଆଜାତି ତାକୁ ମନେ ରଖିନାହିଁ । କିନ୍ତୁ ବୈଦେହିସ ବିଳାସ ପାଇଁ ଉପେନ୍ଦ୍ର ଭଞ୍ଜ ଚିରକାଳ ବଂଚି ରହିବେ । ଅନ୍ୟତମ ଅତିଥି ଶ୍ରୀ ଜଗନ୍ନାଥ ଗବେଷକ ଡଃ ଅସୀତ ମହାନ୍ତି କହିଲେ ଯେ, ଡଃ ପଣ୍ଡା ଜଣେ ଆଦର୍ଶ ଶିକ୍ଷକ ଭାବେ ପ୍ରତିଷ୍ଠିତ । କିନ୍ତୁ ତାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରିବାରେ ମୁଁ ଅତ୍ୟନ୍ତ ଆନନ୍ଦିତ । 'ପାଣ୍ଡବ କୁଳଚନ୍ଦ୍ରମା', ଓଡ଼ିଆ ଭାଷା ସାହିତ୍ୟକୁ ବଞ୍ଚାଇ ରଖିଥିବା ପାଲାକାରମାନଙ୍କ ଦ୍ୱାରା ବିଶେଷ ଆଦୃତ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁବାର୍ତ୍ତାର ସମ୍ପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ରୀତି ଯୁଗୀୟ ଛାନ୍ଦକୁ ଯେତେବେଳେ ଓଡ଼ିଆ କବି, ଲେଖକମାନେ ଭୁଲି ଯାଉଛନ୍ତି, ସେତିକିବେଳେ ଡଃ ପଣ୍ଡାଙ୍କ ଛାନ୍ଦବଦ୍ଧ ଲେଖା ଅତ୍ୟନ୍ତ ଉଚ୍ଚକୋଟୀର ହୋଇଛି ।

# ଖରିଫ୍ ଧାନ ସଂଗ୍ରହରେ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ ହେବେ

ଭୁବନେଶ୍ୱର,୧୭/୧୨ (ନି.ପ୍ର): ଯେଉଁସବୁ ସ୍ଥାନରେ ପ୍ୟାକ୍ସ/ଲ୍ୟାମ୍ପସ୍ ର ସଂପାଦକମାନେ ଧର୍ମଘଟ କରିଛନ୍ତି, ସେଠାରେ ଚଳିତ ଖରିଫ୍ ଧାନସଂଗ୍ରହ କାର୍ଯ୍ୟ ଯେପରି ବ୍ୟାହତ ନହୁଏ, ସେଥିନିମନ୍ତେ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଧାନସଂଗ୍ରହ କାର୍ଯ୍ୟରେ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯାଇ ଧାନସଂଗ୍ରହ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ବିଭାଗ ପକ୍ଷରୁ ପତ୍ର ଲେଖାଯାଇଛି । ଚାଷୀମାନଙ୍କଠାରୁ ଧାନସଂଗ୍ରହ କାର୍ଯ୍ୟ ଏକ ସମୟଭିତିକ କାର୍ଯ୍ୟକ୍ରମ ହୋଇଥିବାରୁ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରି ଧାନସଂଗ୍ରହ କାର୍ଯ୍ୟରେ ନିୟୋଜନ ନିମନ୍ତେ ନୂତନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ଆବଶ୍ୟକ ସ୍ଥଳେ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ/ଯୋଗାଣ ସହାୟକମାନଙ୍କୁ ମଧ୍ୟ ଧାନସଂଗ୍ରହ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉପରୋକ୍ତ ନୂତନ ତାଲିକା ପ୍ରସ୍ତୁତ କରି ତୁରନ୍ତ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ପ୍ରେରଣ କଲେ ସେମାନଙ୍କ ନାମରେ ୟୁଜର ଆଇଡି ଓ ପାସ୍‌ୱାର୍ଡ ପ୍ରସ୍ତୁତ କରାଯାଇ ସେମାନଙ୍କୁ ଧାନସଂଗ୍ରହ କାର୍ଯ୍ୟ ସଂପର୍କରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି । ଏଥି ସହିତ ଯେଉଁସବୁ ସ୍ଥାନରେ ଧାନସଂଗ୍ରହ କାର୍ଯ୍ୟ ବ୍ୟାହତ ହେବାର ଆଶଙ୍କା ରହିଛି, ସେହିସବୁ ସ୍ଥାନରେ ଯାଂଚ ହୋଇଥିବା ସମସ୍ତ ପଂଜୀକୃତ ଚାଷୀ ଯେପରି ସହଜରେ ଓ ସୁବିଧାରେ ମଣ୍ଡିରେ ଧାନ ବିକ୍ରି କରିପାରିବେ, ସେଥି ନିମନ୍ତେ ମୁଖ୍ୟ ଯୋଗାଣ ଅଧିକାରୀ, ଯୋଗାଣ ଅଧିକାରୀ, ଡିଆରସିଏସ୍, ଏଆରସିଏସ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ନିୟନ୍ତ୍ରିତ ବଜାର କମିଟିର ସଂପାଦକ ମାନଙ୍କର ଜିଲ୍ଲାସ୍ତରରେ ତୁରନ୍ତ ବୈଠକ କରି ଧାନସଂଗ୍ରହ ନିମନ୍ତେ ଗ୍ରହଣ କରାଯାଇଥିବା ବିକଳ୍ପ ବ୍ୟବସ୍ଥାର ଅନୁପାଳନ ସଂପର୍କରେ ବିଭାଗକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଗିରିଙ୍ଗାପୁଟ ଛକରେ ମର୍ମନ୍ତୁଦ ଦୁର୍ଘଟଣା : ୨ ବାଇକ୍ ଧକ୍କାରେ ୨ ମୃତ

ଭୁବନେଶ୍ୱର ,୧୭/୧୨ (ନି.ପ୍ର): ଗୁରୁବାର ଅପରାହ୍ଣ ପ୍ରାୟ ୩ଟା ବେଳେ ଚନ୍ଦକା-ପିତାପଲ୍ଲୀ ରାସ୍ତାରେ ଗିରିଙ୍ଗାପୁଟ ଛକରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି । ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଓ ପରେ ଭୁବନେଶ୍ୱର ଏମ୍‌ସରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକମାନେ ହେଲେ ଖୋର୍ଦ୍ଧା ଗୁରୁଜଙ୍ଗର ଅଭିପ୍ରାୟ ସାମନ୍ତରାୟ(୨୨) ଓ ଚନ୍ଦକା ଥାନା ଗିରିଙ୍ଗାପୁଟର ପ୍ରତାପ ମହାପାତ୍ର(୨୬) । ଏହି ଦୁର୍ଘଟଣାରେ ଗୁରୁଜଙ୍ଗର କାଳିଆ ପଟ୍ଟନାୟକ ଓ ଅନ୍ୟ ଜଣେ ଗୁରୁତର ହୋଇ ଏମ୍‌ସରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ଚନ୍ଦକା ଥାନା ପୁଲିସ ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି । ଖବର ଅନୁଯାୟୀ, ଗୁରୁବାର ଅପରାହ୍ନରେ ଅଭିପ୍ରାୟ ଓ ତାଙ୍କର ୨ ସାଙ୍ଗଙ୍କ ସହ ପଲସର୍ ବାଇକ୍ ଯୋଗେ ଚନ୍ଦକାରୁ ପିତାପଲ୍ଲୀ ଅଭିମୁଖେ ଯାଉଥିଲେ । ସେହିଭଳି ଗିରିଙ୍ଗାପୁଟ ଗାଁର ପ୍ରତାପ ମଧ୍ୟ ସମାନ ଦିଗରେ ବାଇକ୍ ଯୋଗେ ଯାଉଥିଲେ । ଗିରିଙ୍ଗାପୁଟ ଡାକ ପୋଖରୀ ନିକଟରେ ଦ୍ରୁତବେଗରେ ଯାଉଥିବା ଅଭିପ୍ରାୟଙ୍କ ବାଇକ୍ ପ୍ରତାପଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଦୁଇଟି ଯାକ ବାଇକ୍ ପ୍ରାୟ ୧୦ ମିଟର ପର୍ଯ୍ୟନ୍ତ ରାସ୍ତାରେ ଘୁଷୁଡ଼ି ଯାଇଥିଲା । ଘଟଣାସ୍ଥଳରେ ପ୍ରତାପଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ଅଭିପ୍ରାୟ ଓ କାଳିଆ ମୁମୂର୍ଷୁ ଅବସ୍ଥାରେ ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଥିଲେ । ପ୍ରତ୍ୟକ୍ଷଦର୍ଶୀମାନଙ୍କ କହିବା କଥା ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା । ତେବେ ଚନ୍ଦକା ଥାନା ପୁଲିସ ସେମାନଙ୍କୁ ବଞ୍ଚିଥିବା ଭାବି ତୁରନ୍ତ ଭୁବନେଶ୍ୱର ଏମ୍‌ସକୁ ପଠାଇଥିଲା । ମାତ୍ର ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ । ସୂଚନାନୁସାରେ ମୃତ ଅଭିପ୍ରାୟ ଜଣେ ପେସାଦାର ବ୍ରାଉନ୍‌ସୁଗାର ବେପାରୀ । ପୂର୍ବରୁ ସେ ଧଳାଜହର କାରବାର ଅଭିଯୋଗରେ ଗିରଫ ହୋଇଥିଲା । ତେଣୁ ଆଜି ସେ ଚନ୍ଦକା ଅଞ୍ଚଳରେ ନିଶା କାରବାର କରି ଦ୍ରୁତବେଗରେ ଫେରୁଥିବା ବେଳେ ଏହି ଅଘଟଣ ଘଟାଇଛି ବୋଲି ଅଭିଯୋଗ ହେଉଛି ।

# ସରକାରୀ କର୍ମଚାରୀଙ୍କ ଆକାଉଣ୍ଟରୁ ୧୦ ଲକ୍ଷ ଗାଏବ

ଭୁବନେଶ୍ୱର ,୧୭/୧୨ (ନି.ପ୍ର): ଭୁବନେଶ୍ୱର ଟ୍ରେଜେରି ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ଜଣେ ସରକାରୀ କର୍ମଚାରୀଙ୍କର ୧୦ ଲକ୍ଷ ଟଙ୍କା ଗାଏବ ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି । ନା କୌଣସି ମେସେଜ୍ ନା କୌଣସି ସୂଚନା । କିନ୍ତୁ ଆକାଉଣ୍ଟରୁ ଗାଏବ ହୋଇଗଲା ୧୦ ଲକ୍ଷ ୧୦ ହଜାର ଟଙ୍କା । ଠକେଇର ଶିକାର ଅନୁଜ ତ୍ରିପାଠୀ ଏ ନେଇ କ୍ରାଇମବ୍ରାଞ୍ଚ ସାଇବର ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଛି । ଏହା ପଛରେ ବ୍ୟାଙ୍କର କୌଣସି କର୍ମଚାରୀଙ୍କର ହାତ ଥିବା ସନ୍ଦେହ କରାଯାଉଛି । ତଦନ୍ତ ପରେ ହିଁ ସବୁ କିଛି ସ୍ପଷ୍ଟ ହେବ ।

ମିଳିଥିବା ସୂଚନା ଅନୁସାରେ, ଅନୁଜଙ୍କର ଟ୍ରେଜେରି ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଥିବା ଏହି ଆକାଉଣ୍ଟକୁ ଦରମା ଆସେ । ୨୦୧୯ ମାର୍ଚ୍ଚ ୧୫ରେ ସନ୍ଦେହଜନକ ଭାବେ ତାଙ୍କ ଡେବିଟ୍ କାର୍ଡରୁ ୨ ହଜାର ଟଙ୍କା କାରବାର ନେଇ ମେସେଜ୍ ଆସିଥିଲା । ସେ ଏହା ଜାଣିବା ପରେ ୧୬ ତାରିଖରେ ବ୍ୟାଙ୍କ ଶାଖାକୁ ଯିବା ସହ ଡେବିଟ୍ କାର୍ଡକୁ ବ୍ଲକ୍ କରି ଦେଇଥିଲେ । ଯାଞ୍ଚ ପରେ ବ୍ୟାଙ୍କ ପକ୍ଷରୁ ପୁଣି ଏପ୍ରିଲରେ କାର୍ଡ ଚାଲୁ ହୋଇଥିଲା । କିନ୍ତୁ ୩୦ରୁ ଅଧିକ କାରବାରରେ ୧୦ ଲକ୍ଷ ୧୦ ହଜାର ଟଙ୍କା ଆକାଉଣ୍ଟରୁ ଗାଏବ ହୋଇ ଯାଇଛି । ଡେବିଟ୍ କାର୍ଡ ଓ ପେ-ଟିଏମ୍ ଜରିଆରେ ଏହି ସବୁ ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି । ଠକେଇ ସଂକ୍ରାନ୍ତରେ ଅନୁଜ ବ୍ୟାଙ୍କ କର୍ତ୍ତୃପକ୍ଷ, ଆରବିଆଇ ଅମ୍ବୁଡସମ୍ୟାନଙ୍କ ନିକଟରେ ପୂର୍ବରୁ ଅଭିଯୋଗ କରି ସାରିଛନ୍ତି । ସାଇବର ପୁଲିସର ତଦନ୍ତ ପରେ ପୂରା ଘଟଣାର ପର୍ଦ୍ଦାଫାସ୍ ହେବ ବୋଲି କୁହାଯାଉଛି ।

# ସୈନିକ ସ୍କୁଲକୁ ୧୦୦ବାଇସାଇକେଲ ପ୍ରଦାନ କଲା ୟୁନିୟନ ବ୍ୟାଙ୍କ୍

ଭୁବନେଶ୍ୱର,୧୭/୧୨ (ନି.ପ୍ର): ଚନ୍ଦ୍ରଶେଖରପୁର ଶାଖା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ , ସଂପ୍ରତି ସୈନିକସ୍କୁଲ ଭୁବନେଶ୍ୱରକୁ ଏହାର ସି.ଏସ.ଆର . ଯୋଜନାରେ କ୍ୟାଡେଟ୍ ମାନଙ୍କର କ୍ରୀଡା କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ୧୦୦ଟି ବାଇସାଇକେଲ ପ୍ରଦାନ କରିଛି । ପ୍ୟାରେଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ୟୁନିୟନ ବ୍ୟାଙ୍କର ଆଂଚଳିକ ମୁଖ୍ୟ ଶୁଭମ୍ ସେନ ଗୁପ୍ତା , ଚନ୍ଦ୍ରଶେଖରପୁର ଶାଖା ପରିଚାଳକ ପି.ଚୌଧୁରୀ , ସୈନିକସ୍କୁଲ ପ୍ରଶାସନିକ ଅଧିକାରୀ କମାଣ୍ଡର ପ୍ରୀତିକା ଶର୍ମା ,ଉପାଧ୍ୟକ୍ଷା କମାଣ୍ଡର ଉଷା ସାଙ୍ଗଓାନ , ବରିଷ୍ଠ ଅଧ୍ୟାପକ ବି. ପ୍ରଧାନ ,ସାଇକେଲ ହବି ମାଷ୍ଟର ଇନ୍ ଚାର୍ଜ ଶିକ୍ଷକ ଏସ.କେ.ମିଶ୍ର , ଇଉନିୟନ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ , ସୈନିକସ୍କୁଲର କର୍ମଚାରୀ ଓ କ୍ୟାଡେଟ୍ ମାନଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍. ଡୋମିନିକ ରାୟନଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୦ଟି ସାଇକେଲ ପ୍ରଦାନ କରିଛନ୍ତି । କ୍ୟାଡେଟ ମାନଙ୍କର ସ୍ପୋର୍ଟସ୍ କାର୍ଯ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ସୈନିକସ୍କୁଲରେ ସାଇକେଲ ହବି କ୍ଲବ ସ୍ଥାପନ କରାଯାଇଛି ବୋଲି ଅଧ୍ୟକ୍ଷ ଗ୍ରୁପକ୍ୟାପ୍ଟେନ ରାୟନ କହିଛନ୍ତି । ଏହାଦ୍ୱାରା କ୍ୟାଡେଟମାନେ ସାଇକେଲ ଅଭିଯାତ୍ରାରେ ସାମିଲ ହୋଇପାରୁଛନ୍ତି ।

# ନିରପେକ୍ଷ ଭାବେ ଆବାସ ଯୋଜନାରେ ଘର ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେପି ସାଂସଦ

ଭୁବନେଶ୍ୱର,୧୭/୧୨ (ନି.ପ୍ର): କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସାଂସଦର ପ୍ରତିନିଧି ମଣ୍ଡଳି ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ ପଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ରାଜ୍ୟ ସରକାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍ଷପାତିତା ନକରି ଯୋଗ୍ୟ ହିତାଧିକାରୀ ଚୟନ କରି ବାସଗୃହ ବଂଟନ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବୀ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ସାଂସଦ ପ୍ରତାପ ଷଡଙ୍ଗୀ, ସୁରେଶ ପୂଜାରୀ, ନୀତିଶ ଗଙ୍ଗଦେବ, ସଙ୍ଗୀତା ସିଂହଦେଓ ଏବଂ ଅପରାଜିତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

ସାଂସଦମାନେ ଦାବୀ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଏବଂ ରାଜ୍ୟ ସରକାରଙ୍କ ପକ୍କା ଘର ଯୋଜନାର ହିତାଧିକାରୀଙ୍କ ଡୁପ୍ଲିକେସନ ନ ହେବା ଦିଗରେ ବ୍ୟାପକ ବ୍ୟବସ୍ଥା ପ୍ରସ୍ତୁତ ହେଉ । ଯୋଜନାର ସ୍ୱଷ୍ଟ ସୀମାରେଖା ପ୍ରସ୍ତୁତ କରାଯାଉ । ଯାହା ଦ୍ୱାରା ସମ୍ମିଶ୍ରଣ ନାଁରେ କେନ୍ଦ୍ରୀୟ ଯୋଜନାକୁ ନିଜ ଯୋଜନା ନାଁରେ ହଡପ୍ କରିବାର କୌଣସି ସୁଯୋଗ ରହିବ ନାହିଁ । ଏହାବ୍ୟତିତ ଭାରତ ସରକାର ୨୦୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ସମ୍ପ୍ରସାରଣ କରିଥିବା ବେଳେ ଓଡିଶାରେ ଥିବା ଯୋଗ୍ୟ ପରିବାରଙ୍କୁ ସ୍ୱଚ୍ଛତାର ସହ ଆବାସ ପ୍ରଦାନ କରିବା ପାଇଁ ସାଂସଦମାନେ ଦାବୀ କରିଛନ୍ତି । ଦାବୀ ପତ୍ରରେ ଉଲ୍ଲେଖ ରହିଛି ଯେ, ସମସ୍ତଙ୍କୁ ପକ୍କା ଘର ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନା କରାଯାଇଛି । ନିକଟରେ ଭାରତ ସରକାର କେନ୍ଦ୍ରୀୟ ଅଂଶ ବଜେଟ୍ ଅନୁଦାନ ୧.୨୫ ଲକ୍ଷ କୋଟି ସହ ୨୦୨୪ ପର୍ଯ୍ୟନ୍ତ ଏହି ଯୋଜନାର ସମ୍ପ୍ରସାରଣ କରିଛନ୍ତି । ଏହାବ୍ୟତିତ ଏସଇସିସି ତାଲିକାରେ ଥିବା ପାଖାପାଖି ୯୩ ଲକ୍ଷ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ ପଂଚାୟତିରାଜ ମନ୍ତ୍ରଣାଳୟ ୨୦୨୧ ନଭେମ୍ବର ସୁଦ୍ଧା ଦେଶରେ ୧.୬୫ କୋଟି ଘର ନିର୍ମାଣ କରାଯାଇଛି ଏବଂ ଏହା ଦେଶର କୋଟି କୋଟି ପରିବାରକୁ ସମ୍ମାନ ଦେଇଛି । ସେହିପରି ଓଡ଼ିଶାରେ ମଧ୍ୟ ପ୍ରାୟ ୨୭ ଲକ୍ଷ ହିତାଧିକାରୀ ଏହି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଉପକୃତ ହୋଇଛନ୍ତି ।

ଭାରତ ସରକାରଙ୍କ ସମସ୍ତ ପ୍ରକାର ଉଦ୍ୟମ ଏବଂ ନିରନ୍ତର ସହଯୋଗ ସତ୍ତ୍ୱେ ସର୍ଭେ କାର୍ଯ୍ୟକୁ ସାରିବା, ଗୃହକୁ ଜିଓ ଟ୍ୟାଗିଂ କରିବା, ଯୋଗ୍ୟ ହିତାଧିକାରୀଙ୍କ ଆଧାରକାର୍ଡ଼ ଓ ଜବ୍ କାର୍ଡକୁ ସଂଯୋଗୀକରଣ କରିବା କାର୍ଯ୍ୟକୁ ୬ ଥର ସମୟ ବୃଦ୍ଧି କରାଯାଇଥିଲେ ମଧ୍ୟ ଓଡ଼ିଶା ସରକାର ନିଜ ଦାୟିତ୍ୱକୁ ପୂରଣ କରିବାରେ ବିଫଳ ହୋଇଛନ୍ତି ଏବଂ ଏବେ ପାଖାପାଖି ୭ ଲକ୍ଷ ପରିବାର ସର୍ଭେରୁ ବାଦ୍ ପଡ଼ିଥିବାର କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ।

ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି ଯେ ଯୋଗ୍ୟ ହିତାଧିକାରୀଙ୍କୁ ପରମାନେଟ୍ ୱେଟିଂ ଲିଷ୍ଟରୁ ବାଦ ଦିଆଯାଇଛି ଏବଂ ପକ୍କା ଘର ଥିବା ପରିବାର ଅର୍ଥାତ୍ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ଘର ଯୋଗାଇ ଦିଆଯାଇଛି । ଏହା ମଧ୍ୟ ଜଣାପଡ଼ିଥିଲା ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ପାଇଁ ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ୍ ନମ୍ବରକୁ ପରିବର୍ତ୍ତନ କରାଯାଇଛି । ଫଳସ୍ୱରୂପ ପ୍ରକୃତ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଆର୍ଥିକ ଅନୁଦାନ ପାଇବାରୁ ବଂଚିତ ହୋଇଛନ୍ତି ।

ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାର ହିତାଧିକାରୀଙ୍କୁ ଜିଓ ଟ୍ୟାଗିଂ ହୋଇନଥିବା କିମ୍ବା ଆବାସ ପ୍ଲସ ସଫ୍ଟ ଓୟାରରେ ଆଧାର ଓ ଜବ୍ କାର୍ଡ଼ ଲିଙ୍କ୍ ହୋଇନଥିବା କାରଣରୁ ପରମାନେଟ୍ ୱେଟିଂ ଲିଷ୍ଟରେ ଥାଇ ମଧ୍ୟ ଆବାସ ମିଳିପାରିନାହିଁ । ଏହାବ୍ୟତିତ କିଛି ଯୋଗ୍ୟ ହିତାଧିକାରୀ ମଧ୍ୟ ଆବାସ ପ୍ଲାଟଫର୍ମରୁ ବଂଚିତ ହୋଇଛନ୍ତି ବୋଲି ଦାବୀ ପତ୍ରରେ ଉଲ୍ଲେଖ କରିଛି ।

## ବିକଶିତରାଷ୍ଟ୍ରଙ୍କ ଔପନିବେଶିକ ମାନସିକତା...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବିକାଶଶୀଳ ରାଷ୍ଟ୍ରଗୁଡିକ ଟୀକାଯୋଗାଣ ମାମଲାରେ ନିଜ ଦେଶର କମ୍ପାନୀଗୁଡିକର ଟୀକାର ବିକ୍ରି ପାଇଁ ଗରିବ ଦେଶଗୁଡିକୁ ଶସ୍ତାରେ ଟୀକା ଦେବାକୁ ପ୍ରସ୍ତୁତ ନଥିବାକୁ ଏବେ ଓମିକ୍ରନ ପରି ନୂଆ ଭୂତାଣୁ ଆଫ୍ରିକା ମହାଦେଶରୁ ସୃଷ୍ଟି ହୋଇଛି । ଆଫ୍ରିକାର ଅନେକ ଦେଶରେ ଏପର୍ଯ୍ୟନ୍ତ ଟୀକାକରଣ କାର୍ଯ୍ୟ ଟୀକାର ଅଭାବ ଯୋଗୁ ଆଗେଇ ପାରିନାହିଁ । ଟୀକା ଉତ୍ପାଦନ ବୃଦ୍ଧି ପାଇଁ ବୌଦ୍ଧିକ ସଂପଦ ନୀତିକୁ କିଛିଦିନ ପାଇଁ କୋହଳ କରାଯାଇ ଟୀକା ଉତ୍ପାଦନ ଅନୁମତି ପ୍ରଦାନ କରାଗଲେ ଉତ୍ପାଦନ ବହୁ ଗୁଣରେ ବଢିଯାଇପାରିବ, ଯାହାକି ପୃଥିବୀର ଲୋକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେବ ଅଥଚ ବିକଶିତ ରାଷ୍ଟ୍ରଗୁଡିକ ଟୀକା କ୍ଷେତ୍ରରେ କୌଣସି ପ୍ରକାର କୋହଳ ନୀତିକୁ ଗ୍ରହଣ କରିବାକୁ ଆଦୌ ରାଜିନାହାନ୍ତି । ତେଣୁ ଅତୀତ ଦିନମାନଙ୍କରେ ଉପନିବେଶଗୁଡିକରେ ଶାସକ ରାଷ୍ଟ୍ରଗୁଡିକ ଯେପରି ଶୋଷଣ କରୁଥିଲେ ଆଜି ମଧ୍ୟ ସମାନ ମାନସିକତା ନେଇ କାର୍ଯ୍ୟକରୁଛନ୍ତି । ଗରିବ ଦେଶଗୁଡିକର ଜନତାଙ୍କ ମୃତ୍ୟୁ ସେମାନଙ୍କ ବ୍ୟବସାୟ ନିକଟରେ ତୁଚ୍ଛ ବୋଲି ବିବେଚନା କରୁଛନ୍ତି । କୋରୋନାରେ ନଭେମ୍ବର ୩୦ ସୁଦ୍ଧା ପୃଥିବୀରେ ୫୨,୩୩,୩୩୬ ଲୋକଙ୍କ ମୃତ୍ୟୁ ହୋଇ ସାରିଲାଣି । ଯଦି ବିଶ୍ୱବ୍ୟାପି ଏକକାଳୀନ ଟୀକାକରଣ ନହୁଏ ତେବେ ନୂଆ ନୂଆ ପ୍ରଜାତିର ଭୂତାଣୁ ଜନ୍ମ ନେବା ସମ୍ଭବ । ବିଶ୍ୱବାସୀଙ୍କ ଜୀବନର ସୁରକ୍ଷା ପାଇଁ ଧନୀ ଦେଶଗୁଡିକ ନିଜର ଭୂମିକା ନିର୍ବାହ କରିବା ଦରକାର । ନିଜ ଦେଶର ଲୋକଙ୍କୁ ଟୀକା ଦେଇ କାର୍ଯ୍ୟ ସରିଗଲା ବୋଲି ଯଦି ସେମାନେ ବିଚ୍ଚର କରୁଥାନ୍ତି ତେବେ ତାହା ସେମାନଙ୍କର ଭୁଲ ବୋଲି କହିବାକୁ ହେବ । ଦୋହରା ମାନସିକତା ଆଦୌ ଗ୍ରହଣୀୟ ନୁହେଁ । ତେଣୁ ବିକଶିତ ରାଷ୍ଟ୍ରଗୁଡିକ ନିଜ ନିଜର ଔପନିବେଶିକ ମାନସିକତା ତ୍ୟାଗକରି ସମସ୍ତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିବା ଦରକାର । ସେମାନେ କାହାକୁ ଛୋଟ ବୋଲି ବିଚ୍ଚର ନକରିବା ଉଚିତ୍ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ବ୍ୟାଙ୍କ ଘରୋଇକରଣ ବନାମ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଗତ ଅଗଷ୍ଟରେ ସରକାର ଜମାକାରୀଙ୍କ ବୀମା ଆଇନରେ ସଂଶୋଧନ କରିବା ପରେ କ୍ଷତିପୂରଣ ହିସାବରେ ବ୍ୟାଙ୍କ ଗ୍ରାହକଙ୍କୁ ମୋଟ ୧୩୦୦ କୋଟି ଟଙ୍କା ପ୍ରଦାନ କରିଥିବା ମୋଦୀ କହିଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ପିଏମସି, ହଁ ବ୍ୟାଙ୍କ ଏବଂ ଲକ୍ଷ୍ମୀବିଲାସ ବ୍ୟାଙ୍କ ବୁଡ଼ି ଯାଇଛି । ଏହି ବ୍ୟାଙ୍କଗୁଡ଼ିକର କେବଳ ଏକ ଲକ୍ଷ ଗ୍ରାହକ ଏବେବି ସରକାରଙ୍କଠାରୁ ଟଙ୍କା ଫେରସ୍ତ କରୁଛନ୍ତି । କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ସୂତ୍ର ଅନୁଯାୟୀ ନିକଟ ଭବିଷ୍ୟତରେ ତିନି ଲକ୍ଷ ଅଧିକ ଗ୍ରାହକଙ୍କୁ କ୍ଷତିପୂରଣ ଦିଆଯିବ । ଯେତେବେଳେ ଏହି ସଂଖ୍ୟା କୋଟି ସ୍ତରରେ ପହଞ୍ଚିବ, ସରକାରଙ୍କୁ କିଏ ବିପୁଳ ପରିମାଣର ଅର୍ଥ ପ୍ରଦାନ କରିବ ? ଯେତେବେଳେ ଇନ୍ଦିରା ଗାନ୍ଧୀ ବ୍ୟାଙ୍କକୁ ଜାତୀୟକରଣ କରିଥିଲେ, ସେତେବେଳେ ସେ ଆର୍ଥିକ ବିକାଶ ଏବଂ ବିକେନ୍ଦ୍ରୀକରଣ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ । ବ୍ୟାଙ୍କଗୁଡିକର ଜାତୀୟକରଣ ପରେ ଦେଶରେ ସୃଷ୍ଟି ହୋଇଥିବା କୋଟି କୋଟି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଉପରେ ପ୍ରଶ୍ନ କରିବା ନିରର୍ଥକ ଅଟେ । ବ୍ୟାଙ୍କଗୁଡିକର ଜାତୀୟକରଣ ପୂର୍ବରୁ ଦେଶରେ ବ୍ୟାଙ୍କ ଶାଖା ସଂଖ୍ୟା ଆଠ ହଜାରରୁ ଅଧିକ ଥିଲା । ଜାତୀୟକରଣର କିଛି ସମୟ ପରେ ବ୍ୟାଙ୍କର ଏହି ଶାଖାଗୁଡ଼ିକର ସଂଖ୍ୟା ଦେଢ ଲକ୍ଷ ଅତିକ୍ରମ କରିଛି । ଏହି ୧.୫ ଲକ୍ଷ ଶାଖାର ୩୧% ଗ୍ରାମାଞ୍ଚଳରେ ଅଛି । ଜାତୀୟକରଣ ପୂର୍ବରୁ ଗ୍ରାମାଞ୍ଚଳରେ କୌଣସି ବ୍ୟାଙ୍କ ଶାଖା ନଥିଲା ବୋଲି ଏହା କହିହେବ ନାହିଁ । ଯଦି ଆମେ ଜାତୀୟକରଣର ବିପରୀତ ପଥରେ ଚାଲିବା ତେବେ ପୂର୍ବ ପରିସ୍ଥିତି ଫେରି ଆସିବ ବୋଲି କହିବା ଭୁଲ୍ ହେବ ନାହିଁ । ଗାଁରେ ଏକ ଘରୋଇ ବ୍ୟାଙ୍କର କେତେ ଶାଖା ଅଛି ?

ଏବେ ଘରୋଇକରଣ ବିରୋଧରେ ଏକ ଆନ୍ଦୋଳନ ପାଇଁ ବ୍ୟାଙ୍କ କର୍ମଚାରୀମାନେ ଆହ୍ୱାନ ଦେଇଛନ୍ତି । ସେମାନେ କହିଛନ୍ତି ଯେ ସମ୍ପ୍ରତି କୃଷକ ଆନ୍ଦୋଳନ ସେମାନଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରୁଛି । କୃଷକମାନେ କର୍ପୋରେଟ୍ ଲବିର ଚାପ ହରାଇ ସରକାରଙ୍କୁ କୃଷି ଆଇନ ରଦ୍ଦ କରିବାକୁ ବାଧ କରିଛନ୍ତି । ବ୍ୟାଙ୍କ ଘରୋଇକରଣ ବିରୋଧରେ ଶ୍ରମିକଙ୍କ ଆନ୍ଦୋଳନକୁ ରାଜନୈତିକ ମହଲରେ ଆଣିବା ପାଇଁ ପଦକ୍ଷେପ ନିଆଯାଇଛି । ଏହି ସମସ୍ୟାରୁ ଏନପିଏ ବାହାର କରିବାକୁ ପଡିବ କିନ୍ତୁ ଏହି ପଦକ୍ଷେପକୁ ଆଗକୁ ବଢିବାକୁ ପଡିବ । ସେଥିପାଇଁ ସାରା ଦେଶରେ ସାଧାରଣ ଲୋକଙ୍କ ଏହା ଏକ ସାମୁହିକ ପ୍ରତିକ୍ରିୟା ହୋଇପାରେ...!!!

- ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫

## ଇଡଦା ଗୋଲକ ନାରାୟଣ ହାଇସ୍କୁଲରେ ଶ୍ରଦ୍ଧାଞ୍ଜଳି ସଭା




ବସ୍ତା, ୧୭।୧୨(ନିପ୍ର): ସିଂଲା ଥାନା ଅନ୍ତର୍ଗତ ଇଡଦା ଗୋଲକ ନାରାୟଣ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ଗତ ତା ୦୮।୧୨।୨୧ରେ ଦେହାନ୍ତ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍କୁଲର ପ୍ରଧାନ ଶିକ୍ଷକ ଚୈତନ୍ୟ ପ୍ରସାଦ ସାହୁଙ୍କ ପୌରହିତ୍ୟରେ ଆଜି ଅନୁଷ୍ଠିତ ହୋଇଯାଇଛି ।ପ୍ରଥମର ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ୯ଜଣ ଶିକ୍ଷକ ଓ ୩୩ଜଣ ଛାତ୍ରଙ୍କ ବିୟୋଗରେ ସେମାନଙ୍କର ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।ସ୍କୁଲର ସଂସ୍କୃତ ଶିକ୍ଷକ ଚନ୍ଦନ କୁମାର ତ୍ରିପାଠୀ ବେଦ ପାଠ କରିବା ପରେ ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଶଚିନ୍ଦ୍ର ଦାସ, ଧୀରେନ୍ଦ୍ର ନାରାୟଣ ପ୍ରହରାଜ, ସୁଦାମ ଚନ୍ଦ୍ର ବାରିକ, ହରଗୋପାଳ ସିଂ ଉପସ୍ଥିତ ଥିଲେ । ତାଙ୍କର ଶିକ୍ଷକତା ସମୟ ସଂପୂର୍ଣ୍ଣ ଭାବେ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ସର୍ଗୀକୃତ ଥିଲା ବୋଲି ମତବ୍ୟକ୍ତ କରିଥିଲେ ।ସେ ଜଣେ ଛାତ୍ରବତ୍ସଳ ମେଳାପୀ ଓ ନିଷ୍ଠାବାନ ଶିକ୍ଷକ ଭାବରେ ଏ ଅଂଚଳରେ ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ଅହରହ ଚେଷ୍ଟା କରିଥିଲେ । ତାଙ୍କର ଆଦର୍ଶ ଅନୁସରଣ କରିବା ପାଇଁ ବକ୍ତାମାନେ ଆହ୍ୱାନ କରିଥିଲେ ।

## ଭାଇବୋହୂକୁ ଆକ୍ରମଣ କରିବା ଘଟଣାରେ ଦେଢ଼ଶୁର ଦଣ୍ଡିତ

ନୀଳଗିରି, ୧୭/୧୨ (ନି.ପ୍ର): ନୀଳଗିରି ଥାନା ଅଧିନସ୍ଥ ଭଉଁରିଆବାଡ଼ ପଂଚାୟତର କୁଡୁମିପାଳ ଗ୍ରାମର ଭାଇବୋହୂକୁ ନିଜର ଦେଢ଼ଶୁର ଆକ୍ରମଣି କରି ଗୁରୁତର କରିବା ଘଟଣାରେ ନୀଳଗିରିର ମାନ୍ୟବର ସହକାରୀ ଦୌରାଜଜ୍ ଶ୍ରୀମତୀ ମଧୁସ୍ମିତା ଜେନା ବିଚାର କରି ଦୋଷୀ ଦେଢ଼ଶୁର କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ବର୍ଷ ଜେଲଦଣ୍ଡ ଏବଂ ୫ହଜାର ଟଙ୍କା ଜୋରିମାନା କରିଛନ୍ତି । ସୂଚନାଥାଉକି ନୀଳଗିରି ଥାନା ଅଧୀନସ୍ଥ ଭଉଁରିଆବାଡ଼ ପଂଚାୟତ କୁଡୁମିପାଳ ଗ୍ରାମର ସୂର୍ଯ୍ୟକାନ୍ତ ସିଂର ସ୍ତ୍ରୀ କନକ ସିଂକୁ ତାଙ୍କର ଦେଢ଼ଶୁର କମଳାକାନ୍ତ ସିଂ ଏକ ବଟାଳି ଦ୍ୱାରା କନକ ସିଂ ପିଠିରେ ଆଘାତ କରି ଗୁରୁତର ଭାବେ ଆହତ କରିଥିବାରୁ କମଳାକାନ୍ତ ବିରୋଧରେ ନୀଳଗିରି ଥାନାରେ ୧୩୪/୨୦ ଏକ ମାମଲା ରୁଜୁ ହୋଇଥିଲା । ନୀଳଗିରି ପୋଲିସ କମଳାକାନ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଜେଲ ହାଜତରେ ରହି ବିଚାରଧୀନ ବନ୍ଦୀ ଭାବେ ବିଚାରର ସମ୍ମୁଖୀନ ହୋଇଥିଲା ।

## ରାଜ୍ୟସ୍ତରୀୟ ଜୁନିଅର କବାଡି ଚାମ୍ପିୟନସିପରେ ଅଂଶଗ୍ରହଣ କରିବ ମୟୁରଭଞ୍ଜ ଦଳ



ବାରିପଦା, ୧୭/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଆସ୍କା ଠାରେ ଅନୁଷ୍ଠିତ ହେବାକୁ ଥିବା ୪୯ ତମ ରାଜ୍ୟସ୍ତରୀୟ ଜୁନିଅର କବାଡି ଚାମ୍ପିୟନସିପରେ ପ୍ରଥମଥର ପାଇଁ ଅଂଶଗ୍ରହଣ କରିବା ପାଇଁ ୧୨ଜଣିଆ ଦଳ ଆସ୍କା ଅଭିମୁଖେ ଗସ୍ତ କରିଛି ଓ ଓଡିଶା କବାଡି ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଚାମ୍ପିୟନସିପ ଚଳିତ ମାସ ୧୭ରୁ ୧୯ ତାରିଖ ମଧ୍ୟରେ ହେବାକୁ ଥିବା ବେଳେ, ଗସ୍ତ କରିଥିବା ଖେଳାଳି ମାନେ ହେଲେ ଅଚ୍ୟୁତ ଅଭିଜୀତ ଜେନା (ଅଧିନାୟକ ), ମିହିର ରଞ୍ଜନ ବେହେରା, ଗୌତମ କୁମାର ଜେନା ( ଉପ - ଅଧିନାୟକ ), ଆୟୁଷ ଦଣ୍ଡପାଟ, ଗୀତ ଗୌରଭ ଚୌଧୁରୀ, ଅଙ୍କିତ କୁମାର ବେହେରା, ମାନସ ମହାପାତ୍ର, ପ୍ରିୟାଂଶୁ ସାହୁ, ରଘୁନାଥ ବେହେରା, ଘନଶ୍ୟାମ ପ୍ରଧାନ, ମନୋରଞ୍ଜନ ଦାଶ ଓ ବିବେକାନନ୍ଦ ବେହେରା ଓ ଏହି ଦଳ ସହିତ କୋଚ ମାନସ ରଞ୍ଜନ ବେହେରା ଓ ମ୍ୟାନେଜେର କିଶୋର ନାୟକ ମଧ୍ୟ ଯାଇଛନ୍ତି ଓ ଦଳର ଗସ୍ତ ପୂର୍ବରୁ ଆସୋସିଏସନର ଉପ ସଭାପତି, ମୟୁରଭଞ୍ଜ ଏସ. ପି. ଙ୍କ ତରଫରୁ ଡି. ଏସ. ପି. ଅମିତ କୁମାର ପଣ୍ଡା ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇବାସହ ସଫଳତା କାମନା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ବରିଷ୍ଠ ଖେଳାଳି ନନ୍ଦଲାଲ ମହାପାତ୍ର, କାଉନସିଲ ସଭ୍ୟ ଅମ୍ବିକା ରାଉତ ଓ ପ୍ରସଂଜିତ ମହାନ୍ତି ତଥା ସଭ୍ୟ ମନୋଜ କୁମାର ସାଓ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ଓ ପ୍ରଥମଥର ପାଇଁ ମୟୁରଭଞ୍ଜ ଦଳ ଅଂଶଗ୍ରହଣ କରୁଥିବାରୁ ଖେଳାଳି ମାନେ ବେଶ ଉତ୍ସାହିତ ଅଛନ୍ତି ବୋଲି ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଦାସ ଜଣାଇଛନ୍ତି ।

## ଭାରସାମ୍ୟ ହରାଇ ରାସ୍ତାରୁ ଖସିଲା ବସ୍ : ଅଳ୍ପକେ ବର୍ତ୍ତିଲେ ୭୦ ଯାତ୍ରୀ




ଜଳେଶ୍ୱର ୧୭/୧୨(ନିପ୍ର): ଆଜି ଦ୍ୱିପ୍ରହରରେ ବାଲେଶ୍ୱରରୁ ଦୀଘା ଅଭିମୁଖେ ଯାଉଥିବା ଓଆର୍୦୧ଏଚ୍୯୨୮୭ ଶ୍ରୀରାମ୍‌ଜି ବସ୍‌ଟି ଚାଲନ୍ତି ରେଳ ଲେଭେଲ କ୍ରସିଂ ନିକଟରେ ଏକ ଡମ୍ଫରକୁ ପାରିହେବାବେଳେ ଯାନ୍ତ୍ରୀକ ତ୍ରୁଟି ଘଟିବାରୁ ତଳକୁ ଖସି ଯାଇଥିଲା । କିନ୍ତୁ ବସ୍‌ଟି ଏକ ଗଛକୁ ଧକ୍କା ଦେଇ ଅଟକି ଯାଇଥିବାରୁ ସେଥିରେ ଥିବା ପ୍ରାୟ ୭୦ ଯାତ୍ରୀ ଅଳ୍ପକେ ରକ୍ଷା ପାଇଛନ୍ତି । କେତେକ ଯାନ ଦ୍ରୁତ ଗତିରେ ଗଲାବେଳେ କିମ୍ବା ଅନ୍ୟ କେତେକ ଯାନକୁ ଆର୍‌ଟିଓ ଠିକ୍‌ଭାବେ ପରୀକ୍ଷା ନିରୀକ୍ଷା କରୁନଥିବାରୁ ଏପରି ଯାନ୍ତ୍ରିତ ତ୍ରୁଟିଯୋଗୁ ଦୁର୍ଘଟଣା ବଢି ଚାଲିଛି ।

## ଶହୀଦ ଗ୍ରୁପ୍ କ୍ୟାପଟେନ ବରୁଣ ସିଂ ପଂଚତତ୍ତ୍ୱରେ ବିଲୀନ, ପୁତ୍ର ଓ ଭାଇ ଦେଲେ ମୁଖାଗ୍ନି

ଭୋପାଳ, ୧୭/୧୨ (ନି.ପ୍ର): ଶହୀଦ ଗ୍ରୁପ୍ କ୍ୟାପ୍ଟେନ ବରୁଣ ସିଂ ପଂଚତତ୍ତ୍ୱରେ ବିଲୀନ ହୋଇଗଲେ । ଶହୀଦ କ୍ୟାପଟେନଙ୍କ ଅନ୍ତିମ ସଂସ୍କାର ଶୁକ୍ରବାର ସକାଳେ ବୈରାଗଡ଼ ବିଶ୍ରାମ ଘାଟରେ କରାଯାଇଥିଲା, ଯେଉଁଠାରେ ତାଙ୍କ ପୁତ୍ର ଓ ଭାଇ ତାଙ୍କୁ ମୁଖାଗ୍ନି ଦେଇଥିଲେ । ପୁତ୍ରକୁ ବିଦାୟ ଦେବା ସମୟରେ ପିତା ଅବସରପ୍ରାପ୍ତ କର୍ଣ୍ଣଲ କେ. ପି. ସିଂ ଭାବବିହ୍ୱଳ ହୋଇପଡ଼ିଥିଲେ । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମଧ୍ୟ କ୍ୟାପଟେନଙ୍କୁ ଅଭିବାଦନ ଜଣାଇ ପରିବାର ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ତିମ ସଂସ୍କାର ପୂର୍ବରୁ ତିନି ସେନାର କ୍ୟାପଟେନ ବରୁଣ ସିଂଙ୍କୁ ଗାର୍ଡ଼ ଅଫ ଅନର ପ୍ରଦାନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଭୁବନେଶ୍ୱରରେ ପାଇକ....

ଆସିଥିବା ୫୦୦୦ ପାଇକବାହିନୀ ଭୁବନେଶ୍ୱରସ୍ଥିତ ମାଷ୍ଟର କ୍ୟାଂଟିନଛକରୁ ଯୁଦ୍ଧ ବାଦ୍ୟର ତାଳେ ତାଳେ ପାଇକ ଆଖଡ଼ା ପ୍ରଦର୍ଶନ କରି ଦାବି ପୂରଣ ପାଇଁ ସ୍ଲୋଗାନ ଦେଇ ବିରାଟ ଶୋଭାଯାତ୍ରାରେ ରାମ ମନ୍ଦିର ଛକ ଦେଇ ଏକାମ୍ର ହାଟ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ବୀର ମହାସଂଘର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ କହିଥିଲେ ଆମର ନ୍ୟାର୍ଯ୍ୟଦାବି ପୂରଣ ପାଇଁ ଆଜି ଆଉ ଏକ ପାଇକ ସଂଗ୍ରାମର ବିଗୁଲ୍ ବାଜିଲା । ଯଦି ପାଇକ ବିଦ୍ରୋହକୁ କେନ୍ଦ୍ର ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ନ କରନ୍ତି, ଏହାପରେ ଦିଲ୍ଲୀ ଯାଇ ପାଇକ ବାହିନୀ ସେଠାରେ ବିପ୍ଳବ କରିବା ସହିତ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ସଂସ୍କୃତିମନ୍ତ୍ରୀ ଆଦିଙ୍କୁ ଦାବିପତ୍ର ପ୍ରଦାନ କରିବେ । ଯେପର୍ଯ୍ୟନ୍ତ ଦାବି ହାସଲ ନ ହୋଇଛି, ସେପର୍ଯ୍ୟନ୍ତ ସଂଗ୍ରାମ ଚାଲୁ ରହିବ ବୋଲି ଡଃ ଶ୍ରୀଚନ୍ଦନ କହିଥିଲେ । ସେହିପରି ରାଜ୍ୟ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଖୋର୍ଦ୍ଧାର ବରୁଣେଇଠାରେ ଶିଳାନ୍ୟାସ କରିଥିବା ସ୍ଥାନକୁ ପାଇକ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ଯଥାଶୀଘ୍ର ଜାଗା ଯୋଗାଇ ନଦେଲେ ବିପ୍ଳବର ବହ୍ନି ଅନୁରୂପ ଭାବେ ଚାଲୁ ରହିବ ବୋଲି ସେ ଚେତାବନୀ ଦେଇଥିଲେ । ଏହି ସଭାରେ ଜଟଣୀର ବିଧାୟକ ସୁରେଶ କୁମାର ରାଉତରାୟ, ଚିଲିକାର ପୂର୍ବତନ ବିଧାୟକ ଡା ଦେବେନ୍ଦ୍ର ମାନସିଂ, କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି, ଅନ୍ୟତମ ସମାଜସେବୀ ଗଣେଶ ସାମନ୍ତରାୟ, ବିଶିଷ୍ଟ ଐତିହାସିକ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟର ଡଃ ନାରାୟଣ ରାଓ, ଗବେଷକ ଡଃ ଗୋପାଳ କୃଷ୍ଣ ଦାସ, ବିଶିଷ୍ଟ ବିଜେପି ନେତା ଅବନୀ ଜେନା, ନିଖିଳ ଓଡ଼ିଶା ପାଇକ ମହାସଂଘର ସଭାପତି ଡଃ ଅଶୋକ ପାଲଟାସିଂହ, ପାଇକ ସର୍ଦ୍ଦାର କେଦାର ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଉଭୟ ଦୁଇଟିଯାକ ଦାବି ପୂରଣ ନକଲେ ବିପ୍ଳବ ଅନୁରୂପ ଭାବରେ ଚାଲୁ ରହିବ ବୋଲି ଚେତାବନୀ ଦେଇଥିଲେ ।

### କେନ୍ଦ୍ରାପଡାରେ ହେବ....

ସ୍ଥାନକୁ ସ୍ୱତନ୍ତ୍ର କରି ପାରିବ । ଅନେକ ଆନ୍ତର୍ଜାତୀୟ ଉପକରଣ ଉତ୍ପାଦନକାରୀ ଏହି ବୃହତ ପ୍ରକଳ୍ପର ଅଂଶୀଦାର ହେବାକୁ ଥିବାରୁ ଏହା ରାଜ୍ୟରେ ଆହୁରି ଅନେକ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ । ଏହି ପ୍ରକଳ୍ପ ସହିତ ଆର୍ସେଲର ମିତଲ ନିପନ ଷ୍ଟିଲ ସମଗ୍ର ଅଂଚଳରେ ସାମାଜିକ ଓ ଅର୍ଥନୈତିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟ କରିବ । ଏହି ବୃହତ ପ୍ରକଳ୍ପ ବିଭିନ୍ନ ପର୍ଯ୍ୟାୟରେ ୭ ବର୍ଷରେ ସମ୍ପୂର୍ଣ୍ଣ ହେବ । ଏହି ବୃହତ ପୁଞ୍ଜି ବିନିଯୋଗ ସହିତ ଓଡ଼ିଶା ବିଗତ ୧୨ ମାସ ମଧ୍ୟରେ ୨.୭୦ କୋଟି ଟଙ୍କା ମୂଲ୍ୟର ପୁଞ୍ଜି ନିବେଶ ପ୍ରାପ୍ତ ହେବା ସହିତ ଅନ୍ୟୁନ ୭୭ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁନିଶ୍ଚିତ କରିବାର ଉପଲବ୍ଧି ହାସଲ କରିଛି । ଓଡ଼ିଶା ସମଗ୍ର ଦେଶରେ ସର୍ବବୃହତ ଇସ୍ପାତ ଉତ୍ପାଦନକାରୀ ରାଜ୍ୟ ହିସାବରେ ଗୌରବ ମଣ୍ଡନ କରୁଛି । ଏହି ପରି ବୃହତ ପ୍ରକଳ୍ପର ପ୍ରତିଷ୍ଠା ଦ୍ୱାରା ୨୦୩୦ ସୁଦ୍ଧା ରାଜ୍ୟ ବାର୍ଷିକ ୧୦୦ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ କରିବାର କ୍ଷମତା ହାସଲ କରି ପାରିବ ।

### ବିଧାନସଭାରେ 'ଦୁଷ୍କର୍ମ' ବୟାନ ଦେଇ ....

ଏହି ସମୟରେ କଂଗ୍ରେସ ବିଧାୟକ ରମେଶ କୁମାର ବିଧାନସଭା ଅଧ୍ୟକ୍ଷଙ୍କୁ କହିଥିଲେ ଆପଣଙ୍କ ସ୍ଥିତି ଇଂରାଜୀର ସେହି ଉକ୍ତି ପରି ହୋଇଯାଇଛି, ଯଦି ଆପଣ ଦୁଷ୍କର୍ମକୁ ରୋକି ପାରୁ ନାହାଁନ୍ତି ତାହାଲେ ତାକୁ ଉପଭୋଗ କରନ୍ତୁ । କଂଗ୍ରେସ ବିଧାୟକଙ୍କ ଏହି କଥାକୁ ନେଇ ଦେଶରେ ନୂଆ ବିବାଦ ସୃଷ୍ଟି ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି ବିଧାନସଭା ଭଳି ପବିତ୍ର ସ୍ଥାନରେ ଏଭଳି ନିନ୍ଦନୀୟ କଥା କହିଥିବାରୁ ବିଧାୟକ ରମେଶ କୁମାରଙ୍କୁ ବହିଷ୍କାର କରାଯିବା ଉଚିତ୍ ।

## ସରିଲା ୩ଦିନିଆ ରୌପ୍ୟ ଜୟନ୍ତୀ ମହୋତ୍ସବ



ଖଇରା, ୧୭/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ଗ୍ରାମ ପଞ୍ଚାୟତ ଅଧୀନ ନଛିପୁର ହାଇସ୍କୁଲ ପଡିଆରେ ଚାଲିଥିବା ରୌପ୍ୟ ଜୟନ୍ତୀ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି । ସକାଳେ ଜଗତାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖଇରାରେ ବୌଦ୍ଧ ଐତିହ ପ୍ରସଙ୍ଗରେ ଆୟୋଜିତ ଆଲୋଚନା ଚକ୍ରରେ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟବକ୍ତା,ଅଧ୍ୟାପକ ବନମାଳୀ ବାରିକ, ପ୍ରାକ୍ତନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଥିଲେ । ଖଇରା ବ୍ଲକର କୁପାରୀ ସମେତ ବହୁ ଅଞ୍ଚଳରେ ପୁରାତନ ବୌଦ୍ଧ କିର୍ତ୍ତୀ ଶିଳାଲେଖ ହଜିବାକୁ ବସିଥିବା ବେଳେ ଏହା ସଂଗ୍ରହାଳୟରେ ସ୍ଥାପନା କରି ସଂରକ୍ଷିତ କରିବାକୁ ଦାବି କରିଥିଲେ । ବିଶିଷ୍ଟ ସାହିତ୍ୟକ ରାଧାଶ୍ୟାମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ଧ୍ୟାରେ ଭରତ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓକିଲ ସଂଘର ରାଜ୍ୟ ସମ୍ପାଦକ ଦିପକ କୁମାର ମହାପାତ୍ର ମୁଖ୍ୟ ଅତିଥି, ସୁନାମଧନ୍ୟ ସଙ୍ଗୀତଜ୍ଞ କିଶୋର ରାଉତ, ସାମାଜିକ କର୍ମୀ ରମାକାନ୍ତ ମହାନ୍ତି, ସନ୍ତୋଷ ସାହୁ, ବାସୁଦେବ ପାତ୍ର, ପ୍ରଧାନଶିକ୍ଷକ ରାମଚନ୍ଦ୍ର ପତ୍ରୀ, ବାସୁଦେବ ପାତ୍ର, ଅଲେଖ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଂଗ୍ରାମ କେଶରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସ୍କୁଲ ପ୍ରତିଷ୍ଠାରେ ବଦାନ୍ୟତା ଦେଖାଇଥିବା ବ୍ୟକ୍ତି ପ୍ରାକ୍ତନ ଶିକ୍ଷକ ଓ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ବିଷ୍ଣୁ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟତ୍ରୀ ଭଗବାନ ମିଶ୍ର,ହରିହର ପତ୍ରୀ,ନରସିଂହ ପାଣି,ପ୍ରଦିପ୍ତ ମାହାନା,ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ମିଶ୍ର,ଦେବସ୍ମିତା ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷାକର୍ମଚାରୀ ୩ଦିନିଆ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଓଡିଶା ସଂସ୍କୃତି ବିଭାଗ ପ୍ରଦତ୍ତ ପୁରୀର ରଙ୍ଗଶାଳା ତଥା ବିଦ୍ୟାଳୟ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସମ୍ବଲପୁରୀ, ଓଡିଶୀ, ଆଦିବାସୀ ଓ ଘୋଡା ନାଚ ଦର୍ଶକଙ୍କୁ ଭରପୁର ଆନନ୍ଦ ଦେଇଥିଲା ।

## ଖୋର୍ଦ୍ଧା ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ ଦାବି



ଖୋର୍ଦ୍ଧା, ୧୭/୧୨ (ନି.ପ୍ର): ବରୁଣାଇ ପାହାଡ ତଳେ ମାଆ ବରୁଣାଇ ମନ୍ଦିର ତଳେ ପ୍ରାୟ ୫୦୦ ପାଇକବୀର, ପାଇକ ସନ୍ତାନ ଖଣ୍ଡା ଢାଲ, ତରୁଆଲ ଆଦି ପୂର୍ବ ପାଇକ ଅସ୍ତ୍ର ସଜିତହୋଇ ଖୋର୍ଦ୍ଧା ନିଉ ଥିଙ୍କ୍ ଫୋରମ ଖୋର୍ଦ୍ଧା ଆଦର୍ଶ ଏନ୍‌ଜିଓର ସଭାପତି ନରେନ୍ଦ୍ର ପୃଷ୍ଟି ଆହ୍ୱାନ ଓ ଖୋର୍ଦ୍ଧା ପାଇକ ସଂଗଠନ ସଭାପତି ଡକ୍ଟର ପ୍ରକାଶ ଶ୍ରୀଚନ୍ଦନ ଉପଦେଷ୍ଟା, ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ପୂର୍ବତନ ବିଧାୟକ ଖୋର୍ଦ୍ଧା । ଖୋର୍ଦ୍ଧା ଓକିଲ ସଂଘର ବହୁ ଓକିଲ ଯୋଗ ଦେଇଥିଲେ । ଏହାର ପାଇକବୀର ଆଇନଜୀବି ଶିଶିର ପରିଡା, ଅବିନି ଜେନ, ପ୍ରକାଶ ସାମନ୍ତରାୟ, ସଞ୍ଜୟ ପଟନାୟକ, ପାଇକ ସରଦାର, ପାଇକ ଗୁରୁ, ଦଳେଇ, ଦଳର ବେହେରା, ଆଦି ଖୋର୍ଦ୍ଧା ଜିଲ୍ଲାର କୋଣ ଅନୁକୋଣରୁ ଆସି ଯୋଗ ଦେଇଥିଲେ । ନିଜର ସମର କଳା ଅସ୍ତ୍ରଶସ୍ତ୍ର ଧରି ପାଇକ ବୀର ନିଜ ସମର କଳା ରଣହୁଙ୍କାର ଦେଇ ରାଜଧାନୀ ଚାଲ ବୋଲି ଏକତ୍ର ହୋଇ ମାଆ ବରୁଣାଇ ଆଜ୍ଞା ମାଳ, ସୁନ୍ଦରୀ ସିଡ଼ି, ଚନ୍ଦନ ଲଗାଇ ମଶାଲ ଜାଳି ଆଗେଇ ଚାଲିଲେ । ଖୋର୍ଦ୍ଧା ସହର ପାଇକ ବାଜା, ଅସ୍ତ୍ର ଧରି ସ୍ଲୋଗାନ ଦେଇ ରାଲି କରି ପରିକ୍ରମା କରିଥିଲେ । ଭାରତ ସଂସ୍କୃତି ମନ୍ତ୍ରୀ ଯେଉଁ ମନ୍ତବ୍ୟ ଦେଇଥିଲେ ତାକୁ ପ୍ରତ୍ୟାହାର କରନ୍ତୁ । ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ପାଇକ ବିଦ୍ରୋହ ଯେପରି ଆଗରୁ କହିଥିଲେ ଓଡ଼ିଶା ଖୋର୍ଦ୍ଧା ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବ୍ରିଟିଶ ସରକାର ବିରୋଧରେ ତାପଙ୍ଗ ଦଳବେହେରା, ସହିଦ ମାଧବ ଚନ୍ଦ୍ର ରାଉତାୟ, ଦାରଠୁଙ୍ଗ ପିଣ୍ଡିଙ୍କି ବାହୁବଳନ୍ଦ୍ର ଖୋର୍ଦ୍ଧା ଜିଲ୍ଲା । ବସ୍କି ଜଗବନ୍ଧୁ, ଜୟୀ ରାଜଗୁରୁ, ପୁରୀ ଜିଲ୍ଲା । କୁତିବାସ ପାଟ ସାହାଣୀ ସ,ନୟାଗଡ଼ ଜିଲ୍ଲା । ୧୮୧୭ ମସିହା ଖୋର୍ଦ୍ଧା ଗଡ ଠାରେ ଏକତ୍ରହୋଇ ଥିଲେ ।

## କୋଭିଡ ହସ୍ପିଟାଲ୍ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭/୧୨ (ନି.ପ୍ର): ତୃତୀୟ ଲହରକୁ ନେଇ ସମସ୍ତ କୋଭିଡ ହସ୍ପିଟାଲକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ସହଭାଗିତାରେ ଚାଲିଥିବା ଘରୋଇ କୋଭିଡ ହସ୍ପିଟାଲ ଗୁଡିକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋଭିଡ-୧୯ ସଂକ୍ରମଣ ବଢ଼ିଲେ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ପ୍ରସ୍ତୁତ । ହସ୍ପିଟାଲରେ ଅକ୍ସିଜେନ, ମେଡିସିନ ମହଜୁଦ ରଖିବାକୁ କୁହାଯାଇଛି ବୋଲି ଡିଏମ୍‌ଇଟି ପ୍ରଫେସର ଡା.ରମାରମଣ ମହାନ୍ତି କହିଛନ୍ତି । ରାଜ୍ୟରେ ଏ ପର୍ଯ୍ୟନ୍ତ ଓମିକ୍ରନ୍ ଯୋଗୁଁ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି, ତଥାପି ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସୀମାନ୍ତ ଜିଲ୍ଲାମାନଙ୍କୁ ସତର୍କ ରହିବାକୁ କହିଛନ୍ତି । ସୂଚନାଯୋଗ୍ୟ ଯେ ଦେଶରେ ବିଭିନ୍ନ ରାଜ୍ୟରେ ଏପର୍ଯ୍ୟନ୍ତ ୧୦୧ ଜଣ ଓମିକ୍ରନ୍ ଚିହ୍ନଟ ହୋଇସାରିଲେଣି । ଦିଲ୍ଲୀ, ମୁମ୍ବାଇ ସମେତ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ଗୁଜୁରାଟ, ରାଜସ୍ଥାନ ସମେତ ମୋଟ ୧୧ଟି ରାଜ୍ୟରେ ଓମିକ୍ରନ ଚିହ୍ନଟ ହୋଇସାରି ଥିବା ନେଇ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଯୁଗ୍ମ ସଚିବ ଲଭ୍ ଅଗ୍ରୱାଲ୍ ସୂଚନା ଦେଇଛନ୍ତି ।

## ଜେଲରେ କଟିଗଲା ଯୌବନ : ୧୯ ବର୍ଷ ପରେ ମିଳିଲା ନ୍ୟାୟ




ବାରିପଦା, ୧୭/୧୨ (ନି.ପ୍ର): ଯୌବନର ୧୯ ବର୍ଷ କାଳ ଜେଲର ଅନ୍ଧାରୀ କୋଠରୀରେ ସମୟ ବିତାଇବା ପରେ ଏବେ ବାର୍ଦ୍ଧକ୍ୟ ସମୟରେ ନିର୍ଦ୍ଦୋଷରେ ଖଲାସ ହୋଇ ଘର ବାହୁଡିଛନ୍ତି ହାବିଲ ସିଦ୍ଧୁ । ୩ଜଣଙ୍କ ହତ୍ୟା ଅଭିଯୋଗରେ ଗିରଫ ହୋଇ ବାରିପଦା ମଣ୍ଡଳ କାରାଗାର ଭିତରେ କଏଦୀ ଭାବରେ ରହୁଥିଲେ ସିଦ୍ଧୁ । ଉକ୍ତ ହତ୍ୟା ମାମଲାର ବିଚାରରେ ୨୦୦୫ ମସିହାରେ ପ୍ରଥମ ରାୟ ପ୍ରକାଶ ପରେ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ଆଜିବନ କାରାଦଣ୍ଡ ସଜା କାଟୁଥିଲେ ସିଦ୍ଧୁ । ତେବେ ଉଚ୍ଚ ନ୍ୟାୟାଳୟର ହସ୍ତକ୍ଷେପ ପରେ ଏବେ ପ୍ରମାଣ ଅଭାବରୁ ବାରିପଦା ଜିଲ୍ଲା ଦୌରା ଜଜ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବାରୁ ଆଜି ସକାଳେ ଘର ବାହୁଡିଛନ୍ତି ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅସ୍ତକୁଅଁର ଗ୍ରାମପଞ୍ଚାୟତ ଅଧିନସ୍ଥ ବଳରାମପୁର ଗାଁର ହାବିଲ ସିଦ୍ଧୁ । ସୂଚନା ମୁତାବକ ୨୦୦୩ ମସିହା ଜାନୁଆରୀ ୩ ତାରିଖରେ ପଡ଼ୋଶୀ ଘରର ଦୁଇଜଣ ପୁରୁଷଙ୍କ ସହ ଜଣେ ୨ ବର୍ଷର ଶିଶୁକୁ ହତ୍ୟା କରିଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ହାବିଲ କୁଆଡେ ଗୁଣିଗାରେଡି ସନ୍ଦେହରେ ତିନି ଜଣଙ୍କୁ ହତ୍ୟା କରି ମୁଣ୍ଡଗଣ୍ଡି ଅଲଗା କରି ଫୋପାଡି ଦେବା ସହ ସେମାନଙ୍କ ଯୌନାଙ୍ଗକୁ କାଟି ଦେଇଥିବାର ଗୁରୁତର ଅଭିଯୋଗ ହୋଇଥିଲା । ଏ ନେଇ ଯଶିପୁର ଥାନାରେ ମାମଲା ରୁଜୁ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା । ୨୦୦୫ ମସିହାରେ ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବିଚାର କରି ସିଦ୍ଧୁକୁ ଆଜୀବନ କାରାଦଣ୍ଡ ଶୁଣାଇଥିଲେ । ଏଣୁ ନ୍ୟାୟ ପାଇବା ପାଇଁ ସିଦ୍ଧୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଘଟଣାରେ ହସ୍ତକ୍ଷେପ କରି ଘଟଣାକୁ ପୁନଃ ବିଚାର କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଜଜଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ସରକାର ଜଣେ ଆମିକସ କ୍ୟୁରୀ ତଥା ଅବୈତନିକ ଓକିଲକୁ ଯୋଗାଇ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ସେହି ଦିନ ଠାରୁ ସେ ବିଚାରାଧିନ କଏଦୀ ଭାବେ ବାରିପଦା ମଣ୍ଡଳ କାରାଗାର ଭିତରେ କାଳ କାଟୁଥିଲେ । ତେବେ ଗତକାଲି ମାନ୍ୟବର କୋର୍ଟଙ୍କ ରାୟ ପ୍ରକାଶ ପାଇଛି । ସମସ୍ତ ତଥ୍ୟ ପ୍ରମାଣକୁ ଆଧାର କରି ମାନ୍ୟବର କୋର୍ଟ ୧୧ଜଣ ସାକ୍ଷୀ, ୩୨ଟି ତଦନ୍ତ ରିପୋର୍ଟକୁ ତର୍ଜମା କରି ଉପଯୁକ୍ତ ସାକ୍ଷୀ ପ୍ରମାଣ ଅଭାବରୁ ହାବିଲ ସିଦ୍ଧୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଖଲାସ ହେବା ଜାଣିବା ପରେ ହାବିଲ ସିଦ୍ଧୁ ବେଶ ଆତ୍ମବିଭୋର ହେବାସହ, ଘରକୁ ଯାଇ ଚାଷବାସ କରି ପୁଣିଥରେ ଜୀବନ ନିର୍ବାହ କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ତେବେ ଦୀର୍ଘ ୧୮ ବର୍ଷ ୧୧ ମାସ ଜେଲର ଅନ୍ଧାର ଗୁହା ଭିତରେ ରହି ନିଜ ଜୀବନର ହରାଇଥିବା ଯୌବନ ଓ ଆତ୍ମୀୟ ସୌଜନ୍ୟ ମାନଙ୍କୁ ଖୋଜୁଥିଲା ସିଦ୍ଧୁ । କିଏ ଫେରାଇଦେବ ତା ଜୀବନର ବହୁମୂଲ୍ୟ ସମୟ ? ଏଭଳି ବ୍ୟବସ୍ଥା ପାଇଁ ଦାୟୀ କିଏ ହେବ ? ଏଭଳି ଅନେକ ପ୍ରଶ୍ନବାଚୀ ଭିତରେ ଜେଲରୁ ମୁକୁଳିବାର ଖୁସି ହଜି ଯାଇଥିଲା ସିଦ୍ଧୁର । ତେବେ ବରିଷ୍ଠ ଓକିଲ ଅସୀତ କୁମାର ଓତାଙ୍କ କହିବା ମୁତାବକ ଏଭଳି ଅନେକ ମାମଲା ମାନ୍ୟବର କୋର୍ଟ ଗୁଡିକରେ ଦୀର୍ଘ ବର୍ଷ ଧରି ପଡିରହିଛି । ଅନେକ ସ୍ଥଳରେ ବିନା ଦୋଷରେ ମଧ୍ୟ ଲୋକେ ଦୀର୍ଘବର୍ଷ ଧରି ଜେଲ ହାଜତରେ କାଳ କାଟୁଛନ୍ତି । ଏଭଳି ମାମଲା ଗୁଡିକର ତୁରନ୍ତ ଚିହ୍ନଟ କରି ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି ଜଣାଇଛନ୍ତି । ନିର୍ଦ୍ଦୋଶରେ ଖଲାସ ହୋଇଥିବା ହାବିଲ ସିଦ୍ଧୁଙ୍କ ପ୍ରତି ସରକାରୀ ସ୍ତରରେ ଆର୍ଥିକ ସାହାଯ୍ୟ ସହ ମାନସିକ ସୁସ୍ଥତା ଦିଗରେ ଯଥା ସମ୍ଭବ ସାହାଯ୍ୟ କରିବାକୁ ଦାବି ଉପସ୍ଥାପନ କରଛନ୍ତି ମାନବଧିକାର କର୍ମୀ ଅରବିନ୍ଦ ଦାସ ।

ବାଲେଶ୍ୱର, ଶନିବାର, ୧୮ ଡିସେମ୍ବର, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ବ୍ୟାଙ୍କ ଧର୍ମଘଟରେ ଦ୍ୱିତୀୟ ଦିବସ

ବାଲେଶ୍ୱର,୧୭/୧୨ (ନି.ପ୍ର): ଜାତୀୟକରଣ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ସଙ୍ଘଙ୍କ ମିଳିତ ମଞ୍ଚ 'ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସ'ର ଦୁଇଦିନିଆ ଧର୍ମଘଟ ବାଲେଶ୍ୱରରେ ଶୁକ୍ରବାର ଉଦଯାପିତ ହୋଇଯାଇଛି । ଗତକାଲି ଭଳି ଶୁକ୍ରବାର ମଧ୍ୟ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ କର୍ମଚାରୀ ଓ ଅଫିସରମାନେ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସମାବେଶରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ପ୍ରତିନିଧି ପରମାନନ୍ଦ ଦେ, ପ୍ରଦୀପ କୁମାର ବେହେରା, ମାନସ କୁମାର ମହାପାତ୍ର, ରସାନନ୍ଦ ଦାସ, ହେମନ୍ତ ଭୂୟାଁ, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ସୁଜୟ କୁମାର ଦାସ, ରବିନ୍ଦ୍ର ମହାକୁଡ଼, ଦେବବ୍ରତ ମିଶ୍ର, ପ୍ରଫୁଲ୍ଲ ପଣ୍ଡା, ରାଜକିଶୋର ବେହେରା ଓ ସୁଦର୍ଶନ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାର ବ୍ୟାଙ୍କ ଘରୋଇକରଣ ପ୍ରସ୍ତାବକୁ ଦୃଢ଼ ନିନ୍ଦା କରିଥିଲେ। ଦେଶବାସୀଙ୍କ ସ୍ୱାର୍ଥରେ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟକୁ ସମର୍ଥନ ଜଣାଇ ବିଭିନ୍ନ ଗଣ ସଂଗଠନ, ସାମାଜିକ ସଂଗଠନ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନର କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରେମରଞ୍ଜନ ପାତ୍ର, ବିକାଶ ଦାସ, ଗୋପାଳ ଚନ୍ଦ୍ର ଜେନା, ଯଶୋଦା ନନ୍ଦନ ଆସ, ଉମାକାନ୍ତ ଦାସ, ଶ୍ୟାମସୁନ୍ଦର ଜେନା, ବାଇଧର ସିଂ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ରମେଶ ଚନ୍ଦ୍ର ଜେନା, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଛାତ୍ରନେତା ପ୍ରଶାନ୍ତ ଦାସ ଓ କ୍ଷେତମଜଦୁର ନେତା ଯତୀନ ପାତ୍ର ପ୍ରମୁଖ ବିକ୍ଷୋଭ ତଥା ଗଣଧାରଣାରେ ଯୋଗଦେଇ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ବିରୋଧରେ ଜନ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଆସନ୍ତା ଫେବୃୟାରୀ ୨୩ ଓ ୨୪ ତାରିଖରେ ପ୍ରସ୍ତାବିତ ସର୍ବଭାରତୀୟ ଧର୍ମଘଟକୁ ବାଲେଶ୍ୱରରେ ସଫଳ କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତାମାନେ ଏହି ଅବସରରେ ନିବେଦନ କରିଥିଲେ।

## ନୀଳଗିରି ଉପଖଣ୍ଡରେ ଅଫିସର ମରୁଡ଼ି : ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲେ ସାଂସଦ

ନୀଳଗିରି, ୧୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଅଫିସରମାନଙ୍କର ମରୁଡ଼ି ଦେଖିବାକୁ ମିଳିଛି । ଏ ନେଇ ସାଧାରଣ ହିତାଧିକାରୀମାନେ ଘାଂଟି ହେଉଛନ୍ତି । ଶେଷରେ ଏହାର ପ୍ରତିକାର ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟ ଶାସନ ସଚିବଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ନୀଳଗିରି ଏକ ଉପଖଣ୍ଡ ହୋଇଥିବା ବେଳେ ଉପଜିଲ୍ଲାପାଳ ନୂତନ ନିଯୁକ୍ତି ନିର୍ଦ୍ଦେଶନାମା ଆସିଥିଲେ ମଧ ନୂତନ ଉପଜିଲ୍ଲାପାଳ ଯୋଗ ଦେଇ ପାରି ନାହାନ୍ତି । ସେହିପରି ବିଡିଓ ଙ୍କ ବଦଳି ପରେ ଏହି ପଦବୀ ଖାଲି ପଡ଼ିଛି । ବ୍ଲକ ଶିକ୍ଷାଅଧିକାରୀ, ଆଦିବାସୀ ଉନ୍ନୟନ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ, ଯୋଗାଣ ବିଭାଗ ଅଧିକାରୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି । ନୀଳଗିରି ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିବାରୁ ହିତାଧିକାରୀମାନେ ଏ ନେଇ ଘାଂଟି ହେଉଥିବା ବେଳେ ଉପଖଣ୍ଡ ଚିକିତ୍ସାଳୟରେ ପରିଚାଳନା ତୃଟି ଦେଖିବାକୁ ମିଳୁଛି । ଏପରିକି ବାଲେଶ୍ୱର ଜିଲ୍ଲାରେ ୫୦ ପ୍ରତିଶତ ରୁ ଅଧିକ ଡାକ୍ତର ପଦବୀ ଫାଙ୍କା ଥିବା ବେଳେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏ ନେଇ ଅଂଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ ଏହାର ସୁଧାର ନ ଆସିବାରୁ ଶେଷରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହାର ପ୍ରତିକାର ପାଇଁ ମୁଖ୍ୟ ଶାସନସଚିବ ସୁରେଶ ମହାପାତ୍ରଙ୍କୁ ସମସ୍ତ ବିଷୟରେ ପ୍ରତିକାର କରିବାକୁ ଏକ ପତ୍ର ଲେଖିଛନ୍ତି । ଏପରିକି ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ ପ୍ରତିକାରମୂଳକ ପ୍ରତିକାର ପାଇଁ ସୂଚନା ଦେଇଛନ୍ତି ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଓଡ଼ିଆ ବିଭାଗ ପକ୍ଷରୁ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ



ବାରିପଦା, ୧୭/୧୨ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଓଡ଼ିଆ ସମ୍ମାନରେ ନୂତନ ଭାବେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ସେହି ବିଭାଗର ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ଉପହାର ଦେଇ ସ୍ୱାଗତ କରିଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ କିଭଳି ଭଲ ମଣିଷ ହୋଇ ପାରିବେ, ତାହା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ମଦନ ମୋହନ ସାହୁ, ସବିତାରାଣୀ ଦାସ, ମୀରା ସେନାପତି, ବିଜୟା ନାୟକ, ସାଗରୀକା ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ସେମାନଙ୍କର ଲକ୍ଷ୍ୟ ନିଜେ ସ୍ଥିର କରିବା ସହିତ କଠିନ ପରିଶ୍ରମ କରିବାର ଆବଶ୍ୟକତା ରହିଛି, ତାହା ହୋଇ ପାରିଲେ ନିଜର ଲକ୍ଷ୍ୟ ପୂରଣ କରିବା ସହିତ ସମାଜ ପାଇଁ କିଛି କରିବାର ସୁଯୋଗ ଛାତ୍ରଛାତ୍ରୀମାନେ ପାଇ ପାରିବେ । ବିଭାଗୀୟ ଅଧ୍ୟାପିକା ତୃପ୍ତି ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ବିଭାଗୀୟ ଓଡ଼ିଆ ଅଧ୍ୟାପିକା ଜ୍ୟୋର୍ତିମୟୀ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାଗତ ଉତ୍ସବ ପରେ ଛାତ୍ରଛାତ୍ରୀ ଓ ବିଭାଗୀୟ ଅଧ୍ୟାପିକାମାନେ ଏକ ବଣଭୋଜିର ଆୟୋଜନ କରିଥିଲେ । ଯେଉଁଥିରେ ଅନ୍ୟ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ ଦେଇଥିଲେ ।




## ପାଣିରେ ବୁଡ଼ି ବୃଦ୍ଧା ମୃତ

ନୀଳଗିରି, ୧୭/୧୨ (ନି.ପ୍ର): ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗ୍ରାମର ଏକ ପରିତ୍ୟକ୍ତ ଖାଦାନରୁ ଜମିଥିବା ପାଣିରେ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ସୂଚନାଯୋଗ୍ୟ ଏହି ଗ୍ରାମର ଠୁସ୍ନା ସିଂ ଙ୍କ ସ୍ତ୍ରୀ ରକ୍ମଣୀ ତାଙ୍କ ନାତୁଣୀକୁ ନେଇ ଗାଧୋଇବା ପାଇଁ ଉକ୍ତ ସ୍ଥାନକୁ ଯାଇଥିବା ବେଳେ ତାଙ୍କର ଗୋଡ଼ ଖସିଯାଇଥିଲା । ଅତ୍ୟଧିକ ଗଭୀର ଥିବା କାରଣରୁ ଗୋଡ଼ ତଳକୁ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ । ତାଙ୍କ ନାତୁଣୀ ଭୋ ଭୋ ହୋଇ କାନ୍ଦି ଉଠିବାରୁ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଂଚି ବୃଦ୍ଧାକୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ଏ ନେଇ ନୀଳଗିରି ପୋଲିସ ପ୍ରାଥମିକ ତଦନ୍ତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବଟିକୁ ପୋଷ୍ଟମର୍ଟମ କରିଛି ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ଜାତୀୟ ପେନସନ ଦିବସ

ବାଲେଶ୍ୱର,୧୭/୧୨ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘଗୃହରେ ୪୦ତମ ଜାତୀୟ ପେନସନ ଦିବସ ସଂଘର ସଭାପତି ଧୀରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ବୁଧବାର ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା କୋଷାଗାର ଅଧିକାରୀ ରଘୁନାଥ ମୁର୍ମୁ ଉଦଘାଟନ କରିଥିଲେ। ପେନସନ ଦିବସ ପାଳନର ଯଥାର୍ଥତା ଓ ପେନସନଧାରୀଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଷ୍ଟେଟବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ହେମନ୍ତ କୁମାର ବେହେରା ଯୋଗଦେଇ ପେନସନ ଉପଭୋକ୍ତାମାନେ ବ୍ୟାଙ୍କରୁ କିପରି ସହଜରେ ଆର୍ଥିକ ସୁବିଧା ସୁଯୋଗ ପାଇପାରିବେ ସେ ଗୁରୁତ୍ୱାରୋପ କରିଥିଲେ। ସଂଘର ଉପ-ସଭାପତି ଇଂ ସୁରେନ୍ଦ୍ର ନାଥ ଦାସ ଓ ସ୍ୱଳ୍ପ ସଞ୍ଚୟ ଅଧିକାରୀ ପ୍ରଜ୍ଞା ମିଶ୍ର ମଧ ତାଙ୍କର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଶାଖା ସଂଘର କର୍ମକର୍ତ୍ତା କୁମୁଦ ରଞ୍ଜନ ଗିରି, ଅଜୟ ନାୟକ, ଯୋଗେନ୍ଦ୍ର ସି ଏହି ଦିବସ ପାଳନର ମହତ୍ୱ ଓ ଆବଶ୍ୟକତା ସମ୍ପର୍କରେ କଥା ରଖିଥିଲେ।

## ସିଆଡ଼ିମାଳ ପଂଚାୟତରେ ବିଜେଡିର ମିଶ୍ରଣ ପର୍ବ



ନୀଳଗିରି, ୧୭/୧୨ (ନି.ପ୍ର): ନୀଳଗିରି ବ୍ଲକର ସିଆଡ଼ିମାଳ ପଂଚାୟତରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ନବୀନ ବାବୁଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳଛାଡ଼ି ନୀଳଗିରିରେ ବିଜେଡି ନେତା ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡି ଦଳରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣପର୍ବରେ ଗତିକୃଷ୍ଣ ନନ୍ଦ, ବ୍ଲକ ସଭାପତି ବିଜୟ ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟା ରଂଜିତା ସିଂ, ସିଆଡ଼ିମାଳ ବିଜେଡି ସଭାପତି ରାମଚନ୍ଦ୍ର ସିଂ, ରବିନ୍ଦ୍ର ନାୟକ, ଦୀପ୍ତିକାନ୍ତ ସିଂହ, ବୈଦ୍ୟନାଥ ବେହେରା, ଚକ୍ରଧଣ ଲେଙ୍କା, ସସ୍ମିତା ସାମଲ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ଦଳ ଛାଡ଼ି ପ୍ରତାପ ଚନ୍ଦ୍ର ସାଏବାବୁ , ଅନିଲ ସିଂ, ବ୍ରଜମୋହନ ବେହେରା, ଦୁର୍ଯ୍ୟୋଧନ ବେହେରା, ପ୍ରମୁଖ ବିଜେଡି ଦଳରେ ସାମିଲ ହୋଇଥିଲେ । ଏମାନଙ୍କ ମିଶ୍ରଣ ଯୋଗୁଁ ଉକ୍ତ ପଂଚାତରେ ବିଜେଡି ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ସନ୍ତୋଷ ଖଟୁଆ ସୂଚନା ଦେଇଛନ୍ତି ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟରେ ଶିଳ୍ପ ସଚେତନତା ଶିବିର



ବାରିପଦା, ୧୭/୧୨ (ନି.ପ୍ର): ରାଗଧା ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟରେ ଏକ ଦୀବସୀୟ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି ଶିବିରରେ ମହାବିଦ୍ୟାଳୟର ଅଧକ୍ଷା ଡ. ଅସୀମା ସାହୁ ପୌରହିତ୍ୟ କରିଥିଲେ । ଜିଲ୍ଲା ଶିଳ୍ପ ବିକାଶ ଅଧିକାରୀ ଦିନେଶ ଶଙ୍କର ହୋତା ମୁଖ୍ୟ ଅତିଥି ଓ ବାରିପଦା ବ୍ଲକ ଓ ମୁନିସିପାଲଟି ଶିଳ୍ପ ବିକାଶ ଅଧିକାରୀ ଛୋଟ କିଶୋର କମଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଶ୍ରୀ ଗୋପାଳ କୃଷ୍ଣ ମହାନ୍ତ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ମାନେ ଛାତ୍ରଛାତ୍ରୀଙ୍କ ପାଠପଢା ପରେ ନିଜନିଜର କର୍ମ ସଂସ୍ଥାନ ପାଇଁ ଭବିଷ୍ୟତରେ ସରକାରଙ୍କ ଅନୁମୋଦିତ ବିଭିନ୍ନ ଲଘୁ ତଥା ବୃହତ ଶିଳ୍ପାନୁଷ୍ଠାନ କରିବାର ମାର୍ଗ ଏବଂ ଋଣ ପ୍ରଦାନ ଓ ଛାଡ ଆଦି ବିଷୟରେ ଆଲୋକପାତ କରିଥିଲେ । ଆୟୋଜିତ ପ୍ରଶ୍ନଉତର କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ଅଧ୍ୟାପକ ତ୍ରିଲୋଚନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଯୁକ୍ତ ତିନି ଶେଷ ବର୍ଷର ୧୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ଶିବିର ରେ ଅଂଶଗ୍ରହଣ କରିଥିବା ବେଳେ, ସ୍ମୃତିରେଖା ମିଶ୍ର, ଅଜୟ ମହାନ୍ତ, ରାଜଶ୍ରୀ ଲେଙ୍କା, ମୋତିଲାଲ ମହାନ୍ତ, କବିତା ମହାନ୍ତ, କରୁଣାକର ମୁଦୁଲି, ଧନଞ୍ଜୟ ତ୍ରିପାଠୀ, ଦୀପକ ଖଣ୍ଡେଲୱାଲ, ଟିଙ୍କୁ ମହାନ୍ତ ପ୍ରମୁଖ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗୋଷ୍ଠି ଉନ୍ନୟନ ସମ୍ମିଳନୀ କକ୍ଷରେ ମୁକ୍ତା ଯୋଜନାର ଆଭାସୀ ଆଲୋଚନା



ଜଳେଶ୍ୱର, ୧୭/୧୨(ନିପ୍ର): ଗ୍ରାମାଂଚଳର ଲୋକଙ୍କୁ ରୋଜଗାରକ୍ଷମ, ସଶକ୍ତ କରାଯିବା ସହିତ ବାହାର ରାଜ୍ୟକୁ ନ ଯିବାଲାଗି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଅଧିକ ପ୍ରତ୍ସାହନ ଯୋଗାଇବା, ବେକାରୀ ସମସ୍ୟ ଦୂର କରିବା ଏବଂ ଶ୍ରମିକଙ୍କ ଜମାଖାତାକୁ ସିଧାସଳଖ ଅର୍ଥ ଯିବା ଇତ୍ୟାଦି ଲାଗି ୨୦୨୦ ଏପ୍ରିଲ ମାସରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) କୁ ନବିନ ପଟ୍ଟନାୟକ ଲୋକାର୍ପିତ କରିଥିଲେ । ଏହି ଯୋଜନାରେ ସହରାଞ୍ଚଳରେ ଖେଳପଡିଆ, ସାଧାରଣ ଉଦ୍ୟାନ, ସମସ୍ତଙ୍କ ପାଇଁ ପାନୀୟ ଜଳ, ଜଳ ନିଷ୍କାସନ ଓ ବର୍ଷାପାଣିର ସ-ବିନିଯୋଗ ଲାଗି ସହରାଞ୍ଚଳର ଯୁବକଙ୍କୁ ସଶକ୍ତ କରିବାଲାଗି ଆଜି ଜଳେଶ୍ୱର ବ୍ଲକ ଆଭାସୀ ସମ୍ମିଳନୀ କକ୍ଷରେ କେତେକ ଯୁବଗୋଷ୍ଠୀ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ସହରାଞ୍ଚଳ ଲୋକଙ୍କୁ ସୁବିଧା ସୁଯୋଗ ଲାଗି ଏପରି ଯୋଜନା କାର୍ଯ୍ୟକାରୀ କରାଯାଉଥିବା ସମ୍ପର୍କରେ ମୁଖ୍ୟ ମନ୍ତ୍ରୀ ବିଜୁ ଯୁବ ଜନତା ଓ ଛାତ୍ର ଜନତା ସହିତ ଆଭାସୀ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନରେନ୍ଦ୍ର ବାରିକ, କିଶୋର କୁମାର ଚମ୍ପତି, ଅବଦୁଲ ରହିମ୍, ସଂଜୟ ପାଲ, ଚିତ୍ତରଂଜନ ମହାନ୍ତି, ଉତ୍ତମ ଦାସ, ଅଜିତ୍ ଖାଁ, ପ୍ରଦିପ୍ତ ଦାସ, ରାକେଶ ବାରିକ, ସୁରଜ ଚୌରାସୀଆ, କୁନ୍ତଳା ପାତ୍ର, ଜ୍ୟୋସ୍ନାରାଣୀ କର, ସୁଷମା କର, ରାଜଶ୍ରୀ କଟାଲ, ଅମର ବେହେରା, ସୁଷମା ପ୍ରଧାନ, ନିରୁପମା ଦାସ, ଅନନ୍ତ ସାହୁ, ସମରେନ୍ଦ୍ର ପରିଡା, ସତ୍ୟପ୍ରକାଶ ମହାନ୍ତି, ରାଜେଶ ଦେ, ରଣ୍ଟା ବ୍ରହ୍ମ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ୧୧୦ ବର୍ଷର ପ୍ରତିଭାଧରଙ୍କୁ ସରସିଦାରେ ସମ୍ବର୍ଦ୍ଧନା



ବାଲେଶ୍ୱର, ୧୭/୧୨ (ନି.ପ୍ର): ଜଳେଶ୍ୱର ନିକଟବର୍ତ୍ତୀ ସରାସିଦା ଗ୍ରାମର ରାମଚନ୍ଦ୍ର ଦତ୍ତ ୧୦୯ ବର୍ଷ ଅତିକ୍ରାନ୍ତ କରିସାରିଲେଣି । ଜଣେ ପ୍ରତିଷ୍ଠିତ ମୃତ୍ତିକା ଶିଳ୍ପୀ ଭାବରେ ସେ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଯଶ ଅର୍ଜ୍ଜନ କରିଛନ୍ତି । ବିଭିନ୍ନ ନାଟକ ଓ ଯାତ୍ରାରେ ଅଭିନୟ କରି ସେ ତାଙ୍କର ପ୍ରତିଭାର ପରାକାଷ୍ଠା ଦେଖାଇଛନ୍ତି । ଏହା ବ୍ୟତୀତ ଜଣେ ସଫଳ କ୍ଲାରିଓନେଟ୍ ବାଦକ ଭାବରେ ମଧ ତାଙ୍କର ପ୍ରସିଦ୍ଧି ରହିଛି । ମାତ୍ର ତେରବର୍ଷ ବୟସରୁ ସେ ମୃଣ୍ମୟ ମୂର୍ତ୍ତିରେ ରଙ୍ଗଦାନ କରି ତାକୁ ଜୀବନ୍ତ କରିବାର କଳା ଶିଖିପାରିଥିଲେ । ସଂପ୍ରତି ବୟସାଧିକ୍ୟ କାରଣରୁ ତାଙ୍କର ଆଖିକୁ ଭଲ ଦେଖାଯାଉନି କି କାନକୁ ଭଲ ଶୁଭୁନାହିଁ ସିନା, ହେଲେ ହାତରେ ଅଣ୍ଡାଳି ଅଣ୍ଡାଳି ସେ ମୂର୍ତ୍ତି ନିର୍ମାଣର ଖୁଣକୁ ପ୍ରକାଶ କରିପାରୁଛନ୍ତି । ଓଡ଼ିଶାର ଗୌରବ ରାମଚନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ଫକୀରମୋହନ ସାହିତ୍ୟ ପରିଷଦ ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ମିଳିତ ଭାବରେ ତାଙ୍କର ସରସିଦାସ୍ଥିତ ବାସଗୃହରେ ଉପସ୍ଥିତ ହୋଇଥିଲେ । ସେଠାରେ ଅନୁଷ୍ଠାନଦ୍ୱୟକୁ ଭବ୍ୟ ସ୍ୱାଗତ କରି ଅଧକିଲୋମିଟର ଦୂରରୁ ଢୋଲ ବାଦ୍ୟ ମାଧମରେ ପାଛୋଟି ନିଆଯାଇଥିଲା । କଳାକାରଙ୍କ ଗୃହରେ ଆୟୋଜିତ ଆସରରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରି ଏପରି ବ୍ୟକ୍ତି ସମସ୍ତଙ୍କର ଆଦର୍ଶ ହେବା ଉଚିତ ବୋଲି କହିଥିଲେ । ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶଚନ୍ଦ୍ର ଜେନା ତାଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ କରି ଜୀବନପଥରେ ତାଙ୍କର ଆଶୀର୍ବାଦ କାମନା କରିଥିଲେ । ବରିଷ୍ଠ ସାରସ୍ୱତ ସାଧକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଏକ ଶାଲ୍ ପ୍ରଦାନ କରି ତାଙ୍କର ସୁସ୍ଥ ଜୀବନ ଇଚ୍ଛା କରିଥିଲେ । ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ତାଙ୍କୁ ଏକ ମାନପତ୍ର ପ୍ରଦାନ କରାଯାଇଥିଲା ଓ ତାହାକୁ ଦୀପକ ବୋଷ ପାଠ କରିଥିଲେ । ଗାଳ୍ପିକ ନିବାରଣ ଜେନା ଓ ସାହିତ୍ୟିକ ପ୍ରଦୀପ ଚାଟାର୍ଜୀ ଓଡ଼ିଶାର କଳାକୁ ସମୃଦ୍ଧ କରିବା କ୍ଷେତ୍ରରେ ଶ୍ରୀଯୁକ୍ତ ଦତ୍ତଙ୍କର ଅବଦାନକୁ ସ୍ମରଣ କରିଥିଲେ । ମନୋରଂଜନ ଦତ୍ତ, ବିଭୁରେନ୍ଦ୍ର ଦେ ଓ ଗୋପୀନାଥ ଭୂୟାଁ ଶ୍ରୀଯୁକ୍ତ ଦତ୍ତଙ୍କର ଜୀବନୀ ଓ କାର୍ଯ୍ୟଧାରା ସଂପର୍କରେ ବିଶେଷ ଆଲୋଚନା କରିଥିଲେ । ଅଦ୍ୱୈତ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କମଧ୍ୟରେ କାର୍ତ୍ତିକ ଚନ୍ଦ୍ର ପରିଡ଼ା, ଅନୀଲ କୁମାର ଦତ୍ତ,ଭୁବନ ଦତ୍ତ ପ୍ରମୁଖ ଗ୍ରାମବାସୀ ଆସର ସଂଚାଳନରେ ଅଗ୍ରଗ ଭୂମିକା ଗ୍ରହଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo